# ଜଣା ଅଜଣା

## ତୃତୀୟ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଜଣା ଅଜଣା

## ତୃତୀୟ ଶ୍ରେଣୀ

**ଲେଖକ :**

ଶ୍ରୀ ନିରଂଜନ ଜେନା

ଶ୍ରୀମତୀ ସ୍ନେହପ୍ରଭା ମହାପାତ୍ର

ଶ୍ରୀମତୀ ଚନ୍ଦ୍ରିକା ନାୟକ

**ସମୀକ୍ଷକ :**

ଶ୍ରୀ ନିରଂଜନ ଜେନା

ଶ୍ରୀ ପ୍ରମୋଦ କୁମାର ମଲ୍ଲିକ

**ସଂଯୋଜନା :**

ଡ. ପ୍ରୀତିଲତା ଜେନା

ଡ. ତିଳୋତ୍ତମା ସେନାପତି

ଡ. ସବିତା ସାହୁ

**ପ୍ରକାଶକ :**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,

ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୧୦

୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ସୂଚୀପତ୍ର



| ପାଠ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ | **ଘରେ - ବାହାରେ - ରାସ୍ତାରେ** | ୧ |
| ଦ୍ୱିତୀୟ | **କେଉଁଠି କ'ଣ ହୁଏ** | ୧୨ |
| | ଡାକ୍ତରଖାନା | ୧୩ |
| | ଡାକଘର | ୧୭ |
| | ଶୃଙ୍ଖଳା ପ୍ରହରୀ | ୨୨ |
| | ଦମକଳ କେନ୍ଦ୍ର | ୨୫ |
| | ଅଜାଙ୍କ ବିଚାର ବଦଳିଲା | ୨୭ |
| | ଆମରି ଶାସନ ଆମରି ହାତେ | ୩୦ |
| | ଅଦାଲତ | ୩୬ |
| ତୃତୀୟ | **ବଣଭୋଜି** | ୪୦ |
| ଚତୁର୍ଥ | **ମାନଚିତ୍ର ଆଙ୍କିବା** | ୪୬ |
| | ଆମ ଜିଲ୍ଲା | ୫୧ |
| ପଞ୍ଚମ | **ପୁରାତନରୁ ନୂତନ** | ୫୫ |
| ଷଷ୍ଠ | **ସୁଖୀ ପରିବାର** | ୬୬ |
| | ଆମର ଗୁରୁଜନ | ୭୩ |
| | ଆଖି ଖୋଲିଲା | ୭୬ |
| | ନୁହେଁ ମୁଁ ଶ୍ରମିକ | ୮୦ |
| ସପ୍ତମ | **ପ୍ରାକୃତିକ ଓ କୃତ୍ରିମ ବସ୍ତୁ** | ୮୨ |
| | ଜୀବ ଓ ନିର୍ଜୀବ | ୮୪ |
| | ଉଭିଦ ଓ ପ୍ରାଣୀ | ୯୩ |
| | ଉଭିଦର ବିଭିନ୍ନ ଅଂଶ | ୯୮ |
| | ଉଭିଦର ଶ୍ରେଣୀ ବିଭାଗ | ୧୦୫ |
| | ପଶୁପକ୍ଷୀଙ୍କ ଖାଦ୍ୟାଭ୍ୟାସ | ୧୧୦ |

| ପାଠ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ଅଷ୍ଟମ | **ପପୁ ସପନରେ ଶିଖିଲା** | **୧୧୩** |
| | ପରିପାକ କ୍ରିୟା | ୧୨୨ |
| | ଶ୍ୱାସକ୍ରିୟା | ୧୨୩ |
| | ରକ୍ତ ସଞ୍ଚାଳନ | ୧୨୪ |
| ନବମ | **ବସ୍ତୁ** | **୧୨୬** |
| | **ଜଳ** | **୧୩୧** |
| | ଜଳ ଦୂଷିତ ହୁଏ କିପରି | ୧୩୭ |
| ଦଶମ | **ପୃଥିବୀ ଓ ଆକାଶ** | **୧୪୨** |




# ପ୍ରଥମ ପାଠ

## ଘରେ-ବାହାରେ-ରାସ୍ତାରେ











- ପ୍ରତି ଯୋଡ଼ା ଚିତ୍ରରୁ କେଉଁ ଚିତ୍ରଟି ତୁମର ପସନ୍ଦ ହେଉଛି ?
- ଏହା କାହିଁକି ତୁମର ପସନ୍ଦ ହେଉଛି ?
- ବିଶୃଙ୍ଖଳିତ ଭାବରେ କାମ ହେଉଥିବା ଚିତ୍ରଗୁଡ଼ିକୁ ‘X’ ଚିହ୍ନ ଦେଇ ଚିହ୍ନାଅ ।
- ଏହିପରି ଆଉ କେତେକ ଘଟଣା ତୁମ ଅଞ୍ଚଳରେ, ବିଦ୍ୟାଳୟରେ, ଘରେ ଓ ବାହାରେ ତୁମେ ଦେଖିଥିବ । ସେଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଶୃଙ୍ଖଳିତ ଓ କେଉଁଗୁଡ଼ିକ ବିଶୃଙ୍ଖଳିତ ବ୍ୟବହାର ତାହାର ତାଲିକା କର ।

| ଶୃଙ୍ଖଳିତ ବ୍ୟବହାର | ବିଶୃଙ୍ଖଳିତ ବ୍ୟବହାର |
|---|---|
| | |

**ଶିକ୍ଷକଙ୍କ ପାଇଁ ସୂଚନା** - ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ଦଳରେ ବସାଇ ପ୍ରତିଟି ଚିତ୍ରରେ ଯାହା ଦେଖୁଛନ୍ତି ବର୍ଣ୍ଣନା କରିବାକୁ କହିବେ ଏବଂ ଚିତ୍ର ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଆଲୋଚନା ମାଧ୍ୟମରେ ଆଦାୟ କରିବେ ।

ଘରେ, ବାହାରେ, ଖେଳପଡ଼ିଆରେ, ବିଭିନ୍ନ ଅନୁଷ୍ଠାନରେ ଓ ସର୍ବସାଧାରଣ ସ୍ଥାନରେ ଆମେ କେତେ ପ୍ରକାର କାମ କରୁ। ସୁବିଧାରେ କାର୍ଯ୍ୟ ହାସଲ ପାଇଁ ଆମେ କିଛି ସାଧାରଣ ନିୟମ ମାନିଥାଉ। ବଡ଼ମାନେ ବେଳେବେଳେ ଆମକୁ ଉପଦେଶ ଛଳରେ ଆମର ଭଲ ପାଇଁ ଅନେକ କଥା କହିଥାନ୍ତି। ଏହି ଉପଦେଶ ମାନି ଚଳିଲେ ଆମ କାମ ସହଜ ଓ ସୁବିଧାରେ ହୁଏ ଏବଂ ଜୀବନ ନିରାପଦ ରହେ। ନିୟମ ମାନି ଚଳିଲେ ଆମର ବ୍ୟବହାର ଶୃଙ୍ଖଳିତ ହୋଇପାରିବ। ଅନ୍ୟକୁ ଅସୁବିଧାରେ ନ ପକାଇ ଆମେ ସବୁ କାମ କଲେ ଶାନ୍ତି ଶୃଙ୍ଖଳା ରହିବ।

୧. ତଳ କଥାଗୁଡ଼ିକରୁ ତୁମେ ଯେଉଁ କଥାଗୁଡ଼ିକ ଭଲ ବୋଲି ଭାବୁଛ ସେଗୁଡ଼ିକୁ ପାଖ ବାକ୍ସରେ '✔' ଚିହ୍ନ ଦିଅ।

- ପିତାମାତାଙ୍କ କଥା ମାନି ଚଳିବା। ☐
- ବହିପତ୍ର ଏଣେ ତେଣେ ଫୋପାଡ଼ିବା। ☐
- ଘରେ ଭାଇଭଉଣୀଙ୍କ ସହ ମାଡ଼ପିଟ କରିବା। ☐
- ଠିକ ସମୟରେ ସ୍କୁଲକୁ ଯିବା। ☐
- ଭାଇଭଉଣୀଙ୍କୁ ସ୍ନେହ କରିବା। ☐
- ଘରକୁ ଆସୁଥିବା ଅତିଥିଙ୍କୁ ପ୍ରଣାମ କରିବା। ☐
- ଶ୍ରେଣୀ ଗୃହରେ ଶିକ୍ଷକ ପଢ଼ାଉଥିବା ସମୟରେ ସାଙ୍ଗପିଲାଙ୍କ ସହ ମାଡ଼ଗୋଳ କରିବା। ☐
- ସ୍ୱାଧୀନତା ଦିବସରେ ବଣ୍ଟାହେଉଥିବା ମିଠେଇକୁ ଧାଡ଼ିବାନ୍ଧି ଛିଡ଼ାହୋଇ ନେବା। ☐
- ଶ୍ରେଣୀ ବାହାରେ ସମସ୍ତ ଛାତ୍ରଛାତ୍ରୀଙ୍କର ଚପଲକୁ ଧାଡ଼ିରେ ସଜାଡ଼ି ରଖିବା। ☐
- ନିଜର ଖେଳଣାକୁ ସାଙ୍ଗସାଥୀଙ୍କୁ ନ ଦେବା । ☐
- ବିଦ୍ୟାଳୟରୁ ଫେରି ନିଜ ପୋଷାକ,ବହି, ଚପଲକୁ ଉପଯୁକ୍ତ ସ୍ଥାନରେ ରଖିବା। ☐
- ଦୋକାନରୁ ଜିନିଷ କିଣିବା ବେଳେ ନିଜର ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା ନକରି ଠେଲାପେଲା କରିବା । ☐
- ଶୋଭାଯାତ୍ରାରେ ଗଲାବେଳେ ଶୃଙ୍ଖଳାର ସହ ଧାଡ଼ିବାନ୍ଧି ଯିବା । ☐
- ଶ୍ରେଣୀରେ ଶିକ୍ଷକ ପଢ଼ାଉଥିବା ବେଳେ ଗପ କରିବା। ☐
- ଭୋଜିରେ ଠେଲାପେଲା କରି ଖାଇବାକୁ ଚେଷ୍ଟା କରିବା ନାହିଁ । ☐
- ଖାଇସାରି ଆଗେ ନ ଉଠି ସମସ୍ତଙ୍କ ସାଙ୍ଗରେ ଉଠିବା। ☐
- ହାତ ଧୋଇଲାବେଳେ ଜଣ ଜଣ କରି ହାତ ଧୋଇବା । ☐

୨. ୧ ନମ୍ବର କାର୍ଯ୍ୟରେ ଚିହ୍ନାଇଥିବା ଭଲ କାମଗୁଡ଼ିକ ପରି ପରିବାରରେ ଆଉ କେଉଁ ସବୁ କାମ କଲେ ଭଲହେବ ତାହା ତୁମ ବାପା, ମାଆ, ଭାଇ, ଭଉଣୀଙ୍କଠାରୁ ବୁଝି ଲେଖ ।

☆ ______________________ ☆ ______________________
☆ ______________________ ☆ ______________________
☆ ______________________ ☆ ______________________

୩. ଛୁଟିଦିନ ବ୍ୟତୀତ ଅନ୍ୟସବୁ ଦିନ ତୁମେ ବିଦ୍ୟାଳୟକୁ ଆସୁଛ । ପରିବାର ଭଳି ଏଠି ମଧ୍ୟ ତୁମକୁ କିଛି ନିୟମ ମାନିବାକୁ ପଡ଼େ । ବିଦ୍ୟାଳୟ ନିୟମଗୁଡ଼ିକର ଗୋଟିଏ ତାଲିକା କର ।

☆ ______________________ ☆ ______________________
☆ ______________________ ☆ ______________________
☆ ______________________ ☆ ______________________

୪. ଆମେ କିଛି ଖେଳ ଘର ଭିତରେ ଖେଳୁ ଓ ଆଉ କିଛି ଖେଳ ପଡ଼ିଆରେ ଖେଳୁ । ପ୍ରତି ଖେଳ ପାଇଁ କିଛି ନିୟମ ରହିଛି ଓ ଖେଳିବା ବେଳେ ଆମେ ତାହା ପାଳନ କରୁଛୁ । ତୁମେ ଖେଳୁଥିବା ଗୋଟିଏ ଖେଳ ଓ ତା'ର ନିୟମଗୁଡ଼ିକୁ ଲେଖ ।

________________________________________________

________________________________________________

୫. ରାସ୍ତାରେ ଯିବା ଆସିବା ପାଇଁ ଆମେ କିଛି ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଛୁ । ତୁମେ ସେ ନିୟମଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ପାଳନ କରୁଛ ଲେଖ ।

________________________________________________

________________________________________________

ଯାନବାହନ ସବୁ ରାସ୍ତାରେ ନିଜ ବାମପଟେ ଯାଆନ୍ତି । ରାସ୍ତାରେ ଗଲାବେଳେ ଆମେ –

- ସାବଧାନତାର ସହ ରାସ୍ତାକଡ଼ରେ ଚାଲିବା ।
- ରାସ୍ତା ପାରିହେବା ସମୟରେ ବାମ ଓ ଡାହାଣ ଉଭୟ ପାର୍ଶ୍ୱକୁ ଦେଖି ପାରିହେବା ।

- ସାଙ୍ଗସାଥୀଙ୍କ ସହ ଚାଲିଲାବେଳେ ଦଳବାନ୍ଧି ଚାଲିବା ନାହିଁ ।
- ସାଇକେଲରେ ଯିବା ସମୟରେ  ଦଳବାନ୍ଧି ଯିବା ନାହିଁ ।
- ସ୍କୁଟର / ମୋଟରସାଇକେଲରେ ଗଲାବେଳେ ଚାଳକ ହେଲମେଟ୍ ବ୍ୟବହାର କରିବେ ।
- ରାସ୍ତାରେ ଗଲାବେଳେ ଅନ୍ୟମନସ୍କ ରହିବା ନାହିଁ ।
- ରାସ୍ତା ମଝିରେ ଖେଳିବା ନାହିଁ ।
- ରାସ୍ତା ମଝିରେ ଛିଡ଼ା ହୋଇ ଗପିବା ନାହିଁ ।
- ରାସ୍ତାରେ କଦଳୀ ଚୋପା ଓ ଅଳିଆ ପକାଇବା ନାହିଁ ।
- ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର କରିବା ନାହିଁ ।

ଆହୁରି ମଧ୍ୟ ଏହିଭଳି ନିୟମ ମାନିବା ପାଇଁ ରାସ୍ତା କଡ଼ରେ କେତେକ ସଙ୍କେତ ଦିଆଯାଇଥାଏ । ଆସ, ସେଥିମଧ୍ୟରୁ କେତୋଟି ସଙ୍କେତ ବିଷୟରେ ଜାଣିବା ।

| ସୂଚନା | ସଙ୍କେତ |
| --- | --- |
| ☆ ଦୂରତା |  |
| ☆ ଆଗରେ ରାସ୍ତା ମରାମତି ଚାଲିଛି, ରାସ୍ତା ବନ୍ଦ |  |
| ☆ ଗାଆଁର ନାମ |  |
| ☆ ଆଗରେ ସ୍କୁଲ ଅଛି, ଗାଡ଼ି ଧୀରେ ଚଳାଅ |  |

* ଆଗକୁ ରାସ୍ତା ବାମ ପଟକୁ
  ବୁଲିଛି ।



* ଆଗରେ ହମ୍ପସ୍ ଅଛି, ଗାଡ଼ି
  ଧୀରେ ଚଳାଅ ।



* ଆଗରେ ଅଣଓସାରିଆ ପୋଲ
  ଅଛି, ଅନ୍ୟ ଗାଡ଼ି ଆସୁଥିଲେ
  ଅପେକ୍ଷା କର ।



* ଆଗରେ ଅଣଓସାରିଆ ରାସ୍ତା ଅଛି,
  ଧୀରେ ଗାଡ଼ି ଚଳାଅ ।



* ଆଗରେ ଫାଟକ ଥିବା ଲେବୁଲ କ୍ରସିଂ,
  ଫାଟକ ବନ୍ଦଥିଲେ ଅପେକ୍ଷା କର ।



* ଆଗରେ ଜଗୁଆଳି ନାହିଁ କି ଫାଟକ ନାହିଁ,
  ଗାଡ଼ିକୁ ଦେଖି ଲାଇନ୍ ପାରି ହୁଅ ।



* ଜେବ୍ରା କ୍ରସିଂ, ଏହିଠାରେ ପଦଚାରୀମାନେ
  ରାସ୍ତା ପାରି ହୁଅନ୍ତୁ ।



ରାସ୍ତାରେ ଯିବାବେଳେ ଏହିସବୁ ସଙ୍କେତ ଦେଉଥିବା ସୂଚନାକୁ ନ ମାନିଲେ କ'ଣ ଅସୁବିଧା ହେବ ଲେଖ : ______________________________

______________________________

______________________________




ଚିତ୍ର ଦେଖି ସହରାଞ୍ଚଳରେ ଟ୍ରାଫିକ୍ ପୋଲିସ ଯାନବାହନ ଯାତାୟାତକୁ କିପରି ନିୟନ୍ତ୍ରଣ କରୁଛନ୍ତି ଲେଖ ।

______________________________

______________________________

ଆଜିକାଲି ବଡ଼ ବଡ଼ ସହରରେ ଟ୍ରାଫିକ୍ ପୋଲିସ ବଦଳରେ ସ୍ୱୟଂଚାଳିତ ଟ୍ରାଫିକ୍ ଯନ୍ତ୍ରରୁ ବିଜୁଳି ଆଲୋକ ସଂକେତ ଦ୍ୱାରା ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରାଯାଉଛି । ଛକ ଜାଗାରେ ବିଜୁଳି ଖୁଣ୍ଟରେ ନାଲି, ହଳଦିଆ ଓ ସବୁଜ ରଙ୍ଗର ବତି ଜଳେ ଓ ଲିଭେ ଏବଂ ସମୟ ସୂଚାଉଥିବା ଘଡ଼ି ଲାଗିଥାଏ । ବତିର ରଙ୍ଗ ଭିନ୍ନ ଭିନ୍ନ ସଙ୍କେତକୁ ସୂଚନା ଦିଏ ।

ଯେପରି—

ନାଲି ବତି ଜଳିଲେ ⟶ ଗାଡ଼ି ରହିବ ।

ହଳଦିଆ ବତି ଜଳିଲେ ⟶ ଯିବା ପାଇଁ ପ୍ରସ୍ତୁତ ହୁଅ ।

ସବୁଜ ବତି ଜଳିଲେ ⟶ ନିରାପଦରେ ଯାଇପାର ।

## ଅଭ୍ୟାସ

୧. ଧାଡ଼ିରେ ରହିବା ନିୟମଟି କେଉଁ କେଉଁଠାରେ ଉପଯୋଗୀ ସେଥିରେ ଠିକ (✓) ଚିହ୍ନ ଦିଅ ।

- ☆ ପ୍ରାର୍ଥନା ସ୍ଥଳରେ
- ☆ ଡାକ୍ତରଖାନାରେ ଚିକିତ୍ସାବେଳେ
- ☆ ଖେଳପଡ଼ିଆରେ ଖେଳିବାବେଳେ
- ☆ ବଗିଚାରେ ଘାସ ବାଛିବାବେଳେ
- ☆ ବ୍ୟାଙ୍କରୁ ଟଙ୍କା ଉଠାଇବାବେଳେ
- ☆ ଶ୍ରେଣୀରେ ଦଳଗତ ଶିକ୍ଷଣ କାର୍ଯ୍ୟ କରିବାବେଳେ
- ☆ ରାସ୍ତାରେ ଏକୁଟିଆ ଚାଲିଲାବେଳେ
- ☆ ପୂଜା ଉତ୍ସବ ଗହଳିରେ ଠାକୁର ଦର୍ଶନବେଳେ
- ☆ ଟ୍ରେନ୍ ବା ବସ୍‌ରେ ଚଢ଼ିବାବେଳେ
- ☆ ବିଦ୍ୟାଳୟରେ ବଣ୍ଟାହେଉଥିବା ପୁସ୍ତକ ନେବାବେଳେ
- ☆ ସାଧାରଣତନ୍ତ୍ର ଦିବସରେ ଗାଁ ବା ସହର ପରିକ୍ରମା ସମୟରେ
- ☆ ରେଳଷ୍ଟେସନରେ ଟିକେଟ୍ କାଟିବା ସମୟରେ
- ☆ ମେଳାରେ ବୁଲୁଥିବା ସମୟରେ
- ☆ ବିଦ୍ୟାଳୟର ଛୁଟି ଘଣ୍ଟି ବାଜିଲେ ଶ୍ରେଣୀ କକ୍ଷରୁ ବାହାରିଲାବେଳେ

୨. ଧାଡ଼ିରେ ଠିଆହେବା ନିୟମ ମାନିଲେ କି କି ସୁବିଧା ହୁଏ, ଲେଖ ।

______________________________


______________________________

______________________________

୩. ତୁମେ ଯେଉଁ କାମଗୁଡ଼ିକୁ ପସନ୍ଦ କରୁଛ, ସେହି ବେଲୁନ୍‌ରେ ଠିକ (✓)ଚିହ୍ନ ଦିଅ ।



୪. ଟ୍ରାଫିକ୍ ସଙ୍କେତ ଦେଖାଉଥିବା  ଯନ୍ତ୍ରର ଚିତ୍ରରେ ରଙ୍ଗ ଦିଅ ଓ ସୂଚନାଗୁଡ଼ିକୁ ଲେଖ ।



________________

________________

________________

୫.   ରାସ୍ତାରେ ଚାଲିଲାବେଳେ କେଉଁ କେଉଁ ନିୟମ ମାନିବ ଲେଖ ।

________________

________________

________________

୬.  ତୁମେ ଦୋକାନକୁ ଲୁଣ କିଣିବା ପାଇଁ ଯାଇଛ । ଦୋକାନରେ ୪/୫ ଜଣ ବ୍ୟକ୍ତି ତୁମ ପୂର୍ବରୁ ଛିଡ଼ା ହୋଇଛନ୍ତି । ତୁମେ ସେଠାରେ କ'ଣ କରିବ ଲେଖ ।

☆ ________________

୭. ହିମାଚଳ ପ୍ରଦେଶରେ ନୈନା ଦେବୀ ମନ୍ଦିରରେ ଦିଅଁ ଦର୍ଶନପାଇଁ ଯାଇଥିବା ଶ୍ରଦ୍ଧାଳୁମାନଙ୍କ ମଧ୍ୟରୁ ୧୬୭ଜଣ ଦଳାଚକଟାରେ ମଲେ ।

ଯୋଧ୍‌ପୁରର ଚାମୁଣ୍ଡା ମନ୍ଦିରରେ ପ୍ରବେଶ କଲାବେଳେ ଦଳାଚକଟାରେ ୨୦୦ ଜଣ ଲୋକ ମଲେ ।

ଏହି ଦୁଇଟି ଘଟଣା କେଉଁ କାରଣରୁ ଘଟିଲା ଓ କି ନିୟମ ମାନିଥିଲେ ଏପରି ଘଟି ନ ଥାଆନ୍ତା ଲେଖ ।

________________________________________

________________________________________

________________________________________

୮. ଶିକ୍ଷକ ବା ବାପାମା'ଙ୍କ ସହ ରେଳଷ୍ଟେସନ, ବସଷ୍ଟାଣ୍ଡ, ମନ୍ଦିର, ଡାକ୍ତରଖାନା ଓ କଣ୍ଟ୍ରୋଲ ଦୋକାନକୁ ଯାଇ ସେଠାରେ କି କି ନିୟମ ପାଳନ କରାଯାଉଛି ଖାତାରେ ଲେଖି ଆଣି ସାଙ୍ଗସାଥୀଙ୍କ ସହ ଆଲୋଚନା କର ।

# ଦ୍ୱିତୀୟ ପାଠ

## କେଉଁଠି କ'ଣ ହୁଏ

ତଳ ଚିତ୍ରଗୁଡ଼ିକୁ ଦେଖ ଓ ପ୍ରତ୍ୟେକଟି କାହାର ଚିତ୍ର ଲେଖ।









ନିତିଦିନିଆ ଜୀବନରେ ଆମେ ବିଭିନ୍ନ ସୁବିଧା ସୁଯୋଗ ଦରକାର କରୁ। ବିଭିନ୍ନ ଅନୁଷ୍ଠାନ ଏହିଭଳି ଅନେକ ସୁବିଧା ସୁଯୋଗ ଆମକୁ ଯୋଗାଇ ଦେଇଥାଆନ୍ତି। ଏହି ଅନୁଷ୍ଠାନଗୁଡ଼ିକ ଆମକୁ କିପରି ସାହାଯ୍ୟ କରନ୍ତି ଆସ ଜାଣିବା।

# ଡାକ୍ତରଖାନା








- ପ୍ରତ୍ୟେକ ଚିତ୍ରରେ କ'ଣ ହେଉଛି ଲେଖ। କାହାପରେ କେଉଁ ଚିତ୍ର ରହିବ ସଜାଡ଼ି ୧, ୨, ୩, ୪, ୫, ୬ ନମ୍ବର ଦିଅ।

- କେଉଁ  କାରଣରୁ  ତୁମେ ଓ ତୁମ ଘରର ସଦସ୍ୟମାନେ ଡାକ୍ତରଙ୍କ ପାଖକୁ ଯାଅ ଲେଖ –

______________________________________

______________________________________

______________________________________

- ତୁମେ ତୁମ ସାଙ୍ଗ ଓ ଶିକ୍ଷକ ବା ପିତାମାତାଙ୍କ ସାଙ୍ଗରେ ଡାକ୍ତରଖାନାକୁ ବୁଲିଯାଅ । ଡାକ୍ତରଖାନାରେ ହେଉଥିବା କାର୍ଯ୍ୟକୁ ଲକ୍ଷ୍ୟ କର । ସେଠାରେ କ'ଣ ସବୁ ଦେଖିଲ ଲେଖ –

______________________________________

______________________________________

______________________________________

ଡାକ୍ତରଖାନା ଅତି ଦରକାରୀ ଅନୁଷ୍ଠାନ ଅଟେ। ଲୋକମାନଙ୍କର ରୋଗ ଭଲ କରିବାରେ ଏହା ସାହାଯ୍ୟ କରିଥାଏ ।

ଚିତ୍ରରେ ଥିବା ପ୍ରତ୍ୟେକ ଜିନିଷର ନାମ ଓ ତାହାର କାମ ବିଷୟରେ ଲେଖ ।

| | | | |
|---|---|---|---|
|  |  |  |  |
| | | | |

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥାଏ। ସେଠାରେ ଡାକ୍ତରଙ୍କ ସହିତ ନର୍ସ, କମ୍ପାଉଣ୍ଡର, ସ୍ୱାସ୍ଥ୍ୟ ପରିଦର୍ଶିକା ଓ ଅନ୍ୟାନ୍ୟ କର୍ମଚାରୀ ଥାଆନ୍ତି। ଏଠାରେ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା କରାଯାଇଥାଏ। ଔଷଧପତ୍ର ମଧ୍ୟ ମାଗଣାରେ ଦିଆଯାଏ। ରୋଗୀମାନେ ଏଠାରେ ରହି ଚିକିତ୍ସିତ ହେବାର ସୁବିଧା ମଧ୍ୟ ଥାଏ।

ଏହାଛଡ଼ା ସ୍ୱାସ୍ଥ୍ୟରକ୍ଷା ବିଷୟରେ ଗାଆଁଲୋକଙ୍କୁ ବୁଝାଇବା ପାଇଁ ଜଣେ ସ୍ୱାସ୍ଥ୍ୟକର୍ମୀ ପ୍ରତି ପଞ୍ଚାୟତରେ ଥାଆନ୍ତି। ସହରମାନଙ୍କରେ ଲୋକମାନଙ୍କ ଚିକିତ୍ସା ପାଇଁ ଛୋଟ ବଡ଼ ଅନେକ ଡାକ୍ତରଖାନା ଥାଏ। ସରକାରୀ ଡାକ୍ତରଖାନା ବ୍ୟତୀତ ପୌର ପରିଷଦ ତରଫରୁ ଡାକ୍ତରଖାନା ଖୋଲାଯାଇଥାଏ। ଏଠାରେ ମାଗଣାରେ ଚିକିତ୍ସା କରାଯାଏ। ବଡ଼ ବଡ଼ ଡାକ୍ତରଖାନାରେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଅଲଗା ଅଲଗା ବିଶେଷଜ୍ଞ ଡାକ୍ତର ଓ ମୂଲ୍ୟବାନ ଯନ୍ତ୍ରପାତି ଥାଏ। ଆଜିକାଲି ଅନେକ ବେସରକାରୀ ଡାକ୍ତରଖାନାବାସେବା ସଦନ ମଧ୍ୟ ଖୋଲାଯାଇଛି। ସେଠାରେ ଲୋକମାନେ ଟଙ୍କା ଦେଇ ଚିକିତ୍ସିତହେଉଛନ୍ତି।

## ଅଭ୍ୟାସ

୧. ଡାକ୍ତରଖାନାରେ କିଏ କିଏ କାମ କରନ୍ତି ?

__________, __________, __________, __________

୨. କାହାର କାମ କ'ଣ ?

ଡାକ୍ତର –

ନର୍ସ –

ସ୍ୱାସ୍ଥ୍ୟକର୍ମୀ –

କମ୍ପାଉଣ୍ଡର –

୩. ଡାକ୍ତରଖାନା ନ ଥିଲେ ଆମର କି ଅସୁବିଧା ହେଉଥାଆନ୍ତା ?

______________________________

______________________________

୪. ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲୋକଙ୍କର କି ପ୍ରକାର ସୁବିଧା କରେ ?

______________________________

୫. ତୁମେ କ'ଣ କରିବ ଲେଖ।

(କ) ତୁମର ଜଣେ ବନ୍ଧୁ ବେମାର ପଡ଼ିଲେ -

(ଖ) ପାଖ ପଡ଼ିଶାରେ ହଇଜା ରୋଗ ହେଲେ -

(ଗ) ତୁମକୁ ସର୍ଦ୍ଦିକାଶ ହେଲେ -

୬. ଷ୍ଟେଥୋସ୍କୋପର ଚିତ୍ର ଅଙ୍କନ କର ।



**ତୁମ ପାଇଁ କାମ -** ଗୋଟିଏ କାହାଳୀ, ରବର ନଳୀଖଣ୍ଡ, ଖଣ୍ଡେ ପତଳା କପଡ଼ା / ବେଲୁନ ନିଅ। ରବରନଳୀର ଗୋଟିଏ ମୁଣ୍ଡରେ କାହାଳୀର ନଳକୁ ଯୋଡ଼ ଓ କାହାଳୀ ମୁହଁରେ ବେଲୁନ୍ / ପତଳା କନା ବାନ୍ଧ। କାହାଳୀ ମୁହଁକୁ ଛାତି ଉପରେ ରଖ ଓ ରବରନଳୀର ଅନ୍ୟ ମୁହଁକୁ କାନରେ ଦେଲେ ଦୁକ୍‌ଦୁକ୍ ଶବ୍ଦ ଶୁଣିପାରିବ। ଏହାକୁ ତିଆରି କରିବା ପାଇଁ ଶିକ୍ଷକଙ୍କ ସାହାଯ୍ୟ ନିଅ।



# ଡାକଘର

ଦିନ ଦି'ପହର ବେଳ। ବୁଢ଼ୀଟି ଗାଁ ଦାଣ୍ଡରେ ଚାଲିଥାଏ। ପଛରୁ ଡାକ ଶୁଭିଲା 'ଚିଠି' ନିଅ। ଗାଆଁ ଡାକ ପିଅନ ବୁଢ଼ୀ ହାତକୁ ତା'ପୁଅ ଚେମା ପାଖରୁ ଆସିଥିବା ଲଫାପା ଖଣ୍ଡକ ଦେଲା। ତା'ପରେ ତା ବ୍ୟାଗରୁ କଳା ଡବାଟି ବାହାର କଲା। ବୁଢ଼ୀର ବାଁ ହାତ ବୁଢ଼ା ଆଙ୍ଗୁଠିରୁ ଟିପ ଚିହ୍ନ ନେଇ କାଗଜ ଚିରୁକୁଟି ସହିତ ପାଞ୍ଚୋଟି ଶହେଟଙ୍କିଆ ନୋଟ୍ ବୁଢ଼ୀକୁ ଦେଲା। ଟଙ୍କାକୁ କାନିରେ ବାନ୍ଧି ବୁଢ଼ୀ ଚିଠିକୁ ବହେ ଗେଲ କଲା। ନାକ ସିଧା ଚାଲିଲା ନାରଣ ପାଖକୁ। ନାରଣଟି ପାଠୁଆ ପିଲା। ଭାରି ଭରସା ତା'ଉପରେ। ଚିଠି ପଢ଼ି ଚେମାର ଭଲ ଖବର ଶୁଣାଇଲା। କାନିରୁ ଟଙ୍କା ଫିଟେଇ ଚେମାବୋଉ ନାରଣକୁ ଚୁପ୍‌ଚୁପ୍ କହିଲା, ''ନାରଣ, ଟଙ୍କାତକ ତୋ ପାଖରେ ଥାଉ। ମୋର ତ ଏକୁଟିଆ ଘର। କେତେବେଳେ କ'ଣ ହେବ।'' ନାରଣ କହିଲା, ''ଖୁଡ଼ି, ଟଙ୍କା ମୋ ପାଖରେ ରହିବା ଅପେକ୍ଷା ଡାକଘରେ ରଖିବା ନିରାପଦ। ତା' ଛଡ଼ା ଏଥିପାଇଁ ତମକୁ ସୁଧ ବି ମିଳିବ। ଚାଲ ମୁଁ ତମ ନାଁରେ ସଞ୍ଚୟ ବହିଟିଏ ଖୋଲିଦେବି।''

ଡାକଘରେ ପହଞ୍ଚି ବୁଢ଼ୀ କେତେ କ'ଣ ଦେଖିଲା। ତା'ପରେ ସଞ୍ଚୟ ବହି ଧରି ନାରଣ ସହ ଘରକୁ ଫେରିଲା।




**ଉତ୍ତର ଲେଖ।**

- ବୁଢ଼ୀ ପାଖରେ ତା ପୁଅ ଚେମାର ଚିଠି କିପରି ପହଞ୍ଚିଲା ?
- ବୁଢ଼ୀ ଡାକଘରେ କ'ଣ କ'ଣ ଦେଖିଥିବ ?
- ଡାକଘରେ ଟଙ୍କା ସଞ୍ଚୟ କରି ରଖିଲେ କ'ଣ ସୁବିଧା ହୁଏ ?

ଶିକ୍ଷକଙ୍କ ସହ ତୁମେ ଖାତା କଲମ ଧରି ନିକଟରେ ଥିବା ଡାକଘର ବୁଲିଯାଅ । ସେଠାରେ କିଏ କାମ କରୁଛନ୍ତି, କିକି କାମ ହେଉଛି ,କ'ଣ କ'ଣ ବିକ୍ରି ହେଉଛି,କାହାର ଦାମ କେତେ ଦେଖ। ଶିକ୍ଷକଙ୍କୁ ସେଠାରେ କାମ କରୁଥିବା ଲୋକମାନଙ୍କ ବିଷୟରେ ପଚାରି ଖାତାରେ ଲେଖିକରି ଆଣ । ସେଠାରୁ ପୋଷ୍ଟକାର୍ଡ଼, ଲଫାପା ଓ ଅନ୍ତର୍ଦ୍ଦେଶୀୟ ପତ୍ର ସଂଗ୍ରହ କରି ଆଣ । ସେଗୁଡ଼ିକର ଚିତ୍ର ନିଜ ଖାତାରେ ଅଙ୍କନ କର ଓ ପ୍ରତ୍ୟେକଟିରେ ରଙ୍ଗ ଦିଅ । ତଳ ସାରଣୀରେ ଥିବା ଖାଲି ଘର ପୂରଣ କର ।

| | ଲଫାପା | ପୋଷ୍ଟକାର୍ଡ଼ | ଅନ୍ତର୍ଦ୍ଦେଶୀୟ ପତ୍ର |
|---|---|---|---|
| ମୂଲ୍ୟ | | | |
| ରଙ୍ଗ | | | |
| ବ୍ୟବହାର | | | |

- ଡାକଘରେ କି କି କାମ ହୁଏ ଲେଖ ।

______________________________

______________________________

______________________________

- ଡାକଘରେ କ'ଣ କ'ଣ ମିଳେ, ତାଲିକା କର ।

______________ ______________

______________ ______________

______________ ______________

ଶିକ୍ଷକଙ୍କ ପାଇଁ ସୂଚନା :- ଶିକ୍ଷାର୍ଥୀମାନଙ୍କୁ ନେଇ ନିକଟରେ ଥିବା ଡାକଘରକୁ ଯିବେ ଏବଂ କି କି ଜିନିଷ ବିକ୍ରି ହୁଏ ସେ ବିଷୟରେ କହିବେ । ପୋଷ୍ଟକାର୍ଡ଼, ଲଫାପା ଓ ଅନ୍ତର୍ଦ୍ଦେଶୀୟ ପତ୍ର, ଡାକଟିକଟ ଗୋଟିଏ ଲେଖାଏଁ ଆଣି ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇ ପାର୍ଥକ୍ୟ ଲେଖିବାକୁ କହିବେ । ପ୍ରତିଦଳ ଗୋଟିଏ ଲେଖାଏଁ ପାର୍ଥକ୍ୟ କହିବେ । ଶିକ୍ଷକ କଳାପଟାରେ ଲେଖିବେ । ଡାକଘରର କାମ ବିଷୟରେ ମଧ୍ୟ ଆଲୋଚନା କରିବେ ।

**ଗୀତଟି ବୋଲ ଓ ଅଭିନୟ କର -**

ନାଆଁ ମୋର ଡାକବାଲାଟି
ଘର ଘର ବୁଲି ବାଣ୍ଟଇ ଚିଠି
ନାଆଁ ମୋର ଡାକବାଲାଟି ।

ଦେହରେ ମୋର ଖାକି ପୋଷାକ,
କାନ୍ଧେ ଥଳି ମୋ ରୂପ ଭେକ ।
ସକାଳ ପହରୁ ବୁଲେ ଗାଁ ଗଳି
ବେଳ ବୁଡ଼େ ମୁଁ ଘର ଫେରେଟି
ନାଆଁ ମୋର ଡାକବାଲାଟି ।

ସରକାରୀ କରମଚାରୀ,
ବଡ଼ ବିଶ୍ୱାସୀ ମୁଁ ସବୁରି,
ଚିଠି ଟଙ୍କା ବା ପାରସଲ,
ଠିକ କରି ବାଣ୍ଟି ଦିଏଟି,
ନାଆଁ ମୋର ଡାକବାଲାଟି ।



- ତଳେ ଥିବା ଚିତ୍ରଗୁଡ଼ିକ ଦେଖ ଓ ପ୍ରତ୍ୟେକ ଚିତ୍ର ପାଖରେ ତାହାର ନାମ ଲେଖି ତା’ ବିଷୟରେ ଗୋଟିଏ ଧାଡ଼ି ଲେଖ ।

ନାମ



____________________

____________________



____________________

____________________











ଡାକଯୋଗେ ଚିଠିପତ୍ର ଦେବାନେବା ବ୍ୟତୀତ କେତେକ ଜିନିଷ ପାର୍ସଲ କରି ପଠାଯାଏ। ମନିଅର୍ଡର ଦ୍ୱାରା ଟଙ୍କା ମଧ୍ୟ ପଠାଯାଏ। ବଡ଼ ବଡ଼ ଡାକଘରେ ଟେଲିଫୋନ୍, ଟେଲିଗ୍ରାମ୍ ଓ ତୁରନ୍ତ ଡାକଯୋଗେ ଚିଠିପତ୍ର ପଠାଇବାର ସୁବିଧା ଥାଏ। ଏଗୁଡ଼ିକ ଦ୍ୱାରା ଦୂର ଜାଗାକୁ ଶୀଘ୍ର ଖବର ପଠାଯାଇଥାଏ। ଡାକଘରେ ବିଭିନ୍ନ ମୂଲ୍ୟର ଡାକଟିକଟ କିଣିବାକୁ ମିଳେ। ସେଗୁଡ଼ିକୁ ଲଗାଇ ଚିଠିପତ୍ର ମଧ୍ୟ ପଠାଯାଏ। ଚିଠି ଉପରେ ଚିଠି ପାଇବା ଓ ଚିଠି ପଠାଇବା ଲୋକର ନାମ ଏବଂ ଠିକଣା ଲେଖାଯାଏ। ପାଖ ପୋଷ୍ଟକାର୍ଡ଼ରେ ଜେଜେଙ୍କ ଠିକଣା ଏବଂ ଲଫାପାରେ ଅଜାଙ୍କ ଠିକଣା ଲେଖ।






## ଅଭ୍ୟାସ

୧. ମୂଲ୍ୟ ଅନୁସାରେ ସଜାଅ (କମ୍‌ରୁ ବେଶି କ୍ରମରେ)

ଲଫାପା, ପୋଷ୍ଟକାର୍ଡ଼, ଅନ୍ତର୍ଦ୍ଦେଶୀୟ ପତ୍ର

____________ ______________ ____________

୨. ଶୂନ୍ୟସ୍ଥାନ ପୂରଣ କର।

(କ) ............. ଡାକଘରର ମୁଖ୍ୟ ଅଟନ୍ତି।

(ଖ) ଚିଠି ବାକ୍‌ସଗୁଡ଼ିକ............... ଜାଗାମାନଙ୍କରେ ଥାଏ।

(ଗ) ଡାକଘରେ............... ଦ୍ୱାରା ଟଙ୍କା ପଠାଯାଏ।

୩. କାହା ପରେ କିଏ ? ଚିତ୍ରଗୁଡ଼ିକ ଦେଖି ଚିତ୍ରରେ କ୍ରମିକ ନମ୍ବର ଦିଅ।





**ତୁମ ପାଇଁ କାମ -**

- ତୁମ ଖାତାରେ ଦେଶ ବିଦେଶର ଡାକଟିକଟ ସଂଗ୍ରହ କରି ଅଠାରେ ଲଗାଅ।
- ଟିକଟ କେଉଁଠି କେଉଁଠି ବ୍ୟବହାର କରାଯାଏ ତାହାର ତାଲିକା କର।
- ଲଫାପାଟିଏ ତିଆରି କର।



# ଶୃଙ୍ଖଳା ପ୍ରହରୀ



ଚିତ୍ର – ୧




ଚିତ୍ର–୨

ଚିତ୍ର – ୧ରେ କ'ଣ ସବୁ ଦେଖୁଛ ଲେଖ –

______________________

______________________

______________________

______________________

ଚିତ୍ର–୨ରେ ଥିବା ଜିନିଷଗୁଡ଼ିକର ନାମ ଲେଖ –

(୧)________ (୨)________

(୩)________ (୪)________

(୫)________ (୬)________

(୭)________

- ଉପର ଚିତ୍ର ଦୁଇଟି କେଉଁଠାରେ ଦେଖିବାକୁ ମିଳେ ? ______
- ଚିତ୍ର ଦେଖି ପୋଲିସ କେଉଁ କେଉଁ କାମ କରନ୍ତି ପ୍ରତ୍ୟେକ ଚିତ୍ର ତଳେ ଲେଖ ।














ଗାଆଁ ଓ ସହର ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଥାନା ଥାଏ। ପ୍ରତି ଥାନାରେ ଜଣେ ପୋଲିସ ସବ୍-ଇନ୍ସପେକ୍ଟର ମୁଖ୍ୟଭାବେ ଥାଆନ୍ତି । ବଡ଼ ବଡ଼ ଥାନାରେ ସବ୍-ଇନ୍ସପେକ୍ଟର ବଦଳରେ ଜଣେ ଜଣେ ଇନ୍ସପେକ୍ଟର ଥାନାର ମୁଖ୍ୟଭାବେ ଥାଆନ୍ତି ।

ଥାନାରେ ଥିବା ଅନ୍ୟ କର୍ମଚାରୀମାନେ ହେଲେ : ସହକାରୀ ସବ୍-ଇନ୍ସପେକ୍ଟର, ହାବିଲ୍ଦାର, କନେଷ୍ଟବଳ ଓ ଗ୍ରାମରକ୍ଷୀ ଇତ୍ୟାଦି ।

**ପୋଲିସ ଥାନାର ଟେଲିଫୋନ୍ ନମ୍ବର ହେଲା - ୧୦୦**




- ପୋଲିସଙ୍କୁ ଆମେ ବନ୍ଧୁ ବୋଲି କାହିଁକି କହିବା ?
- ଚୋରି ଜିନିଷ ଠାବ କରିବା ପାଇଁ ପୋଲିସ କେଉଁ ଗୃହପାଳିତ ପଶୁର ସାହାଯ୍ୟ ନିଏ ?

**ପୋଲିସଙ୍କୁ ଆମ୍ଭେମାନେ ମଧ୍ୟ ଦରକାର ବେଳେ ସାହାଯ୍ୟ ସହଯୋଗ କରିବା ଉଚିତ।**

## ଅଭ୍ୟାସ

୧. ପୋଲିସ କେଉଁ କେଉଁ ସ୍ଥାନରେ ଶୃଙ୍ଖଳା ରକ୍ଷା କରେ ?

______________ ______________ ______________

______________ ______________ ______________

୨. ପୋଲିସର କାର୍ଯ୍ୟଗୁଡ଼ିକ ମଧ୍ୟରୁ ଯେକୌଣସି ଚାରୋଟି କାର୍ଯ୍ୟ ଲେଖ ।

________________________________________________

________________________________________________

୩. କେଉଁ କେଉଁ କର୍ମଚାରୀ ଥାନାରେ କାମ କରନ୍ତି ?

____________, ____________, ____________, ____________

୪. ତୁମ ଅଞ୍ଚଳରେ ଚୋରି ହେଲେ ତୁମେ କ'ଣ କରିବ ଲେଖ ।




**ତୁମ ପାଇଁ କାମ -**

- କୌଣସି ମେଳା ମହୋତ୍ସବରେ ଥିବା ପୋଲିସ୍‌ମାନଙ୍କୁ ଭେଟି ସେମାନଙ୍କର ସେଦିନର ଅଭିଜ୍ଞତା ସଂଗ୍ରହ କରି ଲେଖ ।
- ତୁମେ ପୋଲିସକୁ କି କି ସାହାଯ୍ୟ କରିପାରିବ, ତା'ର ତାଲିକା କର ।



# ଦମକଳ କେନ୍ଦ୍ର



ଗାଁ ଖେଳପଡ଼ିଆରେ ପିଲାମାନେ କବାଡ଼ି ଖେଳୁଥିଲେ । ସନ୍ଧ୍ୟା ହେଲାରୁ ପିଲାମାନେ ଖେଳସାରି ଘରକୁ ଯିବାକୁ ବାହାରୁଥାନ୍ତି । ସେତିକିବେଳେ ଜଣେ କେହି ଚିତ୍କାର କରୁଥିବାର ପିଲାମାନେ ଶୁଣିଲେ । ପିଲାଙ୍କ ଭିତରୁ ଜଣେ କହିଲା, ''ଆରେ ଆମେ ଖେଳୁଥିବାବେଳେ ନଟ ମଉସା ଘାସ କାଟୁଥିଲେ, ସେ ବୋଧହୁଏ କିଛି ଅସୁବିଧାରେ ପଡ଼ିଯାଇଛନ୍ତି ।'' ସମସ୍ତେ ଏକ ସ୍ୱରରେ – 'ଚାଲ ଦେଖିବା' କହି ଶବ୍ଦ ଆସୁଥିବା ଦିଗକୁ ଗଲେ । ପିଲାମାନେ ଦେଖିଲେ ଯେ ପାଖରେ ଥିବା ଏକ ଚାନ୍ଦିନି ନ ଥିବା କୂଅରେ ନଟ ମଉସା ଗଳି ପଡ଼ି ଚିତ୍କାର କରୁଛନ୍ତି । ପିଲାମାନେ କ'ଣ କରିବେ ବୋଲି ବ୍ୟସ୍ତ ହୋଇପଡ଼ିଲେ । ଏତିକିବେଳେ ଦୁଇ ଜଣ ଧାଇଁଯାଇ ଦଉଡ଼ି ଆଣି କୂଅ ଭିତରକୁ ପକାଇଲା ବେଳେ ଆଉ ଜଣେ ଦୌଡ଼ିଯାଇ ତା' କାକାଙ୍କୁ କହିଲା ଯେ, ''ନଟ ମଉସା କୂଅରେ ଗଳି ପଡ଼ିଛନ୍ତି ।'' କାକା ସଂଗେ ସଂଗେ ଦମକଳ କେନ୍ଦ୍ରକୁ **୧୦୧** ନମ୍ବରରେ ଫୋନ୍ କଲେ । କିଛି ସମୟ ପରେ ନାଲି ଦମକଳ ଗାଡି ଘଣ୍ଟି ବଜାଇ ବଜାଇ ଆସି ପହଂଚି ନଟ ମଉସାଙ୍କୁ ଉଦ୍ଧାର କଲା । ନଟ ମଉସା ପିଲାମାନଙ୍କ ଉପରେ ବହୁତ ଖୁସି ହେଲେ ।

ତଳ ଚିତ୍ରରେ ଦିଆଯାଇଥିବା କାମଗୁଡ଼ିକ ମଧ୍ୟ ଦମକଳ କରେ ।

ଚିତ୍ର ଦେଖି ଦମକଳ କେଉଁ କେଉଁ କାମ କରେ ଲେଖ –







______________________ ______________________ ______________________




ତୁମ ଗାଁ ପାଖରେ କେଉଁଠି ଦମକଳ କେନ୍ଦ୍ର ଅଛି ପଚାରି ବୁଝ। ଆଜିକାଲି ଚାରିଆଡ଼େ ଟେଲିଫୋନ୍ ସୁବିଧା ଯୋଗୁ ସହଜରେ ଦମକଳ ଅଫିସକୁ ଖବର ପହଞ୍ଚି ପାରୁଛି। ଦମକଳ କେନ୍ଦ୍ରର ଫୋନ୍ ନମ୍ବର ହେଲା - **୧୦୧** । ଆବଶ୍ୟକ ସମୟରେ ତୁମେ ମଧ୍ୟ ଏହି ନମ୍ବରରେ ଫୋନ୍ କରିପାରିବ। ଏହି କେନ୍ଦ୍ରରେ କେତୋଟି ପାଣି ପମ୍ପ ଲାଗିଥିବା ମଟରଗାଡ଼ି, ଶିଡ଼ି ଓ ନିଆଁଲିଭାଳି ଥାଆନ୍ତି।

## ଅଭ୍ୟାସ

୧. ଦମକଳ କେଉଁ କେଉଁ କାର୍ଯ୍ୟ କରେ ?

________________________________

________________________________

୨. ତୁମ ଅଞ୍ଚଳରେ ଘର ପୋଡ଼ିଗଲେ କ'ଣ କରିବ ?

________________________________

________________________________

୩. ଦମକଳ ଗାଡ଼ିର ରଙ୍ଗ କ'ଣ ? ସେଥିରେ କ'ଣ କ'ଣ ଥାଏ ?

________________________________

________________________________

୪. ଦମକଳ ଗାଡ଼ି ଆସୁଛି ବୋଲି କିପରି ଜାଣିବ ?

________________________________

________________________________



**ତୁମ ପାଇଁ କାମ -**

ପାଖରେ ଦମକଳ କେନ୍ଦ୍ର ଥିଲେ ଶିକ୍ଷକଙ୍କ ସହିତ ସେଠାକୁ ଯାଇ ସେହି ବିଷୟରେ ଅଧିକ କଥା ବୁଝି ଲେଖ। ଯେଉଁ ପିଲାମାନଙ୍କ ଗାଁର ଆଖ ପାଖରେ ଦମକଳ କେନ୍ଦ୍ର ନାହିଁ, ଶିକ୍ଷକଙ୍କୁ / ବାପାମା'ଙ୍କୁ ସେହି ବିଷୟରେ ପଚାରି ବୁଝି ଲେଖ।



# ଅଜାଙ୍କ ବିଚାର ବଦଳିଲା



ଶ୍ୟାମ ପ୍ରଧାନଙ୍କ ନାତି ବି.ଏ. ପାଶ୍ କରିଛି, ମାତ୍ର ଚାକିରି ନାହିଁ। କଟକ ଯାଇ ବ୍ୟବସାୟ କରିବ। ଅଜାଙ୍କୁ ମାଗୁଛି କୋଡ଼ିଏ ହଜାର ଟଙ୍କା। ଅଜାଙ୍କ ଭରସା ମହାଜନ ଅଭି ସାହୁ। ଅଜା ତା' ପାଖକୁ ଗଲେ ନିଜର ଜମି ବନ୍ଧା ପକାଇ ତାଙ୍କଠାରୁ ଟଙ୍କା ଆଣିବେ। କିନ୍ତୁ ମହାଜନଙ୍କ ପାଖରେ ଟଙ୍କା ନ ଥିଲା। ସେ ଅଜାଙ୍କୁ କଥା ଦେଲେ, ସେ ନିଜେ ବ୍ୟାଙ୍କରୁ ଟଙ୍କା ଋଣ କରି ଆଣିବେ। ଅଜାଙ୍କ ଜମି ବନ୍ଧକ ରଖି ତାଙ୍କୁ ସେହି ଟଙ୍କା ଦେବେ। ବ୍ୟାଙ୍କ ଋଣ କ'ଣ? ଅଜାଙ୍କ ମନରେ ସନ୍ଦେହ!



ଅଜା ଯାଇ ମଙ୍ଗୁଲୁକୁ ପଚାରିଲେ, ''ବ୍ୟାଙ୍କର କାମ କ'ଣ ?'' ମଙ୍ଗୁଲୁ ବ୍ୟାଙ୍କରେ କାମ କରେ। ସେ କହିଲା, ''ବ୍ୟାଙ୍କରେ ଟଙ୍କା, ସୁନାଗହଣା ରଖିବା ନିରାପଦ। ଲୋକେ ଦରକାରବେଳେ କମ୍ ସୁଧରେ ବ୍ୟାଙ୍କରୁ ଋଣ ପାଆନ୍ତି। ଘର ତିଆରି, କୃଷି, ପଶୁପାଳନ, ବିଭିନ୍ନ କାମଧନ୍ଦା, ପାଠପଢ଼ା ଓ ବ୍ୟବସାୟ ପ୍ରଭୃତି ପାଇଁ କମ୍ ସୁଧରେ ବ୍ୟାଙ୍କରୁ ଋଣ ମିଳେ। ବ୍ୟାଙ୍କରେ ବିଭିନ୍ନ ପ୍ରକାର ସଞ୍ଚୟ ଯୋଜନା କାର୍ଯ୍ୟକାରୀ ହୁଏ। ବ୍ୟାଙ୍କରେ ଜମା ରଖିଥିବା ଟଙ୍କାରୁ ଆବଶ୍ୟକ ହେଲେ ଆମେ ଟଙ୍କା ଉଠାଇପାରିବା।''



ଅଜା ମଙ୍ଗୁଲୁର କଥା ଶୁଣି ମନେମନେ ମହାଜନର ଚତୁରତା ବିଷୟ ଚିନ୍ତା କରୁଥାନ୍ତି। ଅଭି ସାହୁ ବ୍ୟାଙ୍କରୁ କମ ସୁଧରେ ଋଣ ନିଏ ଓ ଗାଁ ଲୋକଙ୍କୁ କରଜ ଦେଇ ଅଧିକ ସୁଧ ପାଏ। ଅଜା ମଙ୍ଗୁଲୁକୁ ପଚାରିଲେ, ''ଆଚ୍ଛା! ମୋତେ ବ୍ୟାଙ୍କରୁ ଋଣ ମିଳିପାରିବ କି ?'' ମଙ୍ଗୁଲୁ କହିଲା ''ନିଶ୍ଚୟ ମିଳିବ। ଆପଣ ମ୍ୟାନେଜରଙ୍କୁ ସାକ୍ଷାତ କରନ୍ତୁ।'' ପରଦିନ ନାତିକୁ ସାଙ୍ଗରେ ନେଇ ଅଜା ବ୍ୟାଙ୍କରେ ହାଜର।

ଅଜା ମ୍ୟାନେଜରଙ୍କୁ ପଚାରି ବୁଝିଲେ ତାଙ୍କ ନାତିକୁ ବ୍ୟାଙ୍କ କି ପ୍ରକାର ସାହାଯ୍ୟ କରିପାରିବ। ବ୍ୟାଙ୍କରୁ ଋଣ ନେଇ ଗୋପାଳନ କେନ୍ଦ୍ର ବା ପଶୁପାଳନ କେନ୍ଦ୍ର ଖୋଲିବା ପାଇଁ ମ୍ୟାନେଜର ପରାମର୍ଶ ଦେଲେ। ମ୍ୟାନେଜରଙ୍କ କଥା ଅନୁସାରେ ନାତି ଋଣ ପାଇଁ ବ୍ୟାଙ୍କରେ ଦରଖାସ୍ତ କଲା। ତା'ପରେ ମ୍ୟାନେଜର ଋଣ ମଞ୍ଜୁର କରିଦେଲେ। ନାତି ନିଜ ଗାଁ'ରେ ଆରମ୍ଭ କଲା ଗୋପାଳନ ଓ କୁକୁଡ଼ା ପାଳନ କେନ୍ଦ୍ର। ଧୀରେ ଧୀରେ ବ୍ୟାଙ୍କ ଋଣ ଶୁଝିଦେଲା।





ପ୍ରତି ବ୍ୟାଙ୍କରେ ଜଣେ ମ୍ୟାନେଜର, ଜଣେ ହିସାବ ରକ୍ଷକ (ଆକାଉଣ୍ଟାଣ୍ଟ), ଜଣେ କୋଷାଧ୍ୟକ୍ଷ (କ୍ୟାସିୟର) ଓ ଅନ୍ୟାନ୍ୟ କର୍ମଚାରୀ ଥାଆନ୍ତି। ମ୍ୟାନେଜର ହେଉଛନ୍ତି ବ୍ୟାଙ୍କର ମୁଖ୍ୟ। ସେ ଗ୍ରାହକମାନଙ୍କର ସୁବିଧା ଅସୁବିଧା ବୁଝନ୍ତି। ଆଜିକାଲି ଟଙ୍କା ଜମାରଖିବା ଓ ଉଠାଣ ପାଇଁ **ATM** ର ବ୍ୟବସ୍ଥା ହେଲାଣି।

## ଅଭ୍ୟାସ

୧. ଖାଲି ଘରେ ଲେଖ ।




୨. ବ୍ୟାଙ୍କରେ କେଉଁ କେଉଁ କର୍ମଚାରୀ ଥାଆନ୍ତି ?

______________________________

______________________________

୩. ଅନେକ ବ୍ୟାଙ୍କରେ ATM ଥାଏ । ଏହା କ'ଣ ଶିକ୍ଷକଙ୍କ ଠାରୁ ବୁଝି ଲେଖ ।

______________________________

୪. ତୁମ ଗାଁ ପାଖରେ ବା ସହରରେ ଯେଉଁସବୁ ବ୍ୟାଙ୍କ ଥିବା ତୁମେ ଦେଖିଛ ବା ଶୁଣିଛ, ସେଗୁଡ଼ିକର ନାମ ଲେଖ । ______________________________



**ତୁମ ପାଇଁ କାମ** - ନିକଟରେ ଥିବା ବ୍ୟାଙ୍କକୁ, ବାପା ମା' କିମ୍ବା ଶିକ୍ଷକଙ୍କ ସହିତ ବୁଲିଯାଇ ସେଠାରେ ହେଉଥିବା କାମକୁ ଦେଖ ଓ ଖାତାରେ ଟିପିଆଣି ନିଜ ସାଙ୍ଗ ସହିତ ଆଲୋଚନା କର ।



# ଆମରି ଶାସନ ଆମରି ହାତେ



ବିଦ୍ୟାଳୟରେ ଖେଳଛୁଟି ହୋଇଛି । ବିଦ୍ୟାଳୟ ଖେଳପଡ଼ିଆ ପାଖକୁ ଲାଗି ଆମ୍ବଗଛ ମୂଳରେ ବସିଛନ୍ତି ଦଶ ବାରଟି ପିଲା । ନିତିଆ ଖାତାଟିଏ ମୋଡ଼ି କାହାଳୀ ପରି କରି ଗ୍ରାମ ପଞ୍ଚାୟତ ବିଷୟରେ ଭାଷଣ ଦେଉଥାଏ...... କହିଲା- ''ତୁମେ ସବୁ ଜାଣ ଯେ କେତେଗୁଡ଼ିଏ ଛୋଟ ଛୋଟ ଗ୍ରାମ କିମ୍ବା ଗୋଟିଏ ବଡ଼ ଗ୍ରାମକୁ ନେଇ ଗ୍ରାମ ପଞ୍ଚାୟତ ଗଠନ କରାହୋଇଥାଏ । ପୁଣି ପ୍ରତି ପଞ୍ଚାୟତକୁ କେତୋଟି ୱାର୍ଡ଼ରେ ଭାଗ କରା ଯାଇଥାଏ ।''

ପୁଣି କହିଲା ନିତିଆ - ''ଭାଇମାନେ, ପଞ୍ଚାୟତ ଭୋଟ ତ ସରିଲା । ପଞ୍ଚାୟତର ସବୁଲୋକ ମତେ ଭୋଟଦେଇ ପାଞ୍ଚ ବର୍ଷ ପାଇଁ ସରପଞ୍ଚ ଭାବେ ବାଛିଲେ । ଆଉ ମଧ୍ୟ ଜଣେ ନାଏବ ସରପଞ୍ଚ ଓ ୱାର୍ଡ଼ ମେମ୍ବରମାନଙ୍କୁ ନେଇ ଆମ ଗ୍ରାମ ପଞ୍ଚାୟତ ସଭା ଗଠିତ ହେଲା । ପଞ୍ଚାୟତ ଆମ ପାଇଁ କି କି କାମ କରିବ ପଞ୍ଚାୟତ ସଭାରେ ଆଜି ଏହା ସ୍ଥିର କରିବା ।''

ପ୍ରଥମ ଛାତ୍ର - ଆମ ଗାଁ ପାଇଁ ପଞ୍ଚାୟତ କ'ଣ କରିପାରିବ ?

ନିତିଆ- ପଞ୍ଚାୟତ ଗାଁ'ର ରାସ୍ତାଘାଟ ତିଆରି କରିବ ବା ମରାମତି କରିବ । ଗାଁ'ର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବ । କୃଷକମାନଙ୍କୁ ସାହାଯ୍ୟ କରିବ । ବିହନ ଓ ସାର ସେମାନଙ୍କୁ ଯୋଗାଇଦେବ । ଗାଁ'ରେ ଥିବା ବିଦ୍ୟାଳୟର ଉନ୍ନତି ପାଇଁ କାମ କରିବ ।

ଗାଁ'ରେ ଗଣ୍ଡଗୋଳ ହେଲେ ତାହାର ସମାଧାନ କରିବ। ଗାଁ'ରେ କୂଅ, ପୋଖରୀ ଖୋଳି ଗାଁ'ର ଜଳାଭାବ ଦୂର କରିବ। ପଶୁ ସମ୍ପଦର ରକ୍ଷଣାବେକ୍ଷଣ ପାଇଁ କାମ କରିବ। ପଞ୍ଚାୟତରେ ଥିବା ଗ୍ରାମସେବକ ଚାଷୀମାନଙ୍କୁ ଚାଷ ବିଷୟରେ ପରାମର୍ଶ ଦେବ।

ଦ୍ୱିତୀୟ ଛାତ୍ର – ନିତିଆ ଭାଇ, ଏତେ ସବୁ କାମ ପାଇଁ ପଞ୍ଚାୟତ ଟଙ୍କା କେଉଁଠାରୁ ପାଇବ ?

ନିତିଆ – ଶୁଣ....... ପଞ୍ଚାୟତରେ ଥିବା ହାଟ, ନଦୀଘାଟ, ପୋଖରୀ ଓ ଫଳତୋଟାକୁ ପ୍ରତିବର୍ଷ ନିଲାମ କରି ସେଥିରୁ ଟଙ୍କା ପାଇବ। ସାଇକେଲ, ରିକ୍ସା ଓ ଶଗଡ଼ ଚଳାଚଳ ପାଇଁ ଟିକସ ଆଦାୟ କରି ସେଥିରୁ ଟଙ୍କା ପାଇବ। ଆଉ ମଧ୍ୟ ସରକାର ପଞ୍ଚାୟତକୁ ପ୍ରତିବର୍ଷ କିଛି କିଛି ଅର୍ଥ ସାହାଯ୍ୟ ଦେଇଥାଆନ୍ତି।

ଶିକ୍ଷକ – (ପ୍ରବେଶ କରିଛନ୍ତି ଶିକ୍ଷକ) କିରେ ନିତିଆ, ଏଠି କ'ଣ ସବୁ ଚାଲିଛି ?

ନିତିଆ – ସାର୍, ଆମେ ଗୋଟିଏ ଦଳ ଗଢ଼ିଛୁ। ଅଭିନୟ ମାଧ୍ୟମରେ କେତୋଟି ସାମାଜିକ ଅନୁଷ୍ଠାନର ଗଠନ ଓ କାର୍ଯ୍ୟ ବିଷୟରେ ଆଲୋଚନା କରୁଛୁ। ଆଜି ଗ୍ରାମ ପଞ୍ଚାୟତ ବିଷୟରେ ଆଲୋଚନା ଚାଲିଛି, ହେଲେ ବ୍ଲକ୍ ସ୍ତରରେ ......

ଶିକ୍ଷକ – ଗ୍ରାମ ପଞ୍ଚାୟତ ପରି ବ୍ଲକସ୍ତରରେ ପଞ୍ଚାୟତ ସମିତି କାର୍ଯ୍ୟ କରିଥାଏ। ବ୍ଲକ୍‌ରେ ଥିବା ସବୁ ଗ୍ରାମ ପଞ୍ଚାୟତକୁ ନେଇ ପଞ୍ଚାୟତ ସମିତି ଗଢ଼ା ହୋଇଥାଏ। ପଞ୍ଚାୟତ ସମିତିର ମୁଖ୍ୟ ହେଉଛନ୍ତି ଚେୟାରମ୍ୟାନ ବା ସଭାପତି। ସମିତିର ସଭ୍ୟ ଓ ସଭ୍ୟା ମିଶି ତାଙ୍କୁ ବାଛିଥାଆନ୍ତି।

ତୃତୀୟ ଛାତ୍ର – ଆଉ କିଏ କିଏ ପଞ୍ଚାୟତ ସମିତିରେ କାର୍ଯ୍ୟ କରନ୍ତି ?

ଶିକ୍ଷକ – ପ୍ରତି ବ୍ଲକରେ ଜଣେ ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ) ନିଯୁକ୍ତ ହୋଇଥାଆନ୍ତି। ଚେୟାରମ୍ୟାନଙ୍କ ପରାମର୍ଶ ଅନୁସାରେ ସେ ବ୍ଲକ ପାଇଁ କାମ କରନ୍ତି। ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟ କର୍ମଚାରୀମାନେ ଥାଆନ୍ତି। ବ୍ଲକ୍ ଅଫିସରେ ପଞ୍ଚାୟତ ସମିତିର କାର୍ଯ୍ୟ ହୋଇଥାଏ।

ଚତୁର୍ଥ ଛାତ୍ର– ତା'ହେଲେ ସହରାଞ୍ଚଳର ଉନ୍ନତି ପାଇଁ କେଉଁ ସଂସ୍ଥା ଅଛି ?

ଶିକ୍ଷକ – ସହରାଞ୍ଚଳର ଉନ୍ନତି ପାଇଁ ପୌର ପରିଷଦ ଗଢ଼ା ହୋଇଥାଏ। ଛୋଟ ଛୋଟ ସହରରେ ପୌର ପରିଷଦକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି) କୁହାଯାଏ। ବଡ଼ ବଡ଼ ସହରରେ ପୌରସଭା (ମ୍ୟୁନିସିପାଲିଟି) ଓ ନଗରମାନଙ୍କରେ ମହାନଗର ନିଗମ ଗଢ଼ା ହୋଇଥାଏ। ଗୋଟିଏ ସହରର ଲୋକସଂଖ୍ୟା ଅନୁସାରେ ଏସବୁ

ଗଠିତ ହୋଇଥାଏ । ମ୍ୟୁନିସିପାଲିଟିର ମୁଖ୍ୟ ହେଉଛନ୍ତି ଚେୟାରମ୍ୟାନ ବା ସଭାପତି ଓ ମହାନଗର ନିଗମର ମୁଖ୍ୟ ହେଉଛନ୍ତି ମେୟର । କାଉନ୍‌ସିଲରମାନେ ସଭାପତିଙ୍କୁ କାମରେ ସାହାଯ୍ୟ କରନ୍ତି । ସହରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପ୍ରଭୃତିର ଉନ୍ନତି ପାଇଁ ଏମାନେ କାର୍ଯ୍ୟ କରିଥାଆନ୍ତି । ଏହାଛଡ଼ା ସହରର ଅଳିଆ ଆବର୍ଜନା ସଫା କରାଇ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଦ୍ୟୁତ୍ ଯୋଗାଣ, ଜଳଯୋଗାଣ ଇତ୍ୟାଦି କାର୍ଯ୍ୟ ଏମାନେ କରିଥାଆନ୍ତି । ଏହିସବୁ କାମ କରିବା ପାଇଁ ସେମାନେ ସରକାରଙ୍କଠାରୁ କିଛି ଅର୍ଥ ସାହାଯ୍ୟ ପାଇଥାଆନ୍ତି । ଏହାଛଡ଼ା ପୌର ପରିଷଦ ସହରବାସୀଙ୍କଠାରୁ ଘରବାଡ଼ି ଓ ଯାନବାହନ ଉପରେ କିଛି କର ଆଦାୟ କରେ । କେତେକ ଜିନିଷର ବିକ୍ରି ଉପରେ ମଧ୍ୟ କର ଆଦାୟ କରେ । ଏସବୁ ଅର୍ଥ ସହରର ଉନ୍ନତି ପାଇଁ ଖର୍ଚ୍ଚ ହୁଏ ।

ପୌର ପରିଷଦର ଏକ କାର୍ଯ୍ୟାଳୟ ଥାଏ । ଏହି କାର୍ଯ୍ୟାଳୟର ଜଣେ ମୁଖ୍ୟ ଥାଆନ୍ତି । ତାଙ୍କୁ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁହାଯାଏ । ସେ ଚେୟାରମ୍ୟାନ୍‌ଙ୍କ ପରାମର୍ଶ ନେଇ ପୌର ପରିଷଦର ସବୁ କାର୍ଯ୍ୟ କରନ୍ତି । ତାଙ୍କୁ ସାହାଯ୍ୟ କରିବାକୁ ବିଭିନ୍ନ ବିଭାଗରେ ଅନ୍ୟାନ୍ୟ କର୍ମଚାରୀ ଥାଆନ୍ତି ।




ଏବେ ତୁମେ ଜାଣିଲ, ଗ୍ରାମାଞ୍ଚଳରେ –

| ସ୍ତର | କାର୍ଯ୍ୟକରେ | ମୁଖ୍ୟ | ସଭ୍ୟମାନେ | ଅଫିସର |
|---|---|---|---|---|
| ଗ୍ରାମ | ଗ୍ରାମପଞ୍ଚାୟତ | ସରପଞ୍ଚ | ୱାର୍ଡ଼ମେମ୍ବର | ପଞ୍ଚାୟତ ସମ୍ପାଦକ |
| ବ୍ଲକ୍ | ପଞ୍ଚାୟତ ସମିତି | ଚେୟାରମ୍ୟାନ | ସମିତି ସଭ୍ୟ | ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ) |

ସହରାଞ୍ଚଳରେ –

| ସ୍ତର | କାର୍ଯ୍ୟକରେ | ମୁଖ୍ୟ | ସଭ୍ୟ | ଅଫିସର |
|---|---|---|---|---|
| ସହର | ବିଜ୍ଞାପିତ ଅଞ୍ଚଳ ପରିଷଦ | ସଭାପତି | କାଉନ୍‌ସିଲର | କାର୍ଯ୍ୟନିର୍ବାହୀ ଅଧିକାରୀ |
| ବଡ଼ସହର | ମ୍ୟୁନିସିପାଲିଟି/ପୌରସଭା | ପୌରପାଳିକା | କାଉନ୍‌ସିଲର | କାର୍ଯ୍ୟନିର୍ବାହୀ ଅଧିକାରୀ |
| ନଗର | ମହାନଗର ନିଗମ | ମେୟର | କରପୋରେଟ୍‌ର | କମିଶନର |

## ଅଭ୍ୟାସ

୧. କେଉଁ କେଉଁ କାମ ଗ୍ରାମ ପଞ୍ଚାୟତ କରିଥାଏ, ଚିତ୍ର ମଧ୍ୟରୁ ବାଛି ଲେଖ।





______________________

______________________

______________________

୨. ନିମ୍ନଲିଖିତ ଯେଉଁ କାମଟି ଗ୍ରାମ ପଞ୍ଚାୟତର ନୁହେଁ, ତା' ଚାରିପଟେ ମୁଣ୍ଡୁଳି ବୁଲାଅ।



୩. ନିଜ ଅଞ୍ଚଳ କଥା ଜାଣ ଓ ଲେଖ।

| ତୁମ ଗାଁ / ସହରର ନାମ | ଗ୍ରାମ ପଞ୍ଚାୟତର ନାମ | ପଞ୍ଚାୟତ ସମିତିର ନାମ | ପୌର ପରିଷଦର ନାମ |
|---|---|---|---|
| | | | |

୪. ତୁମେ କେଉଁଠିକୁ ଯିବ, ତାର ଚିହ୍ନ ଦିଅ।

(କ) ତୁମ ଗାଁ'ର ରାସ୍ତା ଭାଙ୍ଗିଗଲେ

(ଖ) ସାଇକେଲ ଟିକସ ପଇଠ କରିବାକୁ ହେଲେ

(ଗ) ତୁମ ଫସଲରେ ପୋକ ଲାଗିଲେ

ଥାନା

ଗ୍ରାମ ପଞ୍ଚାୟତ

ବ୍ୟାଙ୍କ

ଗ୍ରାମ ସେବକ

ଡାକଘର

ଡାକ୍ତରଖାନା

୫. ଶୂନ୍ୟସ୍ଥାନ ପୂରଣ କର।

(କ) ................ପୌର ପରିଷଦର ମୁଖ୍ୟ ଅଟନ୍ତି।

(ଖ) .............. ମହାନଗର ନିଗମର ମୁଖ୍ୟ ଅଟନ୍ତି।

(ଗ) କେତୋଟି ଗ୍ରାମ ପଞ୍ଚାୟତ ମିଶି ................... ଗଠନ କରାଯାଇଛି।

୬. ପୌରପରିଷଦ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟର ତାଲିକା ପ୍ରସ୍ତୁତ କର।

| ପୌର ପରିଷଦର କାର୍ଯ୍ୟ | ଗ୍ରାମ ପଞ୍ଚାୟତର କାର୍ଯ୍ୟ |
|---|---|
| ______________________ | ______________________ |
| ______________________ | ______________________ |
| ______________________ | ______________________ |
| ______________________ | ______________________ |
| ______________________ | ______________________ |

୭. ପଚାରି ବୁଝି ଲେଖ।


(କ) ତୁମ ସରପଞ୍ଚଙ୍କ ନାମ..............................

(ଖ) ତୁମ ୱାର୍ଡ଼ର ନମ୍ବର.............................

(ଗ) ତୁମ ୱାର୍ଡ଼ ମେମ୍ବରଙ୍କ ନାମ.............................

(ଘ) ତୁମେ ସହରରେ ରହୁଥିଲେ, ତୁମ ୱାର୍ଡ଼ର
କାଉନ୍‌ସିଲର / କର୍ପୋରେଟରଙ୍କ ନାମ ..............................।

୮. ଖାଲିଥିବା କୋଠରିକୁ ପୂରଣ କର।







**ତୁମ ପାଇଁ କାମ** - ତୁମ ଗ୍ରାମ ପଞ୍ଚାୟତ / ପୌର ପରିଷଦ ତୁମ ସ୍କୁଲ ପାଇଁ କି କି କାମ କରିଛି, ତାହାର ଏକ ତାଲିକା ପ୍ରସ୍ତୁତ କର। (ଶିକ୍ଷକଙ୍କଠାରୁ ବୁଝି ଲେଖ)



# ଅଦାଲତ


ଗାଁଆ ଓ ସହରରେ ଲୋକମାନଙ୍କ ଭିତରେ ଅନେକ କାରଣରୁ କଳି ଝଗଡ଼ା ହୋଇଥାଏ । ଲୋକେ ଏକାଠି ବସି ଆଲୋଚନା କରି କେତେକ କଳିଗୋଳର ସମାଧାନ କରିଥାଆନ୍ତି । ଯେଉଁ କଳିଗୋଳର ସମାଧାନ ଲୋକମାନଙ୍କ ଦ୍ୱାରା ବା ଗ୍ରାମ ପଞ୍ଚାୟତରେ ହୋଇପାରେ ନାହିଁ ତାହାର ସମାଧାନ କେଉଁଠି ହୁଏ ବଡ଼ମାନଙ୍କଠାରୁ ବୁଝି ଲେଖ – ______________________________

ତଳ ଚିତ୍ରକୁ ଦେଖି ଅଦାଲତରେ ଥିବା ଲୋକମାନଙ୍କୁ ଚିହ୍ନ, ତାଙ୍କ ନାମ ଏବଂ କାମ ସାରଣୀରେ ଲେଖ ।



| ଲୋକ | କିଏ | କାମ |
|---|---|---|
| ୧. କଳାକୋର୍ଟ ପିନ୍ଧି ବସିଥିବା ଲୋକ | | |
| ୨. କଳାକୋର୍ଟ ପିନ୍ଧି ଠିଆ ହୋଇଥିବା ଲୋକ (ଦୁଇଜଣ) | | |
| ୩. କାଠଗଡ଼ାରେ ଏକା ଠିଆ ହୋଇଥିବା ଲୋକ | | |
| ୪. କାଠଗଡ଼ାରେ ପୋଲିସ ପାଖରେ ଠିଆ ହୋଇଥିବା ଲୋକ | | |
| ୫. ଦ୍ୱାର ପାଖରେ ଠିଆ ହୋଇଥିବା ଲୋକ | | |
| ୬. ତଳ ଟେବୁଲ-ଚୌକିରେ ବସିଥିବା ଲୋକ | | |


ମାଲିମୋକଦ୍ଦମାର ବିଚାର ପାଇଁ ସବ୍‌ଡ଼ିଭିଜନ ଓ ଜିଲ୍ଲାସ୍ତରରେ ଅଦାଲତମାନ ଅଛି । ଅଦାଲତ ବା ବିଚାରାଳୟ ଦୁଇ ପ୍ରକାର ଯଥା – ଦେଓ୍ୱାନୀ ଅଦାଲତ ଓ ଫୌଜଦାରୀ ଅଦାଲତ ।




ମୋକଦ୍ଦମା ବିଚାର କରିବା ପାଇଁ ଅଦାଲତଗୁଡ଼ିକରେ ବିଚାରପତିମାନେ ଥାଆନ୍ତି । ଜିଲ୍ଲା ସ୍ତରରେ ଥିବା ଅଦାଲତର ବିଚାରପତିଙ୍କୁ **ଜିଲ୍ଲା ଜଜ୍** କୁହାଯାଏ । ପ୍ରତି ରାଜ୍ୟ ପାଇଁ ଏକ ଉଚ୍ଚ ନ୍ୟାୟାଳୟ ବା ଉଚ୍ଚ ଅଦାଲତ ଅଛି । ଏହାକୁ **ହାଇକୋର୍ଟ** କୁହାଯାଏ । ଏଥିରେ ଜଣେ ମୁଖ୍ୟ ବିଚାରପତି ଥାଆନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟ ବିଚାରପତି ଓ କର୍ମଚାରୀ ଥାଆନ୍ତି । ଅଦାଲତ କଳିକଜିଆର ନିଷ୍ପତ୍ତି କରେ ଏବଂ ଦୋଷୀକୁ ଦଣ୍ଡବିଧାନ କରେ । ସମସ୍ତଙ୍କୁ **ନ୍ୟାୟ ପ୍ରଦାନ** କରିବା ଅଦାଲତର କାମ ।

## ଜିଲ୍ଲାସ୍ତରୀୟ ଶାସନ

ପ୍ରତି ଜିଲ୍ଲାର ଶାସନ ପାଇଁ ଜଣେ **ଜିଲ୍ଲାପାଳ** ଥାଆନ୍ତି । ସେ ସାରା ଜିଲ୍ଲାର ଭଲମନ୍ଦ ଓ ଶାସନ ବିଷୟ ବୁଝନ୍ତି । ଜିଲ୍ଲାର ପ୍ରତ୍ୟେକ କାମକୁ ସେ ତଦାରଖ ଓ ନିୟନ୍ତ୍ରଣ କରିଥାଆନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟାନ୍ୟ କର୍ମଚାରୀମାନେ ବିଭିନ୍ନ ବିଭାଗ ଦାୟିତ୍ୱରେ ଥାଆନ୍ତି ।




## ସବ୍‌ଡିଭିଜନସ୍ତରୀୟ ଶାସନ

ପ୍ରତି ଜିଲ୍ଲାକୁ କେତୋଟି ଉପଖଣ୍ଡ ବା ସବ୍‌ଡିଭିଜନରେ ଭାଗ କରାଯାଇଛି । ସବ୍‌ଡିଭିଜନର ମୁଖ୍ୟ ହେଉଛନ୍ତି ଉପଜିଲ୍ଲାପାଳ । ପ୍ରତି ସବ୍‌ଡିଭିଜନକୁ କେତୋଟି ତହସିଲରେ ଭାଗ କରାଯାଇଥାଏ ।

## ତହସିଲ୍‌ର ମୁଖ୍ୟ ହେଉଛନ୍ତି ତହସିଲଦାର



## ଅଭ୍ୟାସ

୧. କିଏ ମୁଖ୍ୟ ?

| | | | |
|---|---|---|---|
| ଜିଲ୍ଲାର ⟶ | | ହାଇକୋର୍ଟର ⟶ | |
| ସବଡ଼ିଭିଜନର ⟶ | | ତହସିଲର ⟶ | |

୨. କାହା ପାଖକୁ ଯିବା ?

(କ) ଜମିର ଖଜଣା ଦେବାକୁ -

(ଖ) ଜାତି, ବାସିନ୍ଦା, ଉତ୍ତରାଧିକାରୀ ଓ ଆୟର ପ୍ରମାଣ ପତ୍ର ପାଇଁ -

(ଗ) ଫୌଜଦାରୀ ମୋକଦ୍ଦମା ଦାଏର କରିବା ପାଇଁ -

(ଘ) ନିଜ ଜମିରେ କେହି ଘର କରିଲେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବା ପାଇଁ -

୩. ଜିଲ୍ଲାପାଳଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗ ଓ ପ୍ରତ୍ୟେକ ବିଭାଗର 'ମୁଖ୍ୟ ଅଧିକାରୀ' ନାମ ଲେଖ ।

| | ବିଭାଗ | ମୁଖ୍ୟ ଅଧିକାରୀ |
|---|---|---|
| ୧. | | |
| ୨. | | |
| ୩. | | |
| ୪. | | |
| ୫. | | |
| ୬. | | |

୪. ଆମ ରାଜ୍ୟର ହାଇକୋର୍ଟ କେଉଁଠାରେ ଅଛି ?



ତୁମ ପାଇଁ କାମ -

ତୁମ ଶିକ୍ଷକଙ୍କ ସହ ତହସିଲ ଅଫିସ, ଜିଲ୍ଲାପାଳଙ୍କ ଅଫିସ ଓ ଅଦାଲତକୁ ଯାଅ । କ'ଣ ଦେଖିଲ ଖାତାରେ ଲେଖ ।



# ତୃତୀୟ ପାଠ

## ବଣଭୋଜି

ଖୁସିରେ ପିଲେ  କରିଲେ ଭୋଜି
ମାରିଲେ ମିଶି ତାଳି,
ଦେଖିଲେ ବଣ ଝରଣା ନଈ
ଖାଇଲେବୁଲି କୋଳି।
ସଭିଏଁ ମିଳି ରାନ୍ଧି ଖାଇଲେ
ଭାତ ଡାଲି ତରକାରୀ,
ମନଖୁସିରେ ଘରକୁ ଗଲେ
ହିପ୍ ହିପ୍ ହୁର୍‌ରେ କରି ।



- ପିଲାମାନେ, ତୁମେ ତ ବଣଭୋଜି କରିଥିବ। ଏହିଠାରେ ଦେଖ ବଣଭୋଜିର ଚିତ୍ରଟିକୁ। ଏଥିରେ ପିଲାମାନେ କ'ଣ କ'ଣ ରାନ୍ଧି ଖାଇଛନ୍ତି ଅନୁମାନ କରି ଲେଖ।

| ଭୋଜିରେ ରାନ୍ଧି ଖାଇଥିବା ଖାଦ୍ୟର ନାମ | ସେହି ଖାଦ୍ୟଗୁଡ଼ିକ କେଉଁଥିରୁ ତିଆରି ? | ତୁମ ଅଞ୍ଚଳରେ ଏହାକୁ କିଏ ଯୋଗାଏ ? |
|---|---|---|
| | | |
| | | |
| | | |

ଏହାଛଡ଼ା ତୁମେ ଆଉ କ'ଣ କ'ଣ ଖାଅ, ଲେଖ।

ଚିତ୍ରରେ ରଙ୍ଗ ଦିଅ ।



ଆମେ ବଂଚିବା ପାଇଁ ଖାଦ୍ୟ, ରହିବା ପାଇଁ ଘର ଓ ପିନ୍ଧିବା ପାଇଁ ଲୁଗା ଦରକାର । ଏସବୁ ମିଳେ କେଉଁଠୁ ? ବିଭିନ୍ନ ଲୋକ ବିଭିନ୍ନ ପ୍ରକାର କାମ କରନ୍ତି । ସେମାନେ ଆମର ଦରକାରୀ ଜିନିଷ ସବୁ ଉତ୍ପାଦନ କରନ୍ତି । ଆମେ ସେମାନଙ୍କୁ ପଇସା ବା ଅନ୍ୟକିଛି ଜିନିଷ ଦେଇ ସେସବୁ କିଣୁ । ସେଗୁଡ଼ିକ ଯେଉଁମାନେ ଆମକୁ ଯୋଗାଇଥାଆନ୍ତି, ସେମାନଙ୍କ ବିଷୟରେ ଅଭିନୟ କରି ଗୀତଟିଏ ଗାଅ । ଗୀତରୁ ତାଙ୍କ ବୃତ୍ତି କ'ଣ ଅନୁମାନ କର ।

## ବୃତ୍ତି



ହାତରେ ଜାଲ, କାଖେ ଖାଳେଇ
ନଈ ପୋଖରୀ କୂଳେ,
ପାଣିରୁ ଧରି ଆଣିଲେ ମାଛ,
କୁଟୁମ୍ବ ମୋର ଚଳେ ।



ବରଷା ଖରା ଶୀତ କାକର
ସହି ଥରକୁ ଥର,
ସରଜି ଦିଏ ଫସଲ ଢେଉ
ଏଇ କ୍ଷେତରେ ମୋର ।

ଗାଈ ମଇଁଷି ପାଳଇ ମୁହିଁ
ପାଳେ କୁକୁଡ଼ା ଛେଳି,
ଅରଜି ଧନ ସେହି କାମରୁ
କୁଟୁମ୍ବ ମୋର ପାଳି ।





ବୁଲାଇ ଚକ ଚଳାଇ ହାତ
ମାଟି ପିଣ୍ଡୁଳା ପରେ,
ହାଣ୍ଡି ପଲମ ମାଠିଆ ଘଡ଼ି
ଗଢ଼ଇ ମଉଜରେ ।

ବାଙ୍କ ସଳଖି ବାରିସି ଧାରେ
କରତେ କାଟି କାଠ,
ମେଜ ଚଉକି ଲଙ୍ଗଳ କଣ୍ଟି
ଗଢ଼ି ପୋଷଇ ପେଟ ।





ଭାଟିରେ ମୋର ତାତିଲା ଲୁହା
ହାତୁଡ଼ି ମାଡ଼ ଖାଏ,
ଦାଆ କଟୁରୀ କୋଦାଳ କୋଡ଼ି
ମୁହିଁ ଯୋଗାଇ ଦିଏ ।

ଚଳାଇ ତନ୍ତ କରି ମିହନ୍ତ
ବୁଣେ କପଡ଼ା ଥାନ,
ଲୁଗା ଗାମୁଛା ଶାଢ଼ି ଯୋଗାଇ
ମେଣ୍ଟାଏ ଗୁଜୁରାଣ ।



**ଶିକ୍ଷକଙ୍କ ପାଇଁ  ସୂଚନା** - ପିଲାମାନେ ଗୋଲେଇ କରି ଛିଡ଼ା ହେବେ । ଗୀତଟିକୁ ଅଭିନୟ ସହ ଶିକ୍ଷକ ଆବୃତ୍ତି କରିବେ । ପିଲାମାନେ ଶିକ୍ଷକଙ୍କୁ ଦେଖି ଆବୃତ୍ତି କରିବା ସଙ୍ଗେ ସଙ୍ଗେ ଅଭିନୟ କରିବେ । ଏହିପରି ଥରେ ଆବୃତ୍ତି ପରେ ଶିକ୍ଷକ ଅଭିନୟ କରିବେ, ପିଲାମାନେ ପଦ ଆବୃତ୍ତି କରିବେ । ତା'ପରେ ପିଲାମାନେ ନିଜେ ନିଜେ ସେମାନଙ୍କ ମଧ୍ୟରେ ଏହିପରି କରିବେ ।

ଆମେ ସାଧାରଣତଃ ଭାତ, ରୁଟି, ଡାଲି, ପନିପରିବା, ଦୁଧ, ମାଛ, ମାଂସ, ଅଣ୍ଡା ଓ ଫଳମୂଳ ଖାଇଥାଉ । ଖାଦ୍ୟ ପାଇଁ ଆମେ ଫସଲ ଉପରେ ନିର୍ଭର କରୁ । ଭାତ ପାଇଁ ଚାଉଳ ଦରକାର । ଚାଉଳ ଧାନରୁ ମିଳେ । ରୁଟି ପାଇଁ ଅଟା ଦରକାର । ଅଟା ଗହମରୁ ମିଳେ । ହରଡ଼, ମୁଗ, ବିରି, କୋଳଥରୁ ଡାଲି ମିଳେ । ଏସବୁକୁ ଖାଦ୍ୟ ଶସ୍ୟ କୁହାଯାଏ । ଆଉ ମଧ୍ୟ ସୋରିଷ, ବାଦାମ, ରାଶି(ଖସା), ଅଳସି, ସୂର୍ଯ୍ୟମୁଖୀ, ନଡ଼ିଆ ଇତ୍ୟାଦିରୁ ତେଲ ମିଳେ । ଆଳୁ, ବାଇଗଣ, କଦଳୀ, କଲରା, ଭେଣ୍ଡି, ଜହ୍ନି, କୋବି, ଟମାଟୋ ଆଦି ପରିବା ଆମେ ଖାଇଥାଉ । ଆମ୍ବ, ଅମୃତଭଣ୍ଡା, ପିଜୁଳି, ପଣସ, ସେଓ ଭଳି ଫଳ ଆମେ ବେଳେବେଳେ ଖାଉ । ଖାଦ୍ୟଶସ୍ୟ, ପନିପରିବା ଓ ଫଳମୂଳ ଚାଷରୁ ମିଳେ । ଯିଏ ଏସବୁ ଚାଷ କରନ୍ତି ତାଙ୍କୁ **ଚାଷୀ** ବା **କୃଷକ** କହୁ ।

ଏହାଛଡ଼ା ସ୍ୱାସ୍ଥ୍ୟ ପାଇଁ ଆମେ ଗାଈ ଓ ମଇଁଷିର କ୍ଷୀର ପିଉ, ମାଛ ଖାଉ । ଅଣ୍ଡା ପାଇଁ କୁକୁଡ଼ା ଓ ବତକ ପାଳୁ । ମାଂସ ପାଇଁ ଛେଳି, ମେଣ୍ଢା ଓ କୁକୁଡ଼ା ଉପରେ ନିର୍ଭର କରୁ । ଏସବୁକୁ ଯେଉଁମାନେ ପାଳି ବ୍ୟବସାୟ କରନ୍ତି, ସେମାନଙ୍କୁ **ଗୋପାଳକ** ଓ **ପଶୁପାଳକ** କୁହାଯାଏ ।

ନିମ୍ନଲିଖିତ ଲୋକମାନେ ଆମକୁ କ'ଣ ଯୋଗାଇଥାଆନ୍ତି ?

| | |
|---|---|
| ଚାଷ କାମ କରୁଥିବା ଲୋକ | |
| ମାଛ ଧରାଳି | |
| ଲୁହା କାମ କରୁଥିବା ଲୋକ | |
| ହାଣ୍ଡିମାଠିଆ ଗଢୁଥିବା ଲୋକ | |
| କାଠକାମ କରୁଥିବା ଲୋକ | |

ଲୋକମାନେ ବିଭିନ୍ନ କାର୍ଯ୍ୟକରି ପରିବାର ଚଳାନ୍ତି । ଏଗୁଡ଼ିକ ସେମାନଙ୍କର **ଜୀବିକା** ବା **ବୃତ୍ତି** ଅଟେ । ଆଗରୁ ପୁରୁଷାନୁକ୍ରମେ ବିଭିନ୍ନ ପରିବାରର ଲୋକେ ଭିନ୍ନ ଭିନ୍ନ କାମକୁ ସେମାନଙ୍କର ଜୀବିକା ରୂପେ ଗ୍ରହଣ କରି ଆସୁଥିଲେ । ଆଜିକାଲି କୌଣସି ପରିବାର ବା ଲୋକଙ୍କୁ ଯେକୌଣସି ବୃତ୍ତି କରିବା ପାଇଁ ମନା ନାହିଁ ।

**ଶିକ୍ଷକଙ୍କ ପାଇଁ ସୂଚନା :**

୧. ନିଜ ଅଞ୍ଚଳରେ ବିଭିନ୍ନ ବୃତ୍ତିରେ ନିୟୋଜିତ ଲୋକଙ୍କ କାର୍ଯ୍ୟସ୍ଥଳୀକୁ ପିଲାଙ୍କୁ ନେଇ ବୁଲି ଦେଖାଇ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବେ ।

୨. ବିଦ୍ୟାଳୟକୁ ବିଭିନ୍ନ ବୃତ୍ତିର ଲୋକଙ୍କୁ ଡାକି ସେମାନଙ୍କ କାମ ବିଷୟରେ ପିଲାଙ୍କ ସହ ଆଲୋଚନା କରାଇବେ ।

## ଅଭ୍ୟାସ

୧. 'କ' ସ୍ତମ୍ଭରେ ଦିଆଯାଇଥିବା ଖାଇବା ଜିନିଷ ସହିତ 'ଖ' ସ୍ତମ୍ଭରୁ ଉପଯୁକ୍ତ ନାମ ବାଛି ଯୋଡ଼।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଚାଉଳ | ମତ୍ସ୍ୟଜୀବି |
| ମାଛ | ଗୋପାଳକ |
| ଲହୁଣି | କୃଷକ |
| | କାରିଗର |

୨. ନିମ୍ନରେ କୃଷକ କରୁଥିବା ଗୋଟିଏ କାମ ଲେଖାଯାଇଛି। ସେହିପରି ସେ କରୁଥିବା ଆଉ ତିନୋଟି କାମ ଲେଖ।

(କ) ଜମି ହଳ କରେ।

(ଖ)....................।  (ଗ)....................।  (ଘ)....................।

୩. ଚାଷୀ ଅମଳ କରୁଥିବା କେତୋଟି ଫସଲର ନାମ ତଳେ ଦିଆଯାଇଛି। ଏଥିରୁ କେଉଁଗୁଡ଼ିକୁ ଆମେ ଡାଲି ଭାବରେ ବ୍ୟବହାର କରୁ ବାଛି ଲେଖ।

ମାଣ୍ଡିଆ, ହରଡ଼, ଗହମ, କୋଳଥ, କପା, ସୂର୍ଯ୍ୟମୁଖୀ, ନଳିତା, ମୁଗ

୪. ତୁମ ଘରେ କେଉଁ କେଉଁ ପରିବା ଖାଅ, ତା'ର ଏକ ତାଲିକା କର।

________________________________________

________________________________________

୫. ଚିତ୍ରଗୁଡ଼ିକୁ ଲକ୍ଷ୍ୟ କର। ଏସବୁ କେଉଁଥିରୁ ତିଆରି ? ଏହା ସହିତ ସଂପୃକ୍ତ ବୃତ୍ତିର ନାମ କ'ଣ ?



୬. କେଉଁ କାମରେ ଲାଗେ ?

କୋଦାଳ ................................ କଳାପଟା................................

କରତ.................................... ମାଟି......................................

୭. ତଳ ଅକ୍ଷର-ଟେବୁଲରେ ବିଭିନ୍ନ ଜୀବିକା ସଂପର୍କୀୟ ବସ୍ତୁ ଲୁଚି ରହିଛି । ଖୋଜି ବାହାର କରି ଜୀବିକା ସହ ଯୋଡ଼ି ପାଖ ଟେବୁଲରେ ଲେଖ ।

| | | | | | |
|---|---|---|---|---|---|
| ଅ | ଖ | ଡ଼ | ଟା | ବ | ଶ |
| ହା | ଜା | ଲ | ଙ୍ଗି | ନି | ତୁ |
| ଗ | ଟ | ଙ୍ଗ | ଆ | ଶି | ଡ଼ି |
| ଙ୍ଗା | ଳ | ଚ | ସ୍ତ୍ରୀ | ମି | ଙ୍କ |
| ସା | ଫ | କ | ଇ | ଛୁ | ଞ୍ଚି |

| ବସ୍ତୁ | ଜୀବିକା |
|---|---|
| ହାତୁଡ଼ି | ଲୁହାକାମ |
| | |



**ତୁମ ପାଇଁ କାମ -**

- ଯେ କୌଣସି ଗୋଟିଏ ବୃତ୍ତି ବିଷୟରେ, ସେହି ବୃତ୍ତି କରୁଥିବା ବ୍ୟକ୍ତିଠାରୁ ପଚାରି ଲେଖ ।
- ତୁମେ ଜାଣିଥିବା ୧୦ଟି ହତିଆରର ନାମ ଲେଖ ଓ ସେଗୁଡ଼ିକର ଚିତ୍ର ଆଙ୍କି ସେଥିରେ ରଙ୍ଗ ଦିଅ ।
- ତୁମେ ଦେଖିଥିବା ୧୦ଟି ଶସ୍ୟ ସଂଗ୍ରହ କର ଓ ସେଗୁଡ଼ିକର ନାମ ଲେଖି ଛୋଟ ଛୋଟ ମୁଣିରେ ସାଇତି ରଖ ।



# ଚତୁର୍ଥ ପାଠ

## ମାନଚିତ୍ର ଆଙ୍କିବା

ଲେଖ -

ତୁମ ବିଦ୍ୟାଳୟର ନାମ.....................

ଶ୍ରେଣୀ......................................



ଚିତ୍ର ଦେଖି ଲେଖ -

ଦ୍ୱାର ସଂଖ୍ୟା.................................

ଝରକା ସଂଖ୍ୟା..............................

କଳାପଟା ସଂଖ୍ୟା..........................

ଟେବୁଲ ସଂଖ୍ୟା.............................

ଚଉକି ସଂଖ୍ୟା..............................

ପିଲାମାନଙ୍କର ସଂଖ୍ୟା......................

ଶିକ୍ଷକ ସଂଖ୍ୟା..............................

ଉପର ଚିତ୍ରରେ କ'ଣ କ'ଣ ଅଛି ?

ଦ୍ୱାର ସାମନାରେ..........................

କଳାପଟା ପାଖରେ........................

ଝରକା ସାମ୍ନାରେ........................

ଟେବୁଲ ପାଖରେ .........................


ତୁମ ଶ୍ରେଣୀ କୋଠରିରେ କ'ଣ କ'ଣ ଅଛି ତାହାର ତାଲିକା କର ।

_______________ _______________ _______________

_______________ _______________ _______________

_______________ _______________ _______________

ପୂର୍ବରୁ ଦିଆଯାଇଥିବା ଶ୍ରେଣୀ କୋଠରିର ଚିତ୍ରକୁ ଦେଖି ତୁମ ଶ୍ରେଣୀ କୋଠରିର ନକ୍ସା ଖାଲି ଘରେ ଅଙ୍କନ କର ।




ଆମେ ବର୍ତ୍ତମାନ ଶ୍ରେଣୀ କୋଠରିର ଦିଗ ବିଷୟରେ ଜାଣିବା ।

କୌଣସି ସ୍ଥାନର ମାନଚିତ୍ର ବା ନକ୍ସା କାଗଜ ଉପରେ ଆଙ୍କିଲେ କାଗଜର ଉପରପଟ ଉତ୍ତର ଦିଗକୁ ସୂଚାଏ । ତଳପଟ ଦକ୍ଷିଣ ଦିଗକୁ ସୂଚାଇଥାଏ । ଆମର ଡାହାଣ ହାତ ଯେଉଁ ଆଡ଼କୁ ରହେ ତାହା ପୂର୍ବ ଦିଗକୁ ଓ ବାମ ହାତ ଯେଉଁ ଆଡ଼କୁ ରହେ ତାହା ପଶ୍ଚିମ ଦିଗକୁ ସୂଚାଇଥାଏ ।

ତୁମେ ଆଙ୍କିଥିବା ଶ୍ରେଣୀକୋଠରିର ନକ୍ସାରେ ବିଭିନ୍ନ ଦିଗକୁ ଦର୍ଶାଅ । ନକ୍ସା ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

**୧.** ଶ୍ରେଣୀ କୋଠରିର ପୂର୍ବ ପଟେ କ'ଣ ଅଛି ?

**୨.** ପଶ୍ଚିମ ପଟେ କ'ଣ ଅଛି ?

**୩.** ଉତ୍ତର ପଟେ କ'ଣ ଅଛି ?

**୪.** ଦକ୍ଷିଣ ପଟେ କ'ଣ ଅଛି ?

୫. ଶ୍ରେଣୀ କୋଠରିଟି ............. ଦିଗରୁ ............. ଦିଗକୁ ଲମ୍ବିଛି ।

୬. ଶ୍ରେଣୀ କୋଠରିଟି ଚଉଡ଼ାରେ .............. ଦିଗରୁ ............ ଦିଗକୁ ଅଛି ।

୭. ଶ୍ରେଣୀ କୋଠରିରେ ତୁମର ବସିବା ସ୍ଥାନକୁ ନକ୍ସାରେ ଗୋଲ ଚିହ୍ନ ଦେଇ ସୂଚାଅ ।

- ତୁମ ବିଦ୍ୟାଳୟ ହତା ଭିତରେ ଓ ଚାରି ପାଖରେ କ'ଣ କ'ଣ ଅଛି ତାଲିକା କର ।

| ବିଦ୍ୟାଳୟ ହତା ଭିତରେ | ବିଦ୍ୟାଳୟ ହତା ଚାରିପାଖରେ |
|---|---|
| ପୂର୍ବରେ........ ....... ............ | ............. ................ ............... |
| ପଶ୍ଚିମରେ........ ....... ............ | ............. ................ ............... |
| ଉତ୍ତରରେ........ ....... ............ | ............. ................ ............... |
| ଦକ୍ଷିଣରେ........ ....... ............ | ............. ................ ............... |

- ତଳେ ତୁମ ବିଦ୍ୟାଳୟ ଭିତର ନକ୍ସା ଅଙ୍କନ କରି ତୁମ ଶ୍ରେଣୀ କୋଠରିକୁ ଚିହ୍ନାଅ ।

- ତଳେ ବିଦ୍ୟାଳୟ ଚାରିପାଖର ନକ୍ସା ଅଙ୍କନ କର ।

- ତଳେ ଗୋଟିଏ ଗାଁ'ର ନକ୍ସା ଦିଆଯାଇଛି । ତାକୁ ଦେଖ ଓ  ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।



- କ'ଣ ଅଛି ? ଗାଁ'ର –

    ପୂର୍ବ ପାର୍ଶ୍ୱରେ .......... ............ ..............

    ପଶ୍ଚିମ ପାର୍ଶ୍ୱରେ .......... ............ ..............

    ଉତ୍ତର ପାର୍ଶ୍ୱରେ .......... ............ ..............

    ଦକ୍ଷିଣ ପାର୍ଶ୍ୱରେ .......... ............ ..............

- ତୁମ ଗାଁ'ରେ / ସାହିରେ କ'ଣ କ'ଣ ଅଛି ? ତାଲିକା କର ।

    .......... ............ .............. ................

    .......... ............ .............. ................

    .......... ............ .............. ................

- ତଳ କୋଠରିରେ ତମ ଗାଁ'ର ନକ୍ସା ଅଙ୍କନ କର ।

- ତୁମେ ଆଙ୍କିଥିବା ମାନଚିତ୍ର ତୁମ ସାଙ୍ଗକୁ ଦେଖାଇ କେଉଁ ଦିଗରେ କ'ଣ କ'ଣ ଅଛି ପଚାର ଏବଂ ଠିକ କହିଲେ ତାଙ୍କୁ ଧନ୍ୟବାଦ ଦିଅ।

ଠିକ ମାପ ନ ନେଇ ଆମେ ଆମ ଗାଁ' / ସାହିର ହାତ ଅଙ୍କା ନକ୍ସାଟିଏ ଆଙ୍କିପାରିବା। ସେଥିରେ ବିଦ୍ୟାଳୟ, ପଞ୍ଚାୟତ ଅଫିସ, ମନ୍ଦିର, ଡାକ୍ତରଖାନା, ପୋଷ୍ଟ ଅଫିସ, ଦୋକାନ, ରାସ୍ତା ଇତ୍ୟାଦି ଦେଖାଇ ପାରିବା। କିନ୍ତୁ ଏହିସବୁ ନକ୍ସା ଠିକ ଭାବେ ଆଙ୍କିବା ପାଇଁ ଆମେ ସ୍କେଲ ସାହାଯ୍ୟରେ ମାପ ନେଇପାରିବା। ଏହିପରି ମାନଚିତ୍ରରେ ନିଜ ଗାଁ, ସହର, ନିଜ ଘର, ନିଜ ଜିଲ୍ଲାକୁ ଦେଖାଇପାରିବା।

## ଅଭ୍ୟାସ

୧. ମାନଚିତ୍ର / ନକ୍ସା ଆଙ୍କିବା ସମୟରେ ଦିଗ କିପରି ଚିହ୍ନଟ କରିବ ଲେଖ।

___

___

___


୨. ତୁମ ଘରର ନକ୍ସା ଅଙ୍କନ କରି କେଉଁ ଦିଗରେ କ'ଣ ଅଛି ଦର୍ଶାଅ।

# ଆମ ଜିଲ୍ଲା

**ଲେଖ**

ଆମ ଦେଶର ନାମ - 

ଆମ ରାଜ୍ୟର ନାମ - 



- ଉପରେ ଦିଆଯାଇଥିବା ଭାରତର ରେଖାଙ୍କିତ ମାନଚିତ୍ରରେ ତୁମ ରାଜ୍ୟକୁ ରଙ୍ଗ କରି ଚିହ୍ନାଅ ।
- ତୁମ ରାଜ୍ୟ ଭାରତର କେଉଁ ଭାଗରେ ଅଛି ଚିହ୍ନଟ କରି ଲେଖ ।

  ______________________________

- ପର ପୃଷ୍ଠାରେ ଥିବା ତୁମ ରାଜ୍ୟ ଓଡ଼ିଶାର ମାନଚିତ୍ରକୁ ଭଲଭାବରେ ଦେଖ ଓ ସେଥିରେ କେତୋଟି ଜିଲ୍ଲା ଅଛି ଗଣି ଲେଖ । ______________________




- ତୁମ ଜିଲ୍ଲାର ନାମ ଲେଖ । ....................
- ଉପରେ ଦିଆଯାଇଥିବା ଓଡ଼ିଶା ମାନଚିତ୍ରରେ ତୁମ ଜିଲ୍ଲାକୁ ରଙ୍ଗ ଦିଅ ।
- ତୁମ ଜିଲ୍ଲା ଓଡ଼ିଶାର କେଉଁ ଭାଗରେ ଅଛି, ମାନଚିତ୍ର ଦେଖି ଲେଖ । ......................

**ତୁମ ଜିଲ୍ଲାକୁ ଲାଗି କରି ଯେଉଁ ଜିଲ୍ଲାଗୁଡ଼ିକ ଅଛି, ସେଗୁଡ଼ିକ ତୁମର ପଡ଼ୋଶୀ ଜିଲ୍ଲା ।**

- ତୁମ ଜିଲ୍ଲାର ପଡ଼ୋଶୀ ଜିଲ୍ଲା ଗୁଡ଼ିକର ନାମ ଲେଖ ।

________________________________________

________________________________________

**ଶିକ୍ଷକଙ୍କ ପାଇଁ ସୂଚନା –** ପ୍ରତ୍ୟେକ ଶିକ୍ଷାର୍ଥୀ ଓଡ଼ିଶା ମାନଚିତ୍ର ଦେଖି ଜିଲ୍ଲାଗୁଡ଼ିକର ନାମ ବ୍ୟକ୍ତିଗତ ଭାବରେ ଲେଖିବେ। ପିଲାମାନଙ୍କୁ ୫/୬ଟି ଦଳରେ ଭାଗକରି ବସାଇବେ। ପିଲାମାନେ ଦଳରେ ଆଲୋଚନା କରି ଜିଲ୍ଲାର ତାଲିକା କରିବେ। ପ୍ରତ୍ୟେକ ଦଳରେ ପିଲାମାନେ ୫/୬ଟି ଲେଖାଏଁ ଜିଲ୍ଲାର ନାମ କହିବେ। ଗୋଟିଏ ଦଳ ଜିଲ୍ଲାର ନାମ କହିସାରିବା ପରେ ଅନ୍ୟ ଦଳର ପିଲାମାନେ ସେହି ଜିଲ୍ଲାର ନାମ ଆଉଥରେ କହିବେ ନାହିଁ। ଶିକ୍ଷକ ସବୁ ଜିଲ୍ଲାର ନାମ କଳାପଟାରେ ଲେଖିବେ।

• ତୁମ ବାପାମା' / ଶିକ୍ଷକ / ଅନ୍ୟ ଗୁରୁଜନଙ୍କୁ ପଚାରି ତୁମ ଜିଲ୍ଲା ବିଷୟରେ ତଳେ ଲେଖି ଶ୍ରେଣୀରେ ସାଙ୍ଗମାନଙ୍କ ସହ ଆଲୋଚନା କର ।

* ତୁମ ଜିଲ୍ଲାର ନାମ - ____________________
* ଜିଲ୍ଲା ସଦର ମହକୁମାର ନାମ - ____________________
* ପ୍ରଧାନ ସହର ଗୁଡ଼ିକର ନାମ - ____________________
* ସବ୍‌ଡ଼ିଭିଜନଗୁଡ଼ିକର ନାମ - ____________________
* ବ୍ଲକ୍ ସଂଖ୍ୟା - ____________________
* ବ୍ଲକ୍‌ଗୁଡ଼ିକର ନାମ - ____________________
* ଜିଲ୍ଲାରେ ଥିବା ପାହାଡ଼, ପର୍ବତର ନାମ - ____________________
* ଜିଲ୍ଲା ମଧ୍ୟଦେଇ ଯାଇଥିବା ନଦୀ, ନାଳ, ହ୍ରଦର ନାମ - ____________________
* ଜିଲ୍ଲାରେ ହେଉଥିବା ଫସଲର ନାମ - ____________________
* ଜିଲ୍ଲାର ମିଳୁଥିବା ଖଣିଜ ପଦାର୍ଥର ନାମ - ____________________
* ମୁଖ୍ୟ ପର୍ବପର୍ବାଣିର ନାମ - ____________________
* ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟର ନାମ - ____________________
* ଜିଲ୍ଲାର ମୁଖ୍ୟ ଶିଳ୍ପର ନାମ - ____________________

• ଶିକ୍ଷକଙ୍କୁ ତୁମ ଜିଲ୍ଲାରେ ଆଉ କ'ଣ କ'ଣ ଅଛି ପଚାରି ବୁଝି ଲେଖ ।

____________________

____________________

____________________

____________________

**ଶିକ୍ଷକଙ୍କ ପାଇଁ ସୂଚନା -** ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବରେ ନିଜ ଜିଲ୍ଲା ବିଷୟରେ ଉପର ଲିଖିତ ତଥ୍ୟଗୁଡ଼ିକୁ ଲେଖି ଆଣିବେ । ଏଥିପାଇଁ ଶିକ୍ଷକ ପିଲାଙ୍କୁ ସାହାଯ୍ୟ କରିବେ । ଶିକ୍ଷକ ଶ୍ରେଣୀରେ ତଥ୍ୟକୁ ଆଲୋଚନା କରିବେ ।

## ଅଭ୍ୟାସ

୧. ତୁମର ଜଣେ ସାଙ୍ଗ ଭାରତ ବାହାରେ ଥିବା ଅନ୍ୟ ଦେଶକୁ ଯାଇଛି । ସେ ତୁମ ପାଖକୁ ଚିଠି ଦେଲେ କେଉଁ ଠିକଣାରେ ଚିଠି ଦେବ ଲେଖ ।

________________________________

________________________________

________________________________

୨. ତଳେ ନିଜ ଜିଲ୍ଲାର ମାନଚିତ୍ର ଆଙ୍କି ସେଥିରେ ତାହାର ସଦର ମହକୁମା ଚିହ୍ନାଅ ।

୩. ତୁମ ଜିଲ୍ଲାର ଦର୍ଶନୀୟ ସ୍ଥାନଗୁଡ଼ିକର ନାମ ଲେଖ ।

________________________________

୪. ତୁମ ଘର କେଉଁ ସବ୍‌ଡ଼ିଭିଜନ୍‌ରେ, କେଉଁ ବ୍ଲକରେ ଓ କେଉଁ ତହସିଲ୍‌ରେ ଅଛି ଲେଖ ।
(ଉତ୍ତର ନ ଜାଣିଲେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ପଚାରି ଲେଖ । )

________________________________



ତୁମ ପାଇଁ କାମ -
ଓଡ଼ିଶାର ମାନଚିତ୍ର ସଂଗ୍ରହ କରି ତୁମ ଜିଲ୍ଲାକୁ ରଙ୍ଗ ଦିଅ ।



# ପଞ୍ଚମ ପାଠ

# ପୁରାତନରୁ ନୂତନ


ତୁମେ ଜାଣିଛ କି ?

ପୃଥିବୀ ପୃଷ୍ଠରେ କେତେ ଲକ୍ଷ ବର୍ଷ ପୂର୍ବେ ମଣିଷ ପ୍ରଥମେ ଦେଖାଯାଇଥିଲେ ? ସେ କାଳର ମଣିଷ (ଆଦିମ ମଣିଷ) ଆଜିର ମଣିଷପରି ଥିଲେ କି ? ସେମାନେ ଆଜିର ମଣିଷପରି ଜୀବନଯାପନ କରୁଥିଲେ କି ? ତଳେ ଥିବା ପ୍ରତ୍ୟେକ ଯୋଡ଼ା ଚିତ୍ରକୁ ଲକ୍ଷ୍ୟ କରି ସେ ବିଷୟରେ ଆସ ଜାଣିବା ।

ଆଦିମ ମଣିଷ



ଆଜିର ମଣିଷ



ଆଦିମ ମଣିଷ



ଆଜିର ମଣିଷ



ଉପର ଚିତ୍ର ଦେଖି ଆଦିମ ମଣିଷ ଓ ଆଜିର ମଣିଷ ମଧ୍ୟରେ କି କି ପାର୍ଥକ୍ୟ ଦେଖିଲ ତଳ ସାରଣୀରେ ଲେଖ ।

| ଚିତ୍ର | ଆଦିମ ମଣିଷ | ଆଜିର ମଣିଷ |
|---|---|---|
| ୧. ବାସଗୃହ | | |
| ୨. ପୋଷାକ | | |
| ୩. ନିଆଁର ବ୍ୟବହାର | | |
| ୪. ଖାଦ୍ୟ | | |
| ୫. ପରିବହନ | | |
| ୬. କୃଷି | | |
| ୭. ଖବର ପଠାଇବା ଓ ଜାଣିବା | | |

**ଶିକ୍ଷକଙ୍କ ପାଇଁ ସୂଚନା** - ପ୍ରତ୍ୟେକ ଶିକ୍ଷାର୍ଥୀ ସାରଣୀ ପୂରଣ କରିସାରିବା ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇ ଦଳଗତ ଆଲୋଚନା କରାଇବେ ।

- ଆଦିମ ମଣିଷ ପଶୁମାନଙ୍କ ପରି ଜଙ୍ଗଲରେ ଛୋଟିଆ ଛୋଟିଆ ଦଳରେ ଗୁମ୍ଫା ଭିତରେ ରହୁଥିଲେ। ଗଛରୁ କଞ୍ଚା ଫଳ ତୋଳି ବା ଶିକାର କରି କଞ୍ଚା ମାଂସ ଖାଉଥିଲେ। ତେବେ ଆଦିମ ମଣିଷ ଗୋଟିଏ ଜାଗାର ଫଳମୂଳ ବା ଶିକାର ସରିଗଲେ କ'ଣ କରୁଥିବେ ? ଲେଖ –

___

___

- ସେମାନେ ଜଙ୍ଗଲରେ ହିଂସ୍ରଜନ୍ତୁଙ୍କଠାରୁ ନିଜକୁ କିପରି ରକ୍ଷା କରୁଥିବେ ?

___

___

- ସେମାନେ କଥାବାର୍ତ୍ତା କରି ଜାଣି ନ ଥିଲେ। ତାଙ୍କ ମନ କଥା ଅନ୍ୟକୁ କିପରି ଜଣାଉଥିବେ ?

___

___

- ସେତେବେଳେ ଆଜିକାଲିକା ପରି ପୋଷାକପତ୍ର ନ ଥିଲା। ସେମାନେ ଶୀତରୁ ନିଜକୁ କିପରି ରକ୍ଷା କରୁଥିବେ ?

___

___

- ଆଦିମ ମଣିଷ ଜଙ୍ଗଲରେ ଜୀବଜନ୍ତୁଙ୍କୁ ଦେଖି ସେମାନଙ୍କଠାରୁ ଅନେକ କାର୍ଯ୍ୟ ଶିଖିଥିଲା। କାହା ପାଖରୁ କ'ଣ ଶିଖିଥିବ ଗାର ଟାଣି ଯୋଡ଼।

| | |
|---|---|
| ପାଣିରେ ପହଁରିବା | ବଣି ଓ ବାଇଚଢ଼େଇ |
| ଏ ଗଛରୁ ସେ ଗଛକୁ ଡେଇଁବା | କୁମ୍ଭୀର, ମାଛ |
| ପତ୍ର ବିଛାଇ କୁଡ଼ିଆ ତିଆରି କରିବା | ମାଙ୍କଡ଼, ସିମ୍ପାଞ୍ଜି ଓ ଗରିଲା |

- ଆଜିକାଲି ପରି ଆଦିମ ମଣିଷ ବିଜୁଳି ଆଲୁଅ, ପାଇପ୍ ପାଣି ବା କୃଷିଜାତ ପଦାର୍ଥ ପାଉ ନ ଥିଲା। ଆଦିମ ମଣିଷ କାହାଠାରୁ କ'ଣ ପାଉଥିଲା ଲେଖ।


  ରାତିରେ ଆଲୁଅ ........................................

  ପାଣି ........................................

  ଫଳ ........................................

## ନିଆଁର ଜନ୍ମକଥା

ଦିନେ ସନ୍ଧ୍ୟାବେଳେ ବହୁତ ଜୋରରେ ବର୍ଷାହେଲା । ଜୋରରେ ବିଜୁଳି, ଘଡ଼ଘଡ଼ି ମାରିବା ଫଳରେ ଲାଇନ୍ (ବିଦ୍ୟୁତ୍ ସରବରାହ ବନ୍ଦ ହୋଇଗଲା) ଚାଲିଗଲା । ଚାରିଆଡ଼ କିଟିକିଟି ଅନ୍ଧାର । ମା' ମୁନୁକୁ କହିଲେ, 'ମୁନୁ, ଟର୍ଚ୍ଚ ଜଳାଇ ଦିଆସିଲି ଆଣେ ଓ ମହମବତୀ ଲଗା' । ମୁନୁ ସଙ୍ଗେ ସଙ୍ଗେ ଦିଆସିଲି ମାରି ମହମବତୀକୁ ଜଳାଇଦେଲା । ତାପରେ ମହମବତୀର ଶିଖାକୁ ଚାହିଁ ଚାହିଁ କେତେ କ'ଣ ଭାବିଲା । ତା'ମନରେ ଅନେକ ପ୍ରଶ୍ନ । ଏ ନିଆଁ ଆସିଲା କୁଆଡ଼ୁ ? କିଏ ପ୍ରଥମେ ଏଇ ନିଆଁକୁ ଦେଖିଲା ? ଉତ୍ତର ଖୋଜି ପାଇଲା ନାହିଁ । ଏଣୁ ମା'ଙ୍କୁ ପଚାରିଲା । ମା' କହିଲେ, ''ହଜାର ହଜାର ବର୍ଷ ତଳର କଥା । ସେତେବେଳେ ପୃଥିବୀର ଚାରିଆଡ଼େ ଘୋର ଜଙ୍ଗଲ ଥିଲା । ଜଙ୍ଗଲରେ ବେଳେବେଳେ କାଠକୁ କାଠ ଘଷି ହୋଇ ଓ ବିଜୁଳି ମାରି ନିଆଁ ଲାଗିଯାଉଥିଲା । ଆଦିମ ମଣିଷ ତା ପୂର୍ବରୁ ନିଆଁର ବ୍ୟବହାର ଜାଣି ନ ଥିଲା । ସେ ଦେଖିଲା ନିଆଁକୁ ଡରି ହିଂସ୍ରଜନ୍ତୁ ଦୌଡ଼ି ପଳାଉଛନ୍ତି । ନିଆଁ ପାଖରେ ବସିଲେ ଉଷୁମ ଲାଗୁଛି । ପୁଣି ନିଆଁରେ ପୋଡ଼ି ଯାଇଥିବା ପଶୁ ପକ୍ଷୀଙ୍କ ମାଂସ ଅଧିକ ସୁଆଦିଆ ଲାଗୁଛି । ତା'ପରେ ସେ ନିଆଁକୁ କିପରି ନିଜେ ଜଳାଇପାରିବ ସେଥିପାଇଁ ବହୁତ ଚେଷ୍ଟା କଲା । ଦେଖିଲା ପଥରକୁ ପଥରରେ ବାଡ଼େଇ ଭାଙ୍ଗି ମୁନିଆଁ କଲାବେଳେ ସେଥିରୁ ନିଆଁର ଝଲକ ବାହାରୁଛି । ତା'ପରେ ନିଜେ ପଥରକୁ ପଥରରେ ଘଷି ନିଆଁ ବାହାର କଲା । କାଠକୁ କାଠରେ ଘଷିଲା । ଏହିପରି ଅନେକ ଚେଷ୍ଟା କରି କରି ଶେଷରେ ଆଜିର ଦିଆସିଲି ବାହାରିଲା । ଦିଆସିଲି ବାହାରିଲା ପରେ ଏହା ସାହାଯ୍ୟରେ ଆମେ ସୁବିଧାରେ ନିଆଁର ବ୍ୟବହାର କରିପାରୁଛୁ ।''



ଆଦିମ ମଣିଷ ନିଆଁକୁ କେଉଁ କେଉଁ କାମରେ ଲଗାଇଥିବ ଲେଖ ।

---

ଚିତ୍ରଗୁଡ଼ିକୁ ଭଲଭାବରେ ଲକ୍ଷ୍ୟ କର । ପ୍ରତ୍ୟେକ ଚିତ୍ରରେ କ'ଣ ଦେଖୁଛ ଲେଖ ।



















ଚିତ୍ର. ୧ ..........................................................................

ଚିତ୍ର. ୨ ..........................................................................

ଚିତ୍ର.୩ ..........................................................................

ଚିତ୍ର.୪..........................................................................

ଚିତ୍ର.୫..........................................................................

ଚିତ୍ର.୬..........................................................................

**ଜାଣିଛ କି ? ଚକ ତିଆରି ହେଉଛି ମଣିଷର ପ୍ରଥମ ଉଦ୍ଭାବନ ।**

**ଶିକ୍ଷକଙ୍କ ପାଇଁ ସୂଚନା -** ଚକର ଧାରଣା କିପରି ମଣିଷ ମନକୁ ଆସିଲା ତାହା ବୁଝାଇବା ଉପରେ ଶିକ୍ଷକ ଗୁରୁତ୍ୱ ଦେବେ । ଶ୍ରେଣୀରେ ପ୍ରତ୍ୟେକ ଚିତ୍ର ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇ ଆଲୋଚନା କରାଇବେ ।



କେଉଁ ଜିନିଷ ନଦୀରେ ଭାସିବାର ଦେଖି ଆଦିମ ମଣିଷ ଭେଳା ତିଆରି କରିଥିବ ? [ ]

ଆଦିମ ମଣିଷ ପ୍ରଥମେ ତିନି/ଚାରି ଖଣ୍ଡ କାଠକୁ ଲଟାରେ ବାନ୍ଧି ଭେଳା କରି ତା ଉପରେ ବସି ନଦୀ ପାର ହେଲା । ଶୀଘ୍ର ନଦୀ ପାର ହେବା ପାଇଁ ଆଉ ଖଣ୍ଡେ ଲମ୍ବା କାଠ ଧରି ଆହୁଲା ମାରିବା ଶିଖିଲା । ପରେ କାଠରୁ ଡଙ୍ଗା ତିଆରି କରି ପାଣିରେ ଯିବା ଆସିବା ସହଜରେ କରିପାରିଲା ।

* ବାକ୍ସ ମଧ୍ୟରେ କେତେକ ଜୀବଜନ୍ତୁଙ୍କ ନାମ ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ କେଉଁମାନଙ୍କୁ ଆଦିମ ମଣିଷ ନିଜ ପାଖରେ ପୋଷା ମନାଇ ରଖିଥିବ ଖାଲି ଘରେ ଲେଖ ।

| | |
|---|---|
| ଘୋଡ଼ା, ବିଲୁଆ, ବାଘ, ଗଧ, ଭାଲୁ, ସିଂହ, ହାତୀ, କୁକୁର, ମାଙ୍କଡ଼, ଛେଳି, ମେଣ୍ଢା, ମଇଁଷି, ଗାଈ, ଓଟ, ଗୟଳ, ବଳଦ, ଠେକୁଆ, ହରିଣ | |

- ତେବେ କେଉଁ ପଶୁମାନେ ଆଦିମ ମଣିଷକୁ କିପରି ସାହାଯ୍ୟ କରୁଥିବେ ତଳେ ଲେଖ ।
    * କାହାଠାରୁ କ୍ଷୀର ପାଉଥିବ ? .................. ......................
    * କାହା ସାହାଯ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଉଥିବ ? ............ ............
    * କିଏ ଘର ଜଗୁଥିବ ?........................
    * କିଏ ଜିନିଷ ପତ୍ର ବୋହି ନେଉଥିବ ? ............. ................ ................
    * କିଏ ଗାଡ଼ି ଟାଣୁଥିବ ? ........... ................. .....................
- ଆଦିମ ମଣିଷ ଫଳ ଖାଇ ମଞ୍ଜି ପକାଇଥିବା ସ୍ଥାନରେ କିଛିଦିନ ପରେ ମଞ୍ଜି ନ ଦେଖି ନୂଆ ଗଛ ହୋଇଥିବାର ଦେଖି କ'ଣ ଚିନ୍ତା କରିଥିବ ଓ ତାପରେ କ'ଣ କରିଥିବ ଲେଖ ।

---

---

- ଆଦିମ ମଣିଷ କାହିଁକି ଖାଦ୍ୟ ସଂଗ୍ରହ ପାଇଁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନ ଯାଇ ସେହି ଜାଗାରେ ସ୍ଥାୟୀ ଭାବେ ରହିଲା ଲେଖ ।

---


---


**ଧୀରେ ଧୀରେ ଆଦିମ ମଣିଷ ଚାଷ କରିବା ଶିଖିଲା ଓ ଶସ୍ୟକୁ ସାଇତି ରଖିବା ଶିଖିଲା ।**

ଆଦିମ ମଣିଷ ଦଳ ଦଳ ହୋଇ ବିଭିନ୍ନ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କଲା । ଲୋକସଂଖ୍ୟା ବଢ଼ିଲା । ଧୀରେ ଧୀରେ ପରିବାର ଗଠନ ହେଲା । କେତେଗୁଡ଼ିଏ ପରିବାରକୁ ନେଇ ଗୋଟିଏ ଗୋଟିଏ ଗାଁ ସୃଷ୍ଟି ହେଲା । ଆସ୍ତେ ଆସ୍ତେ ଏହି ଗାଁସବୁ ବଢ଼ି ସହର ଓ ନଗରରେ ପରିଣତ ହେଲା ।

ଆଜକୁ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ଏହିପରି କେତେଗୁଡ଼ିଏ ନଗର ସିନ୍ଧୁ ନଦୀ କୂଳରେ ଗଢ଼ି ଉଠିଥିଲା । ତାକୁ ସିନ୍ଧୁ ସଭ୍ୟତା ବା ମହେଞ୍ଜୋଦାରୋ ସଭ୍ୟତା କହନ୍ତି । ସିନ୍ଧୁ ନଦୀ କୂଳରେ ମହେଞ୍ଜୋଦାରୋ ଓ ହରପ୍ପା ଅଞ୍ଚଳରେ ମାଟି ଖୋଳା ଯାଇ ଏଭଳି ସଭ୍ୟତାର ଚିହ୍ନଗୁଡ଼ିକ ମିଳିଛି । ବର୍ତ୍ତମାନ ଏହି ଅଞ୍ଚଳ ପାକିସ୍ଥାନରେ ଅବସ୍ଥିତ । ଏହା ହେଉଛି ଆମର ପ୍ରଥମ ସଭ୍ୟତା । ସେଠାରେ ମାଟି ଖୋଳିବା ପରେ ମିଳିଥିବା କେତେକ ଜିନିଷର ଚିତ୍ର ତଳେ ଦିଆଯାଇଛି ।


ଚିତ୍ର ନଂ ୧


ଚିତ୍ର ନଂ ୨


ଚିତ୍ର ନଂ ୩


ଚିତ୍ର ନଂ ୪


ଚିତ୍ର ନଂ ୫


ଚିତ୍ର ନଂ ୬


ଚିତ୍ର ନଂ ୭


ଚିତ୍ର ନଂ ୮


ଚିତ୍ର ନଂ ୯

ପୂର୍ବ ପୃଷ୍ଠାରେ ଥିବା ଚିତ୍ରକୁ ଦେଖି ଉତ୍ତର ଲେଖ ।

- ସିନ୍ଧୁ ସଭ୍ୟତାର ଲୋକମାନଙ୍କର ଘର କେଉଁଥିରେ ତିଆରି ହୋଇଥିଲା ?

- ସିନ୍ଧୁ ସଭ୍ୟତାର ଲୋକମାନେ କେଉଁ କେଉଁ ପଶୁ ପାଳୁଥିବାର ଜଣାପଡ଼ିଛି ?

- ସେମାନେ ଲେଖାପଢ଼ା ଜାଣିଥିବା କେଉଁଥିରୁ ଜଣାପଡୁଛି ?

## ଅଭ୍ୟାସ

୧. ଆଦିମ ମଣିଷର ଜୀବନ ଧାରା ଠାରୁ ତୁମ ଜୀବନ ଧାରା କିପରି ଅଲଗା ଲେଖ ।

୨. କାହାପରେ କିଏ ଲେଖ ।

(କ) ରନ୍ଧା ମାଂସ, ପୋଡ଼ା ମାଂସ, କଞ୍ଚା ମାଂସ

______________________________

(ଖ) ଶଗଡ଼, କାଠଗଡ଼ ଗଡ଼ିବା, ପଥର ଗଡ଼ିବା, ଚକ

______________________________

(ଗ) ଚକ୍‌ମକି, ପଥର, ଦିଆସିଲି, ଶୁଖିଲା କାଠକୁ କାଠରେ ଘଷିବା

______________________________

(ଘ) ଚମଡ଼ାର ପୋଷାକ, କପଡ଼ାର ପୋଷାକ ପତ୍ର, ବକଳ ପିନ୍ଧିବା, ପଶୁ ଚମଡ଼ା ପିନ୍ଧିବା

______________________________

୩. ନିଆଁ ନ ଥିଲେ କ'ଣ ଅସୁବିଧା ହୋଇଥାନ୍ତା ଲେଖ ।

______________________________

______________________________

୪. ଚକର ଉଦ୍ଭାବନ ଦ୍ୱାରା ଆମର କି କି ସୁବିଧା ହେଉଛି ଲେଖ ।

______________________________

______________________________

୫. ଠିକ ଉତ୍ତରରେ ଗୋଲ ବୁଲାଅ ।

(କ) ମହେଞ୍ଜୋଦାରୋ ବର୍ତ୍ତମାନ କେଉଁଠି ଅଛି ?

(ଭାରତ, ପାକିସ୍ଥାନ, ଆଫଗାନିସ୍ଥାନ, ଇରାନ୍)

(ଖ) ସିନ୍ଧୁ ସଭ୍ୟତା କେଉଁ ସହରରେ ଗଢ଼ି ଉଠିଥିଲା ?

(ଜୟପୁର, ଦିଲ୍ଲୀ, ହରପ୍ପା, ଚଣ୍ଡିଗଡ଼)

(ଗ) ସିନ୍ଧୁ ସଭ୍ୟତାର ଲୋକମାନେ କେଉଁଥିରେ ତିଆରି ବାସନକୁସନ ବ୍ୟବହାର କରୁଥିଲେ ?

(ଲୁହା, ପଥର, ମାଟି, ତମ୍ବା)

**ତୁମ ପାଇଁ କାମ -**

୧. ମାଟିରେ ବିଭିନ୍ନ ଗାଡ଼ିର ଚକ, ବିଭିନ୍ନ ବାସନକୁସନ ଓ ଅସ୍ତ୍ରଶସ୍ତ୍ର ତିଆରି କର ।

୨. କାଠି ଓ ସୂତାରେ ଭେଳା ଏବଂ ଧନୁଶର ତିଆରି କର ।

୩. ପୁରୁଣା ମୁଦ୍ରା ସଂଗ୍ରହ କର । ସେହି ମୁଦ୍ରାରେ କି କି ଚିହ୍ନ ଅଛି ଦେଖ । ବର୍ତ୍ତମାନର ମୁଦ୍ରା ସହ ତାହାର ତୁଳନା କର ଓ ଶ୍ରେଣୀରେ ଆଲୋଚନା କର ।

୪. ବର୍ତ୍ତମାନ ତୁମ ଅଞ୍ଚଳରେ କିପରି ଚାଷ କରାଯାଉଛି ଦେଖ ଓ ବୟସ୍କ ଲୋକଙ୍କୁ ପଚାରି ବୁଝ ଆଗରୁ କିପରି ଚାଷ କରାଯାଉଥିଲା । ଖାତାରେ ଲେଖି ଆଣ ।

୫. ତୁମେ ତୁମ ଘରେ କେଉଁ କେଉଁ ଧାତୁର ବାସନ ବର୍ତ୍ତମାନ ବ୍ୟବହାର କରୁଛ ଓ ଆଗ କାଳରେ କେଉଁ କେଉଁ ବାସନ ବ୍ୟବହାର କରାଯାଉଥିଲା ମା'ଙ୍କୁ ପଚାରି ବୁଝି ଲେଖ ।





## ଷଷ୍ଠ ପାଠ

# ସୁଖୀ ପରିବାର

ଥରେ ବାଘ, ସିଂହ ଓ ବିଲୁଆମାନଙ୍କ ସଭା ବସିଲା । ବାଘ କହିଲା, " ଜଙ୍ଗଲ ତ ସଫା ହୋଇଗଲାଣି । ଆଉ ଶିକାର ମିଳୁନାହିଁ, କ'ଣ କରିବା ?" ସିଂହ କହିଲା, " ଚାଲ, ସମସ୍ତେ ମିଶି ଶିକାର ଖୋଜିବା" । ଜଙ୍ଗଲ ଭିତରେ ଖୋଜାଖୋଜି କରୁ କରୁ ସମ୍ବରଟାଏ ମିଳିଗଲା । ସେମାନଙ୍କ ମନ ଭାରି ଖୁସି । ସେମାନେ ମାଂସକୁ ସମାନ ସମାନ ଭାଗ କଲେ । ଯେ ଯାହାର ଭାଗ ଧରି ଫେରିଲେ । ବାଘର ଛୁଆ ବୋଲି ଗୋଟେ, ହେଲେ ସିଂହର ଦୁଇଟା ଆଉ ବିଲୁଆର ଛଅଟି ।



**ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

୧. କାହା ଛୁଆ ଭାଗରେ ବେଶୀ ମାଂସ ପଡ଼ିଥିବ ?

______________________________

୨. କାହାର ଛୁଆ ସବୁଠାରୁ କମ୍ ମାଂସ ପାଇଥିବ ?

______________________________

୩. କାହାର ଖାଦ୍ୟ, ଖାଇବା ପରେ ବଳି ପଡ଼ିଥିବ ?

______________________________

ଚିତ୍ରଗୁଡ଼ିକୁ ଲକ୍ଷ୍ୟକର ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଚିତ୍ର-୧ (କ)



ଚିତ୍ର-୧ (ଖ)



କେଉଁ ପରିବାରର ସମସ୍ତେ ସୁବିଧାରେ ଶୋଇଛନ୍ତି ଓ କାହିଁକି ?

________________________________________

________________________________________

ଚିତ୍ର- ୨ (କ)



ଚିତ୍ର-୨ (ଖ)



କେଉଁ ପରିବାରରେ ପିଲାମାନେ ସୁବିଧାରେ ବସି ପାଠ ପଢୁଛନ୍ତି ?

________________________________________

________________________________________

ଚିତ୍ର-୩ (କ)



ଚିତ୍ର-୩ (ଖ)



ଚିତ୍ରରେ କେଉଁ ପରିବାରର ସମସ୍ତେ ଭଲ ଭାବରେ ଖାଉଛନ୍ତି ?

________________________________________

________________________________________

ଚିତ୍ର-୪ (କ)



ଚିତ୍ର-୪ (ଖ)



କେଉଁ ପରିବାରର ପିଲାମାନେ ଖୁସିରେ ଅଛନ୍ତି ?

________________________________________

________________________________________

- ପରିବାର ବଡ଼ ହେଲେ କି କି ଅସୁବିଧା ହେବ ?

* ..............................................................................................

* ..............................................................................................

* ..............................................................................................

ଛୋଟ ପରିବାରର ସୁବିଧାଗୁଡ଼ିକ ଲେଖ ।

* ..............................................................................................

* ..............................................................................................

* ..............................................................................................

**ଏଥିରୁ ଆମେ କ'ଣ ଜାଣିଲେ ?**

**ପରିବାର ବଡ଼ ହେଲେ** ଲୋକମାନଙ୍କର ବସିବା, ଶୋଇବା, ପଢ଼ିବା ଓ ଖାଇବା ପାଇଁ ଜାଗାର ଅଭାବ ହୁଏ । ଖାଦ୍ୟ, ପୋଷାକ, ବହିପତ୍ର, ଔଷଧ ଇତ୍ୟାଦିର ଅଭାବ ହୁଏ । ସୁଖ ସୁବିଧା ମିଳେ ନାହିଁ। ପରିବାର ଛୋଟ ହେଲେ ପିଲାଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରିବ । ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଖାଦ୍ୟର ମାନ ଉନ୍ନତ ହେବ। ଫଳରେ ପରିବାରରେ ସୁଖ ଶାନ୍ତି ରହିବ। ପରସ୍ପର ମଧ୍ୟରେ ଭଲ ବୁଝାମଣା ରହିବ । ତେଣୁ ଛୋଟ **'ପରିବାର ସୁଖୀ ପରିବାର'** ।

ପରିବାରର ଲୋକ ସଂଖ୍ୟା ବଢ଼ିଲେ ଦେଶର ଲୋକ ସଂଖ୍ୟା ବଢ଼େ । ଏଥିପାଇଁ ଅଧିକ ଖାଦ୍ୟ, ବାସଗୃହ, ପୋଷାକ ଇତ୍ୟାଦି ଦରକାର ହୁଏ । ଗମନାଗମନ ପାଇଁ ଅଧିକ ବସ୍, ରେଳ ଚାଲିବା ଦରକାର ହୁଏ । ପାଠ ପଢ଼ିବା ପାଇଁ ଅଧିକ ବିଦ୍ୟାଳୟ ଓ ଚିକିତ୍ସା ପାଇଁ ଅଧିକ ଡାକ୍ତରଖାନା ଦରକାର ହୁଏ ।

ନିମ୍ନରେ କେତେକ ଉକ୍ତି ଦିଆଯାଇଛି । ସେଥିମଧ୍ୟରୁ ଯେଉଁଗୁଡ଼ିକ ଜନସଂଖ୍ୟା ବଢ଼ିଲେ ଘଟିବ ବୋଲି ଭାବୁଛ ପାଖ ବାକ୍ସରେ ଠିକ (✓) ଚିହ୍ନ ଦିଅ ।

- ଡାକ୍ତରଖାନାରେ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ☐
- ଲୋକମାନେ ସୁବିଧାରେ ଯିବା ଆସିବା କରିପାରିବେ ☐
- ଖାଦ୍ୟର ଅଭାବ ହେବ ☐
- ଚାକିରି ମିଳିବ ନାହିଁ ☐
- ରହିବାକୁ ଜାଗା ମିଳିବନି ☐
- ପରିବେଶ ନଷ୍ଟ ହେବ ☐
- ଦରଦାମ୍ କମିବ ☐
- ପରିବେଶ ନିର୍ମଳ ରହିବ ☐
- ଜଙ୍ଗଲ ନଷ୍ଟ ହେବ ☐
- ଗାଡ଼ି ମଟର ସଂଖ୍ୟା ବଢ଼ିବ ☐

## ତୁମ ପାଇଁ କାମ -

ତୁମ ଅଞ୍ଚଳରେ ଥିବା ବୟସ୍କ ଗୁରୁଜନମାନଙ୍କୁ ସାକ୍ଷାତ କର । ସେମାନଙ୍କୁ ତଳେ ଲେଖାହୋଇଥିବା ପ୍ରଶ୍ନଗୁଡ଼ିକ ପଚାରି ଉତ୍ତର (ହଁ କିମ୍ବା ନା ) ଲେଖ ।

- ଆପଣଙ୍କ ସମୟରେ ବସ୍ / ରେଳରେ ବର୍ତ୍ତମାନ ଭଳି ଭିଡ଼ ହେଉଥିଲା କି ? ☐
- ଡାକ୍ତର ଦେଖାଇବା ପାଇଁ ଲମ୍ବା ଧାଡ଼ିରେ ଠିଆ ହୋଇ ବହୁତ ସମୟ ଅପେକ୍ଷା କରିବାକୁ ପଡୁଥିଲା କି ? ☐
- ହାଟ ବଜାରରେ ଏତେ ଭିଡ଼ ଥିଲା କି ? ☐
- ରାସ୍ତାରେ ଏତେ ଗାଡ଼ି ମଟର ଯିବା ଆସିବା କରୁଥିଲା କି ? ☐
- ଲୋକମାନଙ୍କ ମଧ୍ୟରେ ସହଯୋଗ ଓ ଭଲ ବୁଝାମଣା ଥିଲା କି ? ☐
- ବର୍ତ୍ତମାନ ଅପେକ୍ଷା ସେତେବେଳେ ଜଙ୍ଗଲ ଅଧିକ ଥିଲା କି ? ☐
- ସବୁ ଜିନିଷର ଦାମ ବର୍ତ୍ତମାନଠାରୁ ଅଧିକ ଥିଲା କି ? ☐
- ଗାଁରେ ଏତେ ଲୋକ ଥିଲେ କି ? ☐

ବର୍ତ୍ତମାନର ପରିସ୍ଥିତି ପାଇଁ ଆପଣ (ବାପା, ମା' / ଗୁରୁଜନ)ଙ୍କ ମତାମତ କ'ଣ ?

______________________________

______________________________

______________________________

______________________________

**ଶିକ୍ଷକଙ୍କ ପାଇଁ ସୂଚନା -** ପ୍ରତ୍ୟେକ ଶିକ୍ଷାର୍ଥୀ ବୟସ୍କ ଲୋକଙ୍କୁ ଉପର ଲିଖିତ ପ୍ରଶ୍ନ ପଚାରି ଉତ୍ତର ଲେଖି ଆଣିସାରିବା ପରେ ଶ୍ରେଣୀରେ ପ୍ରତ୍ୟେକଙ୍କର ଉତ୍ତରଗୁଡ଼ିକୁ ଓ ପୂର୍ବେ ଲୋକମାନେ ସୁଖ ସୁବିଧାରେ ରହିବାର କାରଣଗୁଡ଼ିକ ଶ୍ରେଣୀରେ ଆଲୋଚନା କରିବେ ।

## ଅଭ୍ୟାସ

୧. ଚିତ୍ର ଦେଖି କେଉଁ ପରିବାରକୁ ସୁଖୀ ପରିବାର କହିବ ଓ କାହିଁକି, ଲେଖ ।



________________________________________

________________________________________

________________________________________

________________________________________

୨. ଗୀତଟି ପଢ଼ି ତାହାର ନାମକରଣ କର ।

[ ]

ବାପା ମାଆ ସାଥେ ଭଉଣୀ ଭାଇ, ଏଘରେ ରହିଛୁ ଆଦରପାଇ ।୧ ।,
ବାପା ମାଆଙ୍କର ସ୍ନେହଶରଧା, ମିଳିବାରେ କିଛି ନଥାଏ ବାଧା ।୨ ।
ଖିଆପିଆ କରୁ ମନମଉଜେ, ପଢ଼ାଲେଖା କାମ ଚାଲେସହଜେ ।୩ ।
ରୋଗେ ପଡ଼ି ମାଆ ନହୁଏ ଘାଣ୍ଟି, ଭୋକରେ ଶୋଷରେ ଶୁଖେନା ତଣ୍ଟି ।୪ ।
ଖୁସିରେ ସମୟ ଯାଆଇଗଡ଼ି, ସୁଖେ ଚାଲୁଥାଏ ଜୀବନ ଗାଡ଼ି ।୫ ।
ଅଭାବ ଦୁଃଖର ନଥାଏ ଡର, ଘରଟି ଆମର ସରଗପୁର ।୬ ।
ଆମର ହେଉଛି ଛୋଟ ପରିବାର, ଆମେ ହେଉଛୁ ସୁଖୀ ପରିବାର ।୭ ।

# ଆମର ଗୁରୁଜନ

- ତୁମ ପରିବାରର ସଦସ୍ୟଙ୍କ ତାଲିକା କର ।

_______________ ______________________________

_______________ ______________________________

- ତୁମ ପରିବାରରେ ୫୦ବର୍ଷ ବୟସରୁ ଅଧିକ ବୟସର କେତେଜଣ ସଦସ୍ୟ ଅଛନ୍ତି ?

__________________________________________________________



- ଚିତ୍ର ଦେଖ ଓ ଲେଖ, ତୁମେ କେଉଁ କାମଗୁଡ଼ିକ ପସନ୍ଦ କରୁଛ ଓ କେଉଁ କାମକୁ ପସନ୍ଦ କରୁନାହଁ ।

| ପସନ୍ଦ | ପସନ୍ଦ ନୁହେଁ |
|---|---|
| _______________ | _______________ |
| _______________ | _______________ |
| _______________ | _______________ |

- ତୁମ ପାଇଁ ଓ ତୁମ ଭାଇ ଭଉଣୀଙ୍କ ପାଇଁ ମା' କ'ଣ କ'ଣ କାମ କରନ୍ତି ତାହାର ତାଲିକା କର।

______________________________

______________________________

- ତୁମ ବାପା ତୁମମାନଙ୍କ ପାଇଁ କି କି କାମ କରନ୍ତି ତାହାର ତାଲିକା କର।

______________________________

______________________________

- ତୁମେ ତୁମ ଜେଜେବାପା, ଜେଜେମାଆ, ବାପା, ମା' ଓ ଭାଇଭଉଣୀଙ୍କୁ କି କି କାମରେ ସାହାଯ୍ୟ କର ?

______________________________

ଆମ ବାପା, ମା' ଓ ପରିବାରର ଲୋକମାନେ ଆମର ବିଭିନ୍ନ କାମ କରନ୍ତି। ଦେହ ଖରାପ ହେଲେ ଆମର ସେବାଯତ୍ନ କରନ୍ତି। ଆମର କିଛି ଅସୁବିଧା ହେବାକୁ ଦିଅନ୍ତି ନାହିଁ। ଆମେ ମଧ୍ୟ ଆମ ପିତାମାତା ଓ ଅନ୍ୟ ବୟସ୍କ ଲୋକଙ୍କ କଥା ମାନିବା ଓ ସେମାନଙ୍କର ଦେହ ଖରାପ ହେଲେ ତାଙ୍କର ସେବାଯତ୍ନ କରିବା। ତାଙ୍କର ମନଦୁଃଖ ହେଲା ଭଳି କୌଣସି କାମ କରିବା ନାହିଁ ।

(ତୁମ ପରିବାର ସଦସ୍ୟଙ୍କର ଫଟୋ ତଳେ ଲଗାଅ)

ତଳ ଲେଖାକୁ ପଢ଼ । ଯେଉଁ କାମ କରିବ ତା'ପାଖ ବାକ୍ସରେ '✓' ଚିହ୍ନ ଦିଅ ଓ ଯେଉଁ କାମ କରିବ ନାହିଁ ତା' ପାଖରେ '✗' ଚିହ୍ନ ଦିଅ ।

| | | | |
|---|---|---|---|
| ବସ୍‌ରେ ଗଲାବେଳେ ବୃଦ୍ଧ ଲୋକଙ୍କୁ ବସିବା ପାଇଁ ନିଜ ସିଟ୍ ଛାଡ଼ିଦେବା | ☐ | ବୁଢ଼ା ବାପାମା'ଙ୍କ କଥା ନମାନିବା | ☐ |
| ବାପା ଓ ମା'ଙ୍କୁ ବିଭିନ୍ନ କାମରେ ସାହାଯ୍ୟ କରିବା | ☐ | ଘରକୁ ଅତିଥି ଆସିଲେ ତାଙ୍କୁ ନମସ୍କାର କରି ବସିବାକୁ କହିବା | ☐ |
| ବୟସ୍କ ଲୋକଙ୍କୁ ସମ୍ମାନ ଦେବା | ☐ | | |
| ପରିବାରରେ ଜଣଙ୍କର ଦେହ ଖରାପ ହେଲେ ତାଙ୍କୁ ଔଷଧ ଓ ଖାଦ୍ୟ ଠିକ୍ ସମୟରେ ଦେବା | ☐ | ବୁଢ଼ା ଲୋକଙ୍କର କଥାକୁ ଧୈର୍ଯ୍ୟର ସହ ଶୁଣିବା | ☐ |
| ବୟସ୍କମାନେ ମନାକରୁଥିବା କାମକୁ କରିବା | ☐ | ବଡ଼ ଲୋକଙ୍କ ସହିତ ଅଯଥା ଯୁକ୍ତି କରିବା | ☐ |
| ଗୁରୁଜନଙ୍କୁ ବାହାରେ ଦେଖିଲେ ନମସ୍କାର କରିବା | ☐ | ଜେଜେମା'ଙ୍କ ହାତଧରି ତାଙ୍କୁ ବୁଲାଇ ନେବା | ☐ |

## ଅଭ୍ୟାସ

**ତୁମେ କ'ଣ କରିବ ?**

୧. ତୁମ ଜେଜେମା'ଙ୍କର ଦେହ ଖରାପ ହେଲେ –

______________________________

୨. ତୁମ ଘରକୁ ଅତିଥି ଆସିଲେ –


______________________________

୩. ତୁମକୁ ବାପା ଟେଲିଭିଜନ୍ ଦେଖିବାକୁ ମନା କଲେ –

______________________________

# ଆଖି ଖୋଲିଲା

ରାମପୁର ଗାଁରେ ଅନିଲ ବାବୁଙ୍କ ଘର । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ସେମାନେ ହେଲେ ହରିଶ ଓ ହୀରା । ହରିଶ ଓ ହୀରାଙ୍କର ଜେଜେମା' ମଧ୍ୟ ତାଙ୍କ ସାଙ୍ଗରେ ରହନ୍ତି । ବୁଢ଼ୀ ମାଆ ପୁରୁଣାକାଳିଆ ଲୋକ । ପସନ୍ଦ କରନ୍ତି ନାହିଁ ହୀରାର ପାଠପଢ଼ାକୁ । ମାଆଙ୍କ ଅଣ୍ଟା ଅବସ୍ଥା ବି ଭଲ ନୁହେଁ । ତେଣୁ ସକାଳୁ ଉଠି ଦଶ ବର୍ଷର ଝିଅ ହୀରା ଦାଣ୍ଡଠାରୁ ବାଡ଼ି ପର୍ଯ୍ୟନ୍ତ ଝାଡୁ କରେ । ମାଆ ରୋଷେଇ ଘରକୁ ଯିବା ପୂର୍ବରୁ ବାସନ ମାଜି ପାଣି ଆଣି ରଖିଦିଏ । ଏତକ କାମ ସରିଲେ ସେ ସାନଭାଇ ହରିଶକୁ ଉଠାଇ ତା କଥା ବୁଝେ । ମାଆ ହରିଶକୁ କ୍ଷୀର ଗିଲାସେ ଦିଅନ୍ତି । ହୀରା ପାଇଁ କିନ୍ତୁ କ୍ଷୀର ଗିଲାସେ ସ୍ୱପ୍ନ । ମାଆ, ଜେଜେମାଆ କହନ୍ତି, ଝିଅ ପିଲାଙ୍କ ପାଇଁ ଏସବୁ ଦରକାର ନାହିଁ । ହରିଶ ଗରମ ଭାତ, ଡାଲି, ତରକାରୀ ଖାଇ ବିଦ୍ୟାଳୟକୁ ଯାଏ । ହେଲେ ହୀରା ଖାଏ ପଖାଳଭାତ ସହ ବାଇଗଣ କିମ୍ବା ଆଳୁ ପୋଡ଼ାଟିଏ । ସେଥିରେ ବି ହୀରାର କିଛି ଆପତ୍ତି ନଥାଏ । କାରଣ ସେ ଭାବେ କିଛି କହିଲେ କାଳେ ତା ବୁଢ଼ୀମାଆ ତା ପାଠପଢ଼ାଟି ବନ୍ଦ କରିଦେବେ । ସ୍କୁଲରୁ ଫେରି ହରିଶ ଖାଇଦେଇ ଖେଳିବାକୁ ଯାଏ, କିନ୍ତୁ ହୀରା ଯାଏ ରୋଷେଇ ଘର ସଫା କରିବାକୁ । ଘରକୁ ଯାହା ଭଲ ଜିନିଷ ଆସେ ଆଗ ଖାଇବ ହରିଶ, ଯଦି ବଳେ ତେବେ ହୀରାକୁ ମିଳେ । ଏସବୁ ସତ୍ତ୍ୱେ ବି ହୀରା ସବୁ କାମଦାମ ସାରି ନିଜ ପାଠପଢ଼ା ପ୍ରତି ନଜର ଦିଏ ।



ଦିନକର ଘଟଣା । ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ତେଣୁ ଗୁରୁଜୀ ହରିଶ ଓ ହୀରାଙ୍କର ବାପା ମାଆଙ୍କୁ ନିମନ୍ତ୍ରଣ କରିଥାନ୍ତି । ସନ୍ଧ୍ୟାବେଳେ ହରିଶ ଓ ହୀରା ସହିତ ବାପା, ମାଆ ଓ ଜେଜେମା' ସମସ୍ତେ ଗଲେ ବିଦ୍ୟାଳୟର ଉତ୍ସବ ଦେଖିବାକୁ । ଅତିଥିଙ୍କ ଭାଷଣ ସରିଲା ପରେ ପୁରସ୍କାର ବିତରଣ କରାଗଲା । ହୀରାର ନାଁ ଡାକି ଶିକ୍ଷକ, ଶ୍ରେଣୀରେ ପ୍ରଥମ ହେଉଥିବାରୁ, ଶୃଙ୍ଖଳା ରକ୍ଷା କରୁଥିବାରୁ ଓ ଭଲ ନେତୃତ୍ୱ ନେଉ ଥିବାରୁ ଗୋଟିଏ ପରେ ଗୋଟିଏ ତିନୋଟି ପୁରସ୍କାର ବଢ଼ାଇଦେଲେ । ସମସ୍ତେ ହୀରାର ଖୁବ୍ ପ୍ରଶଂସା କଲେ ଓ ପଡ଼ୋଶୀମାନେ ମଧ୍ୟ ହୀରାକୁ ବହୁତ ପ୍ରଶଂସା କଲେ । ସେତେବେଳକୁ ହୀରା ବାପା ମା'ଙ୍କ ମୁଣ୍ଡ ତଳକୁ ହୋଇଗଲା । ନିଜ ଭୁଲ

ସେମାନେ ବୁଝିପାରିଲେ । ସେହି ଦିନ ଠାରୁ ଅନିଲ ବାବୁଙ୍କ ଘରକୁ ଯାହା ଆସିଲା ହରିଶ ଓ ହୀରାଙ୍କୁ ସମାନ ଭାବରେ ଦିଆଗଲା । ଜେଜେମା' ମଧ୍ୟ ହୀରାର ପାଠପଢ଼ାକୁ ପସନ୍ଦ କଲେ । ମାଆ ଓ ଜେଜେମା' ମିଶି ଘର କାମ କଲେ । ହୀରାକୁ ଏବେ ବହୁତ ସମୟ ମିଳିଲା ପାଠ ପଢ଼ିବାକୁ ।

ଉପରୋକ୍ତ ଗପ ଭଳି ଆମ ସମାଜରେ ପୁଅ ଝିଅ ମଧ୍ୟରେ ବାଛବିଚାର ବହୁକାଳରୁ ଅଛି । ଅନେକ ପରିବାରରେ ବାପା ମାଆମାନେ ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କର ପାଠପଢ଼ା ଓ ଖେଳକସରତ ପ୍ରତି ଅଧିକ ଧ୍ୟାନ ଦିଅନ୍ତି । ଝିଅକୁ ଘରକାମରେ ଲଗାଇ ପୁଅକୁ ଉଚ୍ଚଶିକ୍ଷା ପାଇଁ ବାହାରକୁ ପଠାନ୍ତି । ଏହାଫଳରେ ଝିଅମାନଙ୍କର ଉନ୍ନତି ହୋଇପାରେ ନାହିଁ । କିନ୍ତୁ କେତେକ ଝିଅ ବଡ଼ ହୋଇ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି । ଆଜିକାଲି ଅନେକ ପରୀକ୍ଷାରେ ପୁଅମାନଙ୍କ ଅପେକ୍ଷା ଝିଅ ଅଧିକ ଭଲ କରୁଛନ୍ତି ।

ତଳେ କେତେକ ମହିଳାଙ୍କ ନାମ ଦିଆଯାଇଛି, ସେମାନେ କେଉଁ କେଉଁ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି ପଚାରି ବୁଝି ଲେଖ । ଏହି ତାଲିକାରେ ଆଉ କେତେକଙ୍କ ନାମ ଯୋଡ଼ ।

| | |
|---|---|
| ୧. ରାଣୀ ଲକ୍ଷ୍ମୀବାଈ ............................ | ୨. କଳ୍ପନା ଚାୱଲା .......................... |
| ୩. ସରୋଜିନୀ ନାଇଡୁ......................... | ୪. କିରଣ ବେଦୀ .......................... |
| ୫. ମ୍ୟାଡ଼ମ୍ କ୍ୟୁରୀ ............................ | ୬. ପି.ଟି. ଉଷା .......................... |
| ୭. ପଦ୍ମିନୀ ରାଉତ ............................ | ୮. ବଚ୍ଛେନ୍ଦ୍ରି ପାଲ .......................... |
| ୯. ଇନ୍ଦିରା ଗାନ୍ଧୀ ............................... | ୧୦. ନନ୍ଦିନୀ ଶତପଥୀ........................ |
| ୧୧. __________ ......................... | ୧୨. ___________ ..................... |

ଏଥିରୁ ଆମେ ଜାଣିଲେ ସୁବିଧା ଓ ସୁଯୋଗ ପାଇଲେ ଝିଅମାନେ ମଧ୍ୟ ପୁଅଙ୍କ ଭଳି ସବୁ କ୍ଷେତ୍ରରେ ଉନ୍ନତି କରିପାରିବେ । କୌଣସି ଗୁଣରେ ପୁଅମାନଙ୍କଠାରୁ ଝିଅମାନେ କମ୍ ନୁହଁନ୍ତି । ପୁଅ ଓ ଝିଅ ଉଭୟଙ୍କୁ ପଢ଼ିବା ପାଇଁ ଓ ସବୁ ପ୍ରକାର ଜୀବିକା ପାଇଁ ସମାନ ସୁବିଧା ସୁଯୋଗ ଦିଆଯିବା ଆବଶ୍ୟକ ।

ପୁଅ ଝିଅଙ୍କ ମଧ୍ୟରେ ବାଛବିଚାର ଦେଶର ଉନ୍ନତି ପଥରେ ବାଧା ସୃଷ୍ଟି କରୁଛି । ତେଣୁ ପରିବାରରେ ପୁଅଝିଅଙ୍କ ମଧ୍ୟରେ ବାଛବିଚାର ବନ୍ଦ କରି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେବା ପାଇଁ ସରକାର ମଧ୍ୟ **ଆଇନ୍** କରିଛନ୍ତି ଓ **ମହିଳା କମିଶନ** ଗଠନ କରିଛନ୍ତି ।

ତଳେ କେତେଗୁଡ଼ିଏ ଉକ୍ତି ଦିଆଯାଇଛି । ତୁମେ ଯେଉଁ ଉକ୍ତି ସହିତ ଏକମତ ତା'ପାଖରେ ଠିକ୍ '✓' ଚିହ୍ନ ଦିଅ ।

(କ) ଘରେ

୧. ପୁଅ ଝିଅ ଉଭୟଙ୍କୁ ସମାନ ଖାଦ୍ୟ ଦେବା

୨. ଉଭୟ ପୁଅଝିଅଙ୍କୁ ଆବଶ୍ୟକ ପାଠ ଉପକରଣ ଯୋଗାଇଦେବା

୩. ଦେହ ଖରାପ ହେଲେ ପୁଅ ଝିଅ ଉଭୟଙ୍କୁ ଚିକିତ୍ସା ଯୋଗାଇଦେବା

୪. ପର୍ବ ପର୍ବାଣିରେ ଉଭୟଙ୍କ ପାଇଁ ନୂଆ ପୋଷାକ କିଣିବା

୫. ନିଜ ନିଜର ଆଗ୍ରହଥିବା କାର୍ଯ୍ୟରେ (ଗୀତ/ନାଚ/ଖେଳ) ଇତ୍ୟାଦିରେ ଅଂଶ ଗ୍ରହଣ ପାଇଁ ସମାନ ସୁଯୋଗ ଦେବା

୬. ଉଭୟଙ୍କୁ ବିଭିନ୍ନ ଜାଗାକୁ ବୁଲାଇବାକୁ ନେବା

୭. ବିଭିନ୍ନ ଘର କାମରେ ଯଥା, ଘର ସଜାଡ଼ିବା... ଇତ୍ୟାଦି ଉଭୟଙ୍କୁ ସମାନ କାମ ଦେବା ।

(ଖ) ବିଦ୍ୟାଳୟରେ

୧. ପୁଅଝିଅଙ୍କୁ ଏକାଠି ବସିବାକୁ ଦେବା ।

୨. ଦଳଗତ ଶିକ୍ଷଣ କାର୍ଯ୍ୟରେ ପୁଅ ଝିଅମାନଙ୍କୁ ଏକାଠି ବସି କାମ କରେଇବା ।

୩. ବିଦ୍ୟାଳୟ ପରିମଳ କମିଟିରେ ପୁଅଝିଅ ମିଶି ରହିବା ।

୪. ବିଦ୍ୟାଳୟରେ ପୂଜା / ଜାତୀୟ ଉତ୍ସବ, ବାର୍ଷିକ ଉତ୍ସବ ପାଳନ ସମୟରେ ସବୁକାମ ପୁଅଝିଅ ମିଶି କରିବା ।

୫. ପୁଅଝିଅ ଉଭୟ ଶ୍ରେଣୀ କକ୍ଷ ଓଳାଇବା ।

**ଶିକ୍ଷକ ପାଇଁ ସୂଚନା** - ପିଲାମାନେ ପ୍ରତ୍ୟେକ ଉକ୍ତିରେ ଠିକ (✓)ଚିହ୍ନ ମାରିବା ପରେ ଶିକ୍ଷକ ପ୍ରତ୍ୟେକ ଉକ୍ତିପାଇଁ କେତେଜଣ ରାଜି ଓ କେତେଜଣ ଅରାଜି ଗଣି କଳାପଟାରେ ଲେଖିବେ । ଅରାଜି ପାଇଁ ଆଲୋଚନା କରିବେ । ବାଛ ବିଚାର ନ ରହିବା ପାଇଁ ଘରେ, ବିଦ୍ୟାଳୟରେ ଓ ଅନ୍ୟ ସାମାଜିକ ପରିସ୍ଥିତିରେ ପିଲାମାନେ କି କି ପଦକ୍ଷେପ ନେବେ ସେ ବିଷୟରେ ଆଲୋଚନା କରିବେ । ଯେପରି ପୁଅମାନେ କହିବେ ମୋତେ ଯାହା ଦିଆଯାଇଛି ମୋ ଭଉଣୀକୁ ମଧ୍ୟ ତାହା ଦିଆଯାଉଛି । ଝିଅପିଲାମାନେ ମଧ୍ୟ ନିଜର ଅଧିକାର ଦାବି କରିବା ଉଚିତ ।

## ଅଭ୍ୟାସ

୧. ତୁମ ଅଞ୍ଚଳରେ ଭଲ ପାଠ ପଢ଼ି, ଭଲ ଖେଳି ବା ଭଲ କାମ କରି ନାଁ କରିଥିବା କେତୋଟି ଝିଅଙ୍କ ନାମ ଲେଖ ।

______________________________________________

୨. ତୁମ ଘରେ ଓ ବିଦ୍ୟାଳୟରେ ପୁଅଝିଅ ବାଛବିଚାର ବନ୍ଦ କରିବା ପାଇଁ କି କି ସ୍ଲୋଗାନ୍ ଲେଖି ଲଗାଇବ ସେଗୁଡ଼ିକ ଲେଖ ।

____________________ ____________________

____________________ ____________________




**ତୁମ ପାଇଁ କାମ -**

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଫଟୋ ସଂଗ୍ରହ କରି ଖାତାରେ ଲଗାଅ । ସେମାନଙ୍କ ନେତୃତ୍ୱ ବିଷୟରେ ଲେଖ ।



# ନୁହେଁ ମୁଁ ଶ୍ରମିକ











ଉପରୋକ୍ତ ଚିତ୍ରଗୁଡ଼ିକୁ ଦେଖ ଓ ପିଲା କରୁଥିବା କେଉଁ କାମଗୁଡ଼ିକ ତୁମକୁ ଭଲ ଲାଗୁଛି ଓ କେଉଁଗୁଡ଼ିକ ଭଲ ଲାଗୁନାହିଁ, ତାଲିକା କର ।

| ଭଲ ଲାଗୁଥିବା କାମ | | ଭଲ ଲାଗୁ ନଥିବା କାମ | |
|---|---|---|---|
| .............. | ................. | .............. | ................. |
| .............. | ................. | .............. | ................. |
| .............. | ................. | .............. | ................. |

- ଏହି କାମଗୁଡ଼ିକ ମଧ୍ୟରୁ ତୁମ ବୟସର ପିଲାଟିଏ କେଉଁଗୁଡ଼ିକ କରିବା ଉଚିତ୍ ଓ କାହିଁକି ?

______________________________

______________________________

- କେଉଁ କାମରେ ପିଲାଙ୍କୁ ନିୟୋଜିତ ନ କରିବା ଉଚିତ ଓ କାହିଁକି ?

______________________________

______________________________

- **ପାଠ ପଢ଼ିବା ପ୍ରତ୍ୟେକ ଶିଶୁର ଅଧିକାର ।**
- **୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ଶ୍ରମିକ ଭାବରେ ଖଟାଇବା ଦଣ୍ଡନୀୟ ଅପରାଧ ।**

## ଅଭ୍ୟାସ

୧. ତୁମ ଅଞ୍ଚଳରେ ତୁମ ବୟସର ପିଲା ପାଠ ନ ପଢ଼ି ଶ୍ରମିକ ଭାବେ କାମ କରୁଥିବାର ଦେଖିଲେ ତୁମେ କ'ଣ କରିବ ?

______________________________

______________________________

୨. କେତେ ବର୍ଷରୁ କମ୍ ବୟସର ପିଲା କାମ କରିବା ଦଣ୍ଡନୀୟ ଅପରାଧ ?

______________________________

୩. ଛୋଟ ପିଲାମାନଙ୍କୁ କାହିଁକି ରୋଜଗାର ପାଇଁ କାମରେ ଲଗାଇବା ନାହିଁ ?

______________________________

______________________________



**ତୁମ ପାଇଁ କାମ -**

୧. ତୁମ ଗାଁ' / ସାହିର କେଉଁ କେଉଁ ପିଲାମାନେ ପାଠ ନ ପଢ଼ି କାମ କରୁଛନ୍ତି ପଚାରି ତାହାର ତାଲିକା କର ।

୨. ସମ୍ବାଦପତ୍ରରୁ ବାଳଶ୍ରମିକଙ୍କ ବିଷୟରେ ବାହାରୁଥିବା ଖବରଗୁଡ଼ିକ କାଟି ଡ୍ରଇଙ୍ଗ୍ ସିଟ୍‌ରେ ଅଠାରେ ଲଗାଇ ତୁମ ଶ୍ରେଣୀରେ ଟାଙ୍ଗ ।



# ସପ୍ତମ ପାଠ

## ପ୍ରାକୃତିକ ଓ କୃତ୍ରିମ



ଏଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକୁ ମଣିଷ ତିଆରି କରିଛି ଓ କେଉଁଗୁଡ଼ିକୁ ମଣିଷ ତିଆରି କରିନାହିଁ ଅଲଗା କରି ଲେଖ ।

| ମଣିଷ ତିଆରି କରିଛି | ମଣିଷ ତିଆରି କରିନାହିଁ |
| --- | --- |
| | |

କହିଲ ଦେଖି, ଯେଉଁଗୁଡ଼ିକୁ ମଣିଷ ତିଆରି କରିନାହିଁ, ସେଗୁଡ଼ିକୁ କିଏ ତିଆରି କରିଛି ?

ସେଗୁଡ଼ିକୁ ପ୍ରକୃତି ତିଆରି କରିଛି । ତେଣୁ ସେଗୁଡ଼ିକୁ **ପ୍ରାକୃତିକ ଜିନିଷ** ବୋଲି କୁହାଯାଏ । ସେହିପରି ମନୁଷ୍ୟ ତିଆରି କରିଥିବା ଜିନିଷକୁ **ମନୁଷ୍ୟକୃତ** ବା **କୃତ୍ରିମ ଜିନିଷ** ବୋଲି କୁହାଯାଏ ।

ଶିକ୍ଷକଙ୍କ ପାଇଁ ସୂଚନା :- ଶିକ୍ଷକ ପିଲାମାନଙ୍କୁ ଶ୍ରେଣୀ ବାହାରକୁ ନେଇ ପ୍ରାକୃତିକ ଓ କୃତ୍ରିମ ଜିନିଷ ଚିହ୍ନାଇବାକୁ କହିବେ ।

# ଅଭ୍ୟାସ

୧. ତଳେ ଦିଆଯାଇଥିବା ଜିନିଷଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ପ୍ରାକୃତିକ ସେଗୁଡ଼ିକୁ ଗୋଲ ଭିତରେ ଓ ଯେଉଁଗୁଡ଼ିକ କୃତ୍ରିମ ସେଗୁଡ଼ିକୁ ବାକ୍ସ ଭିତରେ ଲେଖ।

ଅଟା, ଆଖୁ, ଚିନି, ମାଟି, ବହି, ଖାତା, ବାଲି, ସିମେଣ୍ଟ, ସୁନାହାର, ଆମ୍ବଗଛ, ଟେବୁଲ, ସ୍କେଲ୍, ସୂର୍ଯ୍ୟ, ଚନ୍ଦ୍ର, ତାରା, କପ୍, ପବନ, ପାଣି, ଖଟ, କୁକୁର, ମଟର, ଦର୍ପଣ, ଝରକା, କବାଟ

୨. ତୁମ ଘରେ, ବାହାରେ ଓ ବିଦ୍ୟାଳୟରେ ଦେଖୁଥିବା ଜିନିଷଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ କୃତ୍ରିମ ଓ କେଉଁଗୁଡ଼ିକ ପ୍ରାକୃତିକ ତଳେ ଲେଖ।

| କୃତ୍ରିମ | ପ୍ରାକୃତିକ |
|---|---|
| | |

୩. ଗୋଟିଏ ମନୁଷ୍ୟକୃତ ଓ ଗୋଟିଏ ପ୍ରାକୃତିକ ଜିନିଷର ଚିତ୍ର କର।

# ଜୀବ ନିର୍ଜୀବ

ତୁମେ ବିଭିନ୍ନ ସ୍ଥାନରେ ଦେଖୁଥିବା ଜିନିଷଗୁଡ଼ିକର ତାଲିକା କର।

| ଶ୍ରେଣୀ ଭିତରେ | ବିଦ୍ୟାଳୟ ଭିତରେ | ଘରେ | ରାସ୍ତାରେ | ତୁମ ପରିବେଶରେ |
|---|---|---|---|---|
| | | | | |

- ଏମାନଙ୍କ ଭିତରୁ କେଉଁଗୁଡ଼ିକ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନିଜେ ଯାଇପାରନ୍ତି ତଳେ ଲେଖ।

______ ______ ______ ______ ______

______ ______ ______ ______ ______

- କେଉଁଗୁଡ଼ିକ ନିଜେ ଯାଇପାରନ୍ତି ନାହିଁ ତଳେ ଲେଖ।

______ ______ ______ ______ ______

______ ______ ______ ______ ______

ତଳ ଚିତ୍ରକୁ ଦେଖ, ଏମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଚଳପ୍ରଚଳ ହୁଅନ୍ତି ଲେଖ।



______________________________

______________________________

**ଶିକ୍ଷକଙ୍କ ପାଇଁ ସୂଚନା -** ପିଲାମାନେ, କେଉଁମାନେ ଚଳପ୍ରଚଳ ହୁଅନ୍ତି ଲେଖିସାରିଲା ପରେ ସେମାନଙ୍କୁ ବିଭିନ୍ନ ଦଳରେ ବସାଇବେ। ଦଳରେ ଆଲୋଚନା କରି ତାଲିକା ପ୍ରସ୍ତୁତି କରିବେ। ପ୍ରତ୍ୟେକ ଦଳରୁ ଜଣେ ପିଲା ତାଲିକା ପଢ଼ିବେ। ଭୁଲ ଥିଲେ ସଂଶୋଧନ କରାଯିବ।

ପୂର୍ବ ଚିତ୍ରରୁ କେଉଁଗୁଡ଼ିକ ନିଜେ ନିଜେ ଚଳପ୍ରଚଳ ହୁଅନ୍ତି ଓ କେଉଁଗୁଡ଼ିକ ଅନ୍ୟ ଦ୍ୱାରା ଚଳପ୍ରଚଳ ହୁଅନ୍ତି, ତଳ ସାରଣୀରେ ଲେଖ ।

| ନିଜେ ନିଜେ ଚଳପ୍ରଚଳ ହୁଅନ୍ତି | ଅନ୍ୟ ଦ୍ୱାରା ଚଳପ୍ରଚଳ ହୁଅନ୍ତି |
|---|---|
| | |

- ଆଉ କେଉଁମାନେ ଅନ୍ୟ ଦ୍ୱାରା ଚଳପ୍ରଚଳ ହୁଅନ୍ତି ତାଲିକା କର ।

____________________

____________________

- ତୁମେ ଖାଦ୍ୟ ଖାଅ । ତୁମ କଣ୍ଢେଇକୁ ଖାଇବାକୁ ଦେଲେ ସେ ଖାଏ ନାହିଁ କାହିଁକି ?

____________________

____________________

- କେଉଁମାନେ ଖାଦ୍ୟ ଖାଆନ୍ତି, ସେମାନଙ୍କର ନାମ ତଳେ ଲେଖ ।

____________________

____________________

**ପରୀକ୍ଷାଟିଏ କର ।**


- ଦୁଇଟି ଛୋଟ ଚାରା ଗଛ ଆଣ ।
- ଗୋଟିଏ ଗଛକୁ ମାଟି ଥିବା ଡବାରେ ଲଗାଇ ପ୍ରତିଦିନ ପାଣି ଦିଅ ।
- ଅନ୍ୟ ଗଛକୁ ଖାଲି ଡବା (ମାଟି ନଥିବା) ରେ ରଖ ଓ ପାଣି ଦିଅ ନାହିଁ ।
- ଦଶ / ବାର ଦିନ ପରେ ପ୍ରତ୍ୟେକ ଡବାର ଗଛକୁ ଲକ୍ଷ୍ୟ କର ।

**କ'ଣ ଦେଖିଲ ଲେଖ ।**

ଏପରି ହେବାର କାରଣ କ'ଣ ଲେଖ ।

**ଆମେ ଜାଣିଲେ,**

**ଗଛ ତାହାର ଖାଦ୍ୟ, ମାଟି ଓ ଜଳରୁ ପାଇଥାଏ । ଏଥିରୁ ଆମେ ଜାଣିଲେ ଗଛ ମଧ୍ୟ ଖାଦ୍ୟ ଖାଏ ।**



- ଉପର ଚିତ୍ରଗୁଡ଼ିକରୁ କ'ଣ ଜାଣିଲ ଲେଖ।

________________________________________

________________________________________

________________________________________

________________________________________

**ପଶୁ, ପକ୍ଷୀ, ଗଛ, ମଣିଷ ଇତ୍ୟାଦି ଛୋଟରୁ ବଡ଼ ହୁଅନ୍ତି ଅର୍ଥାତ୍ ସେମାନେ ବଢ଼ନ୍ତି।**

• ତୁମ ଅଞ୍ଚଳରେ କେଉଁମାନେ ଛୋଟରୁ ବଡ଼ ହୋଇଥିବା ଦେଖିଛ ଲେଖ।

---

---

ମାଈ କୁକୁଡ଼ା ଛୁଆଟି ବଡ଼ ହେଲେ ଅଣ୍ଡା ଦିଏ। ସେହି ଅଣ୍ଡାରୁ ପୁଣି କୁକୁଡ଼ା ଛୁଆ ବାହାରେ। ତୁମ ଜେଜେମା' ଓ ଜେଜେ ବାପାଙ୍କର ପୁଅ ହେଉଛନ୍ତି ତୁମ ବାପା, ତୁମ ବାପା ମାଆଙ୍କର ପିଲାମାନେ ହେଉଛନ୍ତି ତୁମେ ଏବଂ ତୁମର ଭାଇ ଭଉଣୀ। ଆମ୍ବ ଟାକୁଆକୁ ମାଟିରେ ପୋତିଲେ ସେଥିରୁ ଆମ୍ବଗଛ ହୁଏ। ସେହି ଆମ୍ବଗଛ ବଡ଼ହେଲେ ସେଥିରେ ଆମ୍ବ ଫଳେ। ଏହିଭଳି ଗୋଟିଏ ଆମ୍ବ ଗଛରୁ ଅନେକ ଆମ୍ବଗଛ ହୋଇଥାଏ। କୁକୁଡ଼ା, କୁକୁର, ବିଲେଇ, ମଣିଷ, ଗାଈ, ହାତୀ, ଆମ୍ବଗଛ, କଦଳୀଗଛ, ବାଇଗଣ ଗଛ ଇତ୍ୟାଦି ନିଜର ସଂଖ୍ୟା ବଢ଼େଇଥା'ନ୍ତି। ଅର୍ଥାତ୍, **ନିଜର ବଂଶ ବଢ଼ାଇଥା'ନ୍ତି।**

**ଆସ, ତଳେ ଦିଆଯାଇଥିବା କାମଗୁଡ଼ିକୁ କରିବା।**

**କାର୍ଯ୍ୟ – ୧ :** ତୁମେ ତୁମ ବାପା / ମାଆ କିମ୍ବା ବଡ଼ ଭାଇଭଉଣୀଙ୍କ ସହ ଦିନବେଳେ ବାହାରକୁ ଯାଇ ତେନ୍ତୁଳି, ସଜନା, ଚାକୁଣ୍ଡା, ଗେଣ୍ଡୁ, ଅପରାଜିତା ଆଦି ଗଛର ପତ୍ରକୁ ଲକ୍ଷ୍ୟ କର। ପୁଣି ସନ୍ଧ୍ୟାବେଳେ ସୂର୍ଯ୍ୟ ଅସ୍ତ ହେଲା ପରେ ସେହି ଗଛଗୁଡ଼ିକର ପତ୍ରକୁ ଲକ୍ଷ୍ୟ କର। କ'ଣ ପାର୍ଥକ୍ୟ ଦେଖିଲ, ଲେଖ।

---

**କାର୍ଯ୍ୟ – ୨ :** ଲାଜକୁଳି ଲତାକୁ ବଡ଼ ଭାଇଭଉଣୀଙ୍କ ସାହାଯ୍ୟରେ ଚିହ୍ନ ଓ ତା ପତ୍ରକୁ ହାତରେ ଛୁଅଁ। କ'ଣ ହେଲା ଦେଖ ଓ ଲେଖ।

**କାର୍ଯ୍ୟ – ୩ :** ଚାଲୁଥିବା ତେଲୁଣିପୋକକୁ ଛୁଅଁ, କ'ଣ ହେଲା ଦେଖ ଓ ଲେଖ।

ଏପରି କାହିଁକି ହେଲା ?

ଏଥିରୁ ଆମେ ଜାଣିଲେ –

ତେଲୁଣି ପୋକ ଗୋଲ ହେବା, ଚାକୁଣ୍ଡା ପତ୍ର ବୁଜି ହେବା, ଲାଜକୁଳି ପତ୍ର ବୁଜିହେବାକୁ **ପ୍ରତିକ୍ରିୟା ପ୍ରକାଶ କରିବା** କୁହାଯାଏ ।

- ଆଉ କେଉଁମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି ଓ କେଉଁମାନେ କରନ୍ତି ନାହିଁ, ସେମାନଙ୍କର ତାଲିକା କର ।

| ପ୍ରତିକ୍ରିୟା ପ୍ରକାଶ କରନ୍ତି | ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ |
|---|---|
| | |

- ଆମେ ନାକ ବାଟେ ଶ୍ୱାସକ୍ରିୟା କରୁ । ସେହିଭଳି ପଶୁ, ପକ୍ଷୀ, କୀଟପତଙ୍ଗ ମଧ୍ୟ ଶ୍ୱାସକ୍ରିୟା କରିଥାନ୍ତି । ଆଉ ମଧ୍ୟ ଗଛମାନେ ବି ଶ୍ୱାସକ୍ରିୟା କରନ୍ତି ।
- ଏମାନଙ୍କ ମଧ୍ୟରୁ କେଉଁମାନେ ଶ୍ୱାସକ୍ରିୟା କରନ୍ତି ଓ କେଉଁମାନେ କରନ୍ତି ନାହିଁ, ସେମାନଙ୍କୁ ତଳ ସାରଣୀରେ ଲେଖ ।

କାଉ, କୁକୁର, ମାଛ, ଟେବୁଲ, ଚୌକି, ଧାନଗଛ, ବାଡ଼ି, ଘଡ଼ି, ଡଷ୍ଟର, ପିମ୍ପୁଡି, ଗ୍ଲାସ୍, ଗାଈ, ଝିଣ୍ଟିକା, ପିଜୁଳିଗଛ, ବୋତଲ, ବେଙ୍ଗ, ପ୍ରଜାପତି, ମଟରଗାଡ଼ି, କଣ୍ଢେଇ

| ଶ୍ୱାସକ୍ରିୟା କରନ୍ତି | ଶ୍ୱାସକ୍ରିୟା କରନ୍ତି ନାହିଁ |
|---|---|
| | |

ଆମେ ଜାଣିଲେ -

ମଣିଷ, ପଶୁ, ପକ୍ଷୀ, କୀଟପତଙ୍ଗ ଓ ଗଛଲତା **ଛୋଟରୁ ବଡ଼ ହୁଅନ୍ତି, ଖାଦ୍ୟ ଖାଆନ୍ତି, ଶ୍ୱାସକ୍ରିୟା କରନ୍ତି, ବଂଶ ବଢ଼ାନ୍ତି ଓ ପ୍ରତିକ୍ରିୟା ପ୍ରକାଶ କରନ୍ତି।** ଗଛଲତା ବ୍ୟତୀତ ଅନ୍ୟମାନେ **ଚଳପ୍ରଚଳ ହୁଅନ୍ତି।** ଯେଉଁମାନଙ୍କର ଏହି ସବୁ ଲକ୍ଷଣ ଅଛି, ସେମାନଙ୍କୁ ଜୀବ କୁହାଯାଏ। ଯେଉଁ-ଗୁଡ଼ିକ ଛୋଟରୁ ବଡ଼ ହୁଅନ୍ତି ନାହିଁ, ଖାଦ୍ୟ ଖାଆନ୍ତି ନାହିଁ, ଶ୍ୱାସକ୍ରିୟା କରନ୍ତି ନାହିଁ, ବଂଶ ବଢ଼ାନ୍ତି ନାହିଁ, ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ ଓ ନିଜେ ଚଳପ୍ରଚଳ ହୁଅନ୍ତି ନାହିଁ, ସେଗୁଡ଼ିକ **ନିର୍ଜୀବ।**


## ଅଭ୍ୟାସ

୧. ତୁମ ଚାରିପଟେ ଯାହା ସବୁ ଦେଖୁଛ ସେଥିମଧ୍ୟରୁ କେଉଁଗୁଡ଼ିକ ଜୀବ ଓ କେଉଁଗୁଡ଼ିକ ନିର୍ଜୀବ ତଳ ସାରଣୀରେ ଲେଖ।

| ଜୀବ | ନିର୍ଜୀବ |
| --- | --- |
| | |

୨. ଯେକୌଣସି ଦୁଇଟି ଜୀବ ଓ ଦୁଇଟି ନିର୍ଜୀବ ବସ୍ତୁର ଚିତ୍ର ଅଙ୍କନ କରି ରଙ୍ଗ ଦିଅ।

୩. ତଳଚିତ୍ରରେ ଯେଉଁଗୁଡ଼ିକ ନିର୍ଜୀବ ତା' ପାଖରେ ଛକି (✗) ପକାଅ।

(କ) 

(ଖ) 

(ଗ) 

(ଘ) 

(ଙ) 

(ଚ) 

(ଛ) 

(ଜ) 

୪. ଗଛକୁ ଆମେ ଜୀବ କାହିଁକି କହିବା ଲେଖ।

______________________________

______________________________

______________________________

୫. ଯେଉଁଟି ଠିକ୍ ଉକ୍ତି ତା'ପାଖରେ (✓) ଚିହ୍ନ ଓ ଯେଉଁଟି ଭୁଲ ଉକ୍ତି ତା' ପାଖରେ (×) ଚିହ୍ନ ଦିଅ ।

(କ) ଜୀବମାନେ ପ୍ରଶ୍ୱାସ ନିଅନ୍ତି ଓ ନିଃଶ୍ୱାସ ଛାଡ଼ନ୍ତି । ( )

(ଖ) ନିର୍ଜୀବମାନେ ନିଜେ ଚଳପ୍ରଚଳ କରନ୍ତି ।( )

(ଗ) ଜୀବମାନେ ଖାଦ୍ୟ ଖାଆନ୍ତି ।( )

(ଘ) ଜୀବମାନେ ଛୋଟରୁ ବଡ଼ ହୁଅନ୍ତି । ( )

(ଙ) ନିର୍ଜୀବମାନେ ଶ୍ୱାସକ୍ରିୟା କରନ୍ତି ।( )

(ଚ) ଜୀବମାନେ ବଂଶ ବଢ଼ାନ୍ତି । ( )

(ଛ) ନିର୍ଜୀବମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । ( )

୬. ରାସ୍ତାରେ ଯାଉଥିବା ସାଇକେଲଟି ଜୀବ ନା ନିର୍ଜୀବ ? କାରଣ ଲେଖ ।

________________________________________

________________________________________

________________________________________



**ତୁମ ପାଇଁ କାମ -**

ତୁମ ଆଖପାଖରେ ଥିବା ଗଛଗୁଡ଼ିକୁ ସୂର୍ଯ୍ୟାସ୍ତ ପରେ ଦେଖ । ସେଥିମଧ୍ୟରୁ କେଉଁଗୁଡ଼ିକର ପତ୍ର ବୁଜି ହୋଇଯାଇଛି ଓ କେଉଁଗୁଡ଼ିକର ପତ୍ର ବୁଜି ହୋଇନାହିଁ ଖାତାରେ ଟିପି ଆଣି ଶ୍ରେଣୀରେ ଆଲୋଚନା କର ।



# ଉଦ୍ଭିଦ ଓ ପ୍ରାଣୀ



- ଉପରେ ଥିବା ଚିତ୍ରଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଉଦ୍ଭିଦ ଓ କେଉଁଗୁଡ଼ିକ ପ୍ରାଣୀ ଅଲଗା କରି ତଳେ ଲେଖ ।

| | |
|---|---|
| ଉଦ୍ଭିଦ | |
| ପ୍ରାଣୀ | |

- ଗାଈ ଓ ଆମ୍ବ ଗଛ ଏକାଭଳି କେଉଁସବୁ କାମ କରନ୍ତି ?

ଯେପରି : ଖାଦ୍ୟ ଖାଆନ୍ତି, ସେହିପରି : ____________, ____________, ____________

**ପ୍ରାଣୀ ଓ ଉଦ୍ଭିଦ ଉଭୟ ହେଉଛନ୍ତି ଜୀବ ।** ତଥାପି ପ୍ରାଣୀ ଓ ଉଦ୍ଭିଦମାନଙ୍କ ମଧ୍ୟରେ କେତେକ ପାର୍ଥକ୍ୟ ରହିଛି । ସେଗୁଡ଼ିକ କ'ଣ ? ଆସ ଜାଣିବା ।

- ତୁମ ଶରୀରରେ କ'ଣ କ'ଣ ଅଙ୍ଗ ଅଛି ଯାହା କୌଣସି ଗଛରେ ନାହିଁ ?

  ଯେପରି – ହାତ,

  ___

  ___

- ଗଛର କ'ଣ କ'ଣ ଅଙ୍ଗ ଅଛି ଯାହା ତୁମ ଶରୀରରେ ନାହିଁ ?

  ଯେପରି – ପତ୍ର

  ___

  ___

**ଏଥିରୁ ଆମେ ଜାଣିଲେ, ଉଦ୍ଭିଦ ଓ ପ୍ରାଣୀମାନଙ୍କର ଶରୀରର ଅଙ୍ଗଗୁଡ଼ିକ ଅଲଗା ଅଲଗା । ଏଣୁ ଉଦ୍ଭିଦ ଓ ପ୍ରାଣୀର ଶରୀର ଗଠନରେ ପାର୍ଥକ୍ୟ ରହିଛି ।**



ଉପରେ ଥିବା ଚିତ୍ର ଦେଖି କେଉଁମାନେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଇପାରନ୍ତି ଓ କେଉଁମାନେ ଯାଇପାରନ୍ତି ନାହିଁ ତଳ କୋଠରିରେ ଲେଖ ।

| ଯାଇପାରନ୍ତି | ଯାଇପାରନ୍ତି ନାହିଁ |
|---|---|
| | |

**ଏଥିରୁ ଆମେ ଜାଣିଲେ, ପ୍ରାଣୀମାନେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଇପାରନ୍ତି । ପ୍ରାଣୀମାନଙ୍କର ଚଳନ ଶକ୍ତି ଅଛି ।**

ଛୋଟ ଚାରା ଗଛଟିଏ ଯେଉଁଠି ଲଗାଇବା, ତାହା ସେହିଠାରେ ହିଁ ବଢ଼ିଥାଏ । କଲରା ବା କଖାରୁ ଗଛ ଯେଉଁଠାରେ ଲଗାଇବା, ତାହାର ମୂଳ ସେହିଠାରେ ମାଟି ଭିତରେ ରହିଥାଏ । ଏହାର ଡଙ୍କ ଲମ୍ବିଯାଇଥାଏ । ମୂଳ ନିଜର ସ୍ଥାନ ବଦଳାଏ ନାହିଁ । ଏଣୁ **ଉଦ୍ଭିଦମାନେ** ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯାଇପାରନ୍ତି ନାହିଁ ।

**ଏଥିରୁ ଆମେ ଜାଣିଲେ, ଉଦ୍ଭିଦମାନଙ୍କର ଚଳନ ଶକ୍ତି ନାହିଁ ।**

ତଳ ସାରଣୀ ପୂରଣ କର ।

| ଆମେ ଖାଉଥିବା ଖାଦ୍ୟ | କାହାଠାରୁ ମିଳେ ? ପ୍ରାଣୀ / ଉଦ୍ଭିଦ |
|---|---|
| ଯେପରି - ଭାତ | ଉଦ୍ଭିଦ |
| ରୁଟି | |
| ଡାଲି | |
| ପରିବା ତରକାରି | |
| ଫଳ | |
| ମାଛ ତରକାରି | |
| ମାଂସ ତରକାରି | |
| ଦୁଧ | |
| ଚିନି | |
| ଘିଅ | |

ତେବେ ଆମେ ଖାଉଥିବା ଖାଦ୍ୟ କାହା କାହାଠାରୁ ପାଉଛୁ ? ସାଙ୍ଗମାନଙ୍କ ସହିତ ଆଲୋଚନା କର ।

ଆମେ ଆମ ଖାଦ୍ୟ ଉଦ୍ଭିଦ ଓ କେତେକ ପ୍ରାଣୀ (ମାଛ, ଛେଳି, କୁକୁଡ଼ା ଇତ୍ୟାଦି)ଙ୍କ ଠାରୁ ପାଉଛୁ । କିନ୍ତୁ କହିଲ ଦେଖି, ମାଛ, ଛେଳି, କୁକୁଡ଼ା ଇତ୍ୟାଦି ପ୍ରାଣୀ ତାଙ୍କର ଖାଦ୍ୟ କାହାଠାରୁ ପାଆନ୍ତି ? ଆମେ ଆମର କେତେକ ଖାଦ୍ୟ ପ୍ରତ୍ୟକ୍ଷ ଭାବେ ଉଦ୍ଭିଦଠାରୁ ପାଉ । ଆଉ କେତେକ ଖାଦ୍ୟ (ମାଛ, ମାଂସ, ଅଣ୍ଡା ଇତ୍ୟାଦି) ପରୋକ୍ଷ ଭାବେ ମଧ୍ୟ ଉଦ୍ଭିଦଠାରୁ ପାଉ । ଯେପରି ଛେଳି ଗଛପତ୍ର ଖାଏ । ଛେଳି ମାଂସକୁ ଆମେ ଖାଉ । କିନ୍ତୁ ଉଦ୍ଭିଦ ତାହାର ଖାଦ୍ୟ କେଉଁଠାରୁ ପାଏ ? ଉଦ୍ଭିଦ ତାହାର ନିଜର ଖାଦ୍ୟ ପତ୍ରରେ ପ୍ରସ୍ତୁତ କରିଥାଏ । ଉଦ୍ଭିଦ ମାଟିରୁ ଜଳ ଓ ଲବଣ ଶୋଷଣ କରି ପତ୍ରକୁ ଦିଏ । ପତ୍ର ତାହାକୁ ସୂର୍ଯ୍ୟାଲୋକରେ ବାୟୁରୁ ଅଙ୍ଗାରକାମ୍ଳ ବାଷ୍ପ ନେଇ ଖାଦ୍ୟରେ ପରିଣତ କରେ । **ଏଥିରୁ ଆମେ ଜାଣିଲେ, ଉଦ୍ଭିଦ ନିଜର ଖାଦ୍ୟ ନିଜେ ପ୍ରସ୍ତୁତ କରିପାରେ । କିନ୍ତୁ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ ଉଦ୍ଭିଦ ଉପରେ ନିର୍ଭର କରନ୍ତି ।**

## ଅଭ୍ୟାସ


୧. ନିମ୍ନଲିଖିତ ଲକ୍ଷଣଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ କେବଳ ପ୍ରାଣୀମାନଙ୍କର ଲକ୍ଷଣ ସେଗୁଡ଼ିକ ○ ରେ, ଯେଉଁଗୁଡ଼ିକ କେବଳ ଉଦ୍ଭିଦମାନଙ୍କର ଲକ୍ଷଣ ତାକୁ △ ରେ ଓ ଯେଉଁଗୁଡ଼ିକ ଉଭୟଙ୍କର ଲକ୍ଷଣ ସେଗୁଡ଼ିକୁ ▭ ରେ ଲେଖ।

**ବଂଶ ବଢ଼ାଇବା, ଖାଦ୍ୟ ଖାଇବା, ନିଜ ଦେହରେ ନିଜ ଖାଦ୍ୟ ପ୍ରସ୍ତୁତ କରିବା, ଶ୍ୱାସକ୍ରିୟା କରିବା, ଚଳପ୍ରଚଳ ହେବା, ଛୋଟରୁ ବଡ଼ ହେବା, ପ୍ରତିକ୍ରିୟା ପ୍ରକାଶ କରିବା, ଶୁଣି ପାରିବା, ଶୁଙ୍ଘି ପାରିବା, ଦେଖି ପାରିବା, ପତ୍ର-ଫୁଲ-ଫଳ ହେବା, ପିଲା ଜନ୍ମ କରିବା, ଅଣ୍ଡା ଦେବା।**

## ଉଦ୍ଭିଦର ବିଭିନ୍ନ ଅଂଶ

ଶିକ୍ଷକଙ୍କ ସହ ତୁମ ବିଦ୍ୟାଳୟର ବଗିଚା କିମ୍ବା ନିକଟରେ ଥିବା ଗୋଟିଏ ବଗିଚାକୁ ଯାଅ । ସେଠାରେ ତୁମେ ଯେଉଁ ଗଛକୁ ଚିହ୍ନିପାରୁଛ, ସେଗୁଡ଼ିକର ନାମ ଲେଖ । ଶ୍ରେଣୀଗୃହକୁ ଫେରି ତୁମେ ଯେ କୌଣସି ଗୋଟିଏ ଗଛର ଚିତ୍ର କର । ଚିତ୍ରରେ ରଙ୍ଗ ଦିଅ ଓ ତା'ର ବିଭିନ୍ନ ଅଂଶର ନାମ ଲେଖ ।

- ସାଙ୍ଗର ଖାତା ତୁମେ ଦେଖ । ତୁମ ଖାତା ତୁମ ସାଙ୍ଗକୁ ଦେଖାଅ ।
- ତୁମ ସାଙ୍ଗ କରିଥିବା ଗଛରେ ଯେଉଁ ଅଂଶଟି ନାହିଁ ତାହା ଲେଖ । ଠିକ ସେହିପରି ତୁମେ କରିଥିବା ଗଛରେ କେଉଁ ଅଂଶଟି ନାହିଁ, ତାହା ଚିହ୍ନଟ କରିବାକୁ ସାଙ୍ଗକୁ କହ ।
- ତଳେ ଦିଆଯାଇଥିବା ଚିତ୍ରରେ ଗଛକୁ ଚିହ୍ନି ନାମକରଣ କର । ଏହାର ବିଭିନ୍ନ ଅଂଶଗୁଡ଼ିକର ନାମ ଲେଖ ।



**ଶିକ୍ଷକଙ୍କ ପାଇଁ ସୂଚନା -**

ପିଲାମାନଙ୍କୁ ନେଇ ବିଦ୍ୟାଳୟରେ କିମ୍ବା ନିକଟରେ ଥିବା ବଗିଚାକୁ ଯିବେ । ପିଲାମାନଙ୍କୁ ଖାତା, କଲମ ନେଇ ଯିବା ପାଇଁ ସୂଚନା ଦେବେ ।

ପୂର୍ବ ଚିତ୍ରକୁ ଦେଖି କିଏ କେଉଁଠି ଥାଏ ଲେଖ ।

ମାଟିତଳେ ଥାଏ

ମାଟି ଉପରେ ଥାଏ

ମୂଳ
ଫୁଲ
ଫଳ
କାଣ୍ଡ
ଶାଖା ଚେ଼ର

ଗଛର  ଯେଉଁ ଅଂଶଟି ମାଟି ତଳେ ଥାଏ, ତାହା ହେଉଛି ମୂଳ ବା ଚେର । ମୂଳରୁ ଯେଉଁ ସରୁ ସରୁ ଶାଖା ପ୍ରଶାଖା ବାହାରିଛି, ସେଗୁଡ଼ିକୁ ଶାଖା ଚେର କୁହାଯାଏ । ଗଛର ମାଟି ଉପର ଅଂଶଗୁଡ଼ିକ ହେଉଛି ଗଣ୍ଡି ବା କାଣ୍ଡ, ଡାଳ, ଫୁଲ ଓ ଫଳ ।

ଗୋଟିଏ ଲଙ୍କାଗଛ ଓ ଘାସ ବା ଧାନ ଗଛ ଉପାଡ଼ି ଆଣ । ସେହି ଘାସ ବା ଧାନଗଛର ଚେର ଓ ଲଙ୍କା ଗଛର ଚେରକୁ ଭଲଭାବେ ଲକ୍ଷ୍ୟକର । ତଳ କୋଠରିରେ ଉଭୟ ଗଛର ଚେରର ଚିତ୍ର କର ।

ଉଭୟ ଗଛର ଚେରରେ କି ପାର୍ଥକ୍ୟ ଅଛି ଲକ୍ଷ୍ୟ କର ଓ  ତଳେ ଲେଖ ।

ଗଛର କାଣ୍ଡରୁ ଯେଉଁ ଅଂଶ ମାଟି ତଳକୁ କ୍ରମେ କ୍ରମେ ସରୁ ହୋଇଥାଏ, ତାହାକୁ **ପ୍ରଧାନ ମୂଳ** କୁହାଯାଏ ଏବଂ ଗଛର ପ୍ରଧାନ ମୂଳ ନ ଥାଇ ଯେଉଁ ସରୁ ସରୁ ଚେର ବାହାରି ଥାଏ ତାହାକୁ **ଗୁଚ୍ଛ ମୂଳ** କୁହାଯାଏ ।

ଚିତ୍ର ଦେଖି ଖାଲି ଘରେ ମୂଳର ନାମ ଲେଖ ।









ତଳେ କେତୋଟି ପ୍ରଧାନମୂଳ ଥିବା ଗଛ ଓ ଗୁଚ୍ଛମୂଳ ଥିବା ଗଛର ନାମ ଲେଖ ।

| ପ୍ରଧାନ ମୂଳ ଥିବା ଗଛ | ଗୁଚ୍ଛମୂଳ ଥିବା ଗଛ |
|---|---|
| ଯେପରି - ଆମ୍ବ ଗଛ | ଧାନ ଗଛ |

ଦୁଇଟି ଗଛର ପତ୍ର ସଂଗ୍ରହ କର। ପ୍ରତ୍ୟେକ ପତ୍ରକୁ ତଳ ଖାଲି ଜାଗାରେ ରଖି ତା'ର ଧାରରେ ପେନ୍‌ସିଲ୍‌ରେ ଗାର ଟାଣ। ତୁମେ ଆଙ୍କିଥିବା ପ୍ରତ୍ୟେକ ପତ୍ରର ଭିତର ଅଂଶରେ ରଙ୍ଗ ଦିଅ ଓ ଚିତ୍ର ତଳେ ପତ୍ରର ନାମ ଲେଖ।

| | |
|---|---|
| | |


- ପ୍ରତ୍ୟେକ ପତ୍ରର ରଙ୍ଗ ଓ ଧାରକୁ ଲକ୍ଷ୍ୟ କର।
- ପତ୍ରର ଅଗ୍ରଭାଗକୁ ଲକ୍ଷ୍ୟ କର।
- ପ୍ରତ୍ୟେକ ପତ୍ରର ଆକୃତି କିପରି ହୋଇଛି ଲକ୍ଷ୍ୟ କର ।

**ଆମେ ଜାଣିଲେ, ଅଧିକାଂଶ ପତ୍ରର ରଙ୍ଗ ସବୁଜ। ପତ୍ରର ଆକୃତି ଭିନ୍ନ ଭିନ୍ନ।**

ବିଭିନ୍ନ ଆକୃତିର ପତ୍ରର ନାମ ଲେଖ।

| ଲମ୍ବା ଓ ସରୁ ପତ୍ର | ଲମ୍ବା ଓ ଚଉଡ଼ା ପତ୍ର | ଅଣ୍ଡାକାର ପତ୍ର | ବୃତ୍ତାକାର ପତ୍ର |
|---|---|---|---|
| ଘାସ | କଦଳୀ | ବର | ପଦ୍ମ |

ବିନ୍ଦୁଗୁଡ଼ିକୁ ଯୋଡ଼, ନାମ ଦିଅ, ରଙ୍ଗ କର ।



ରଙ୍ଗ ଅନୁସାରେ କେତେକ ଫୁଲର ନାମ ଲେଖ ।

| ରଙ୍ଗ | ଫୁଲର ନାମ | ରଙ୍ଗ | ଫୁଲର ନାମ |
|---|---|---|---|
| ଧଳା | | ହଳଦିଆ | |
| ନାଲି | | କମଳା | |
| ଗୋଲାପି | | ନୀଳ | |

ଫୁଲ ନ ଥିବା କେତେକ ଗଛର ନାମ ଲେଖ ।

ଫଳର ରଙ୍ଗ ଓ ଆକୃତି ତଳ ସାରଣୀରେ ଲେଖ ।

| ଫଳର ନାମ | ରଙ୍ଗ | ଆକୃତି |
|---|---|---|
| କଞ୍ଚା କମଳା | ସବୁଜ | ଗୋଲ |
| | | |
| | | |
| | | |
| | | |
| | | |
| | | |

ଚିତ୍ର ଦୁଇଟିରେ କ'ଣ ଦେଖୁଛ ତଳ ସାରଣୀରେ ଲେଖ।





| ଫଳର ନାମ | ମଞ୍ଜିର ଆକାର କିପରି ? | କେତୋଟି ମଞ୍ଜି ଅଛି ? |
|---|---|---|
| ଆମ୍ବ | | |
| ମଟର | | |

ଏହିପରି ତୁମ ପରିବେଶରେ ମିଳୁଥିବା ଅନ୍ୟ ଫଳଗୁଡ଼ିକର ନାମ ଲେଖ।

(କ) ଯେଉଁଥିରେ ଗୋଟିଏ ମଞ୍ଜି ଥାଏ - ____________________

(ଖ) ଯେଉଁଥିରେ ଅନେକ ମଞ୍ଜି ଥାଏ - ____________________

____________________

## ଅଭ୍ୟାସ

୧. ବାଇଗଣ, ଆମ୍ବ, ବର, ଆଖୁ, ପଣସ, ମନ୍ଦାର, ଗୋଲାପ, ଗେଣ୍ଡୁ, ଟଗର, ଲଙ୍କା, ଭେଣ୍ଡି, ଗହମ, ମକା – ଗଛଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକରେ **ପ୍ରଧାନ ମୂଳ** ଥାଏ ଓ କେଉଁଗୁଡ଼ିକରେ **ଗୁଚ୍ଛ ମୂଳ** ଥାଏ, ତଳ ସାରଣୀରେ ଲେଖ ।

| ପ୍ରଧାନ ମୂଳ ଥିବା ଗଛ | ଗୁଚ୍ଛ ମୂଳ ଥିବା ଗଛ |
|---|---|
| | |

୨. କେତୋଟି ଶାଖା ପ୍ରଶାଖା ଥିବା ଗଛ ଓ ଶାଖା ପ୍ରଶାଖା ନ ଥିବା ଗଛର ନାମ ଲେଖ ।

| ଶାଖା ପ୍ରଶାଖା ଥିବା ଗଛ | ଶାଖା ପ୍ରଶାଖା ନ ଥିବା ଗଛ |
|---|---|
| | |

୩. ତୁମ ପରିବେଶରୁ ବିଭିନ୍ନ ପ୍ରକାରର ପତ୍ର ସଂଗ୍ରହ କର । ସେଗୁଡ଼ିକୁ ଅଠାରେ ତୁମ ଖାତାରେ ଲଗାଅ । ପ୍ରତ୍ୟେକ ପତ୍ର ତଳେ ତା'ର ନାମ ଲେଖି ଔଷଧୀୟ ଗୁଣ କିଛି ଅଛି କି ନାହିଁ, ଶିକ୍ଷକ କିମ୍ବା ବଡ଼ମାନଙ୍କଠାରୁ ବୁଝି ଲେଖ ।

୪. ସେ କିଏ ?

- ବଡ଼ ଗଛରେ ଛୋଟ ଫଳ ________________
- ଗଛ ନହକା, ପତର ବଙ୍କା
  ତା ଫଳ ବିକାଏ ମୁଠାଏ ଟଙ୍କା ________________

## ଉଦ୍ଭିଦର ଶ୍ରେଣୀ ବିଭାଗ

- ପରିବେଶରେ ତୁମେ ଯେଉଁସବୁ ଗଛଲତା ଦେଖୁଛ, ସେଗୁଡ଼ିକର ନାମ ତଳେ ଲେଖ ।

- ସେଗୁଡ଼ିକ ମଧ୍ୟରୁ ତୁମକୁ ଏକାଭଳିଆ ଲାଗୁଥିବା ଗଛଗୁଡ଼ିକୁ ନେଇ ଅଲଗା ଅଲଗା ଭାବରେ ସଜାଇ ତଳେ ଲେଖ ।

- ତୁମେ କେଉଁ କାରଣରୁ ଏପରି ସଜାଇଲ ଲେଖ ।



- ଚିତ୍ରରେ ଥିବା ଗଛଗୁଡ଼ିକୁ ନିମ୍ନରେ ଦିଆଯାଇଥିବା ବିଭାଗ ଅନୁସାରେ ସଜାଇ ଲେଖ ।

| ଲତା | ସାନଗଛ ବା ଗୁଳ୍ମ | ବୁଦାଳିଆ ଗଛ | ବଡ଼ଗଛ | ଡାଳ ଶାଖାଥିବା ଗଛ | ଡାଳ, ଶାଖା ନଥିବା ଗଛ |
|---|---|---|---|---|---|
| | | | | | |

- ତୁମେ ଜାଣିଥିବା ଆଉ କେତେକ ଗଛର ନାମ ବିଭାଗ ଅନୁସାରେ ସାରଣୀରେ ଲେଖ ।





ଆମ୍ବଗଛ ଓ କଖାରୁ ଗଛ ମଧ୍ୟରୁ କେଉଁ ଗଛର କାଣ୍ଡ ଦୁର୍ବଳ ?

କେଉଁ ଗଛଟି ନିଜେ ସିଧା ଠିଆ ହୋଇ ରହିଛି ?

ଉଭୟ ଗଛର କାଣ୍ଡରେ କି ପାର୍ଥକ୍ୟ ଦେଖୁଛ, ଲେଖ।

ଏଥିରୁ ଜାଣିଲେ, କେତେକ ଗଛର କାଣ୍ଡ ଦୁର୍ବଳ ଓ କେତେକ ଗଛରର କାଣ୍ଡ ସବଳ।

କେତେଗୁଡ଼ିଏ ଗଛର କାଣ୍ଡରୁ **ଶାଖା ପ୍ରଶାଖା** ବାହାରିଥାଏ। ତାହାକୁ ଡାଳ କୁହାଯାଏ। ଆଉ କେତେଗୁଡ଼ିଏ ଗଛରେ ଶାଖା ପ୍ରଶାଖା ନଥାଏ।

ଧାନ, ବିରି, ବର, ମକା, ମାଣ୍ଡିଆ, ଆମ୍ବ, ବାଇଗଣ, ଲଙ୍କା,ଅଶ୍ୱତ୍ଥ, ଗେଣ୍ଡୁ, ହରଗୌରା, ମନ୍ଦାର, କଳରା, ମୁଗ, ପଣସ, ଜାମୁ, ପିଚୁଳି, କଖାରୁ, ଗୋଲାପ, କଦଳୀ, ଆଳୁ, ସାରୁ, ଲାଉ, ଗହମ, ଶାଗୁଆନ, ଚିନାବାଦାମ, ଟଗର – ଗଛଗୁଡ଼ିକୁ ପରପୃଷ୍ଠାରେ ଦିଆଯାଇଥିବା ସାରଣୀ ଦୁଇଟିରେ ସଜାଇ ଲେଖ।

| ଲତା | ସାନଗଛ ବା ଗୁଳ୍ମ | ବୁଦାଳିଆଗଛ | ବଡ଼ ଗଛ | ଡାଳ / ଶାଖାଥିବା ଗଛ | ଡାଳ / ଶାଖା ନ ଥିବା ଗଛ |
|---|---|---|---|---|---|
| | | | | | |

| ଏକ ବର୍ଷରୁ କମ୍ ସମୟ ବଞ୍ଚୁଥିବା ଗଛ | ଦୁଇ / ତିନି ବର୍ଷ ବଞ୍ଚୁଥିବା ଗଛ | ବହୁତ ବର୍ଷ ବଞ୍ଚୁଥିବା ଗଛ |
|---|---|---|
| | | |

ଉପର ସାରଣୀଗୁଡ଼ିକରୁ ଆମେ କ'ଣ ଜାଣିଲେ ଲେଖ ।

________________________________________

________________________________________

ଏଠାରେ ଆମେ ଗଛଗୁଡ଼ିକୁ, ସେଗୁଡ଼ିକର ଆକାର ଏବଂ ବଞ୍ଚିବା ସମୟ ଅନୁଯାୟୀ ଶ୍ରେଣୀ ବିଭାଗ କଲେ ।

ତୁମେ ଯେଉଁ ପନିପରିବା / ଫଳ ଖାଉଛ ସେ ସବୁ ବର୍ଷସାରା ମିଳେ କି ? କାହିଁକି ମିଳେ ନାହିଁ, ଲେଖ ।

_______________________________________________

_______________________________________________

କେଉଁ ଋତୁରେ କେଉଁ ଫୁଲ / ଫଳ / ପନିପରିବା ଅଧିକ ହୁଏ, ତାଲିକା କର ।

| ଋତୁ | ଫଳ | ଫୁଲ | ପନିପରିବା | ଫସଲ |
|---|---|---|---|---|
| ଗ୍ରୀଷ୍ମଋତୁ | | | | |
| ବର୍ଷାଋତୁ | | | | |
| ଶୀତଋତୁ | | | | |

ଏଥିରୁ ଆମେ କ'ଣ ଜାଣିଲେ ?

**ଋତୁ ଅନୁଯାୟୀ ଫଳ, ଫୁଲ, ପନିପରିବା ଓ ଫସଲ ହୁଏ ।**

**ଶିକ୍ଷକଙ୍କ ପାଇଁ ସୂଚନା -** ଗଛର ଆକାର, ବଞ୍ଚିବା ସମୟ ଏବଂ ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଗଛ ଦେଖିବାକୁ ମିଳିଥାଏ ବୋଲି ପିଲାଙ୍କ ଦ୍ୱାରା ଆଲୋଚନା କରାଇବେ ।

## ଅଭ୍ୟାସ

୧. ପ୍ରତ୍ୟେକରୁ ଚାରୋଟି ଲେଖାଏଁ ଉଦାହରଣ ଦିଅ ।

ବଡ଼ଗଛ ____________, ____________, ____________, ____________

ସାନଗଛ ____________, ____________, ____________, ____________

ବୁଦାଳିଆଗଛ ____________, ____________, ____________, ____________

ଲତା ଜାତୀୟଗଛ ____________, ____________, ____________, ____________

ଡାଳ ନ ଥିବା ଗଛ ____________, ____________, ____________, ____________

୨. ଲଙ୍କାଗଛ ଓ କଲରାଗଛ ମଧ୍ୟରେ ଥିବା ପାର୍ଥକ୍ୟ ଲେଖ ।

| ଲଙ୍କାଗଛ | କଲରାଗଛ |
|---|---|
| | |

୩. ବର୍ଷସାରା ଆମ୍ବ ଫଳେ ନାହିଁ କାହିଁକି ?

______________________________________________

______________________________________________

୪. ଗୋଟିଏ କଦଳୀ ଗଛର ଚିତ୍ର କରି ତାହାର ଫୁଲ, ଫଳ, ପତ୍ର ଓ କାଣ୍ଡ ଦେଖାଅ ।

୫. ପଚାରି ବୁଝ ଓ ଉତ୍ତର ଖାଲି ଘରେ ଲେଖ ।

(କ) କେଉଁ ଗଛରେ କେବଳ ଥରେ ଫଳ ହୁଏ ? ☐

(ଖ) ସବୁଠୁ ବଡ଼ ଘାସଗଛର ନାମ କ'ଣ ? ☐

(ଗ) ତୁମ ଅଞ୍ଚଳରେ ଥିବା ଗଛମାନଙ୍କ ମଧ୍ୟରୁ କେଉଁଟି ବହୁ ବର୍ଷ ହେଲା ଅଛି ? ☐

# ପଶୁପକ୍ଷୀଙ୍କ ଖାଦ୍ୟାଭ୍ୟାସ

ବାଘ ମାମୁର ବାହାଘର । ସବୁ ପଶୁପକ୍ଷୀଙ୍କୁ ନିମନ୍ତ୍ରଣ ହୋଇଛି । ଘୋଷଣା ହୋଇଛି, ସେହିଦିନ ପାଇଁ କୌଣସି ଜୀବଜନ୍ତୁଙ୍କ ମଧ୍ୟରେ କିଛି ଶତ୍ରୁତା ରହିବ ନାହିଁ ।

ମହାରାଜ ବାଘ ସ୍ୱୟଂ ଦରବାରରେ ବିଜେ ହୋଇଛନ୍ତି । ପାଖରେ ଭାଲୁ, ବିଲୁଆ, ହାତୀ ପ୍ରଭୃତି ଉପସ୍ଥିତ । ଭାଲୁ ତାଙ୍କର ଭୋଜି ଆୟୋଜନ କଥା ଜଣାଇ କହିଲା- ''ମହାରାଜ ! ଭୋଜି ପାଇଁ ମୁଁ ସହରୀ ବ୍ୟବସ୍ଥା କରିଛି । ପଲଉ, ମାଂସ, କ୍ଷୀରି, ଡାଲି, ଛେନା ତରକାରୀ, ଖଟା, ଭଜା, ମାଛ, ମିଠା ପ୍ରଭୃତିର ବ୍ୟବସ୍ଥା ହୋଇଛି ।'' ଭାଲୁର ଖାଦ୍ୟ ତାଲିକା ଶୁଣି ବିଲୁଆ ମୁହଁ ମୋଡ଼ି ଦେଲା ।

ବାଘ ମାମୁଁ ଜାଣେ, ବିଲୁଆ ବଡ଼ ଚତୁର । ଏଣୁ ତା' ଆଡ଼କୁ ଚାହିଁ ପଚାରିଲା, ''କିହୋ ! ତମେ କ'ଣ କହୁଛ, ଭଲ ହେବଟି ?''

ବିଲୁଆ କହିଲା- ''ମହାରାଜ, କଥାରେ ଅଛି – ନିଜ ରୁଚି ଭୋଜନ । ଆମ ରାଇଜରେ ଏସବୁ ମଣିଷର ଭୋଜନ ପସନ୍ଦ ନୁହେଁ । ସମସ୍ତଙ୍କର ଖାଦ୍ୟ ଅଲଗା ଅଲଗା । ହାତୀ ପାଇଁ ଡାଳ ତ କୁକୁର ପାଇଁ ମାଂସ । ଆମର ଖାଇବା ଅଭ୍ୟାସ ବି ସମସ୍ତଙ୍କର ସମାନ ନୁହେଁ । କିଏ ପାରା ଭଳି ଖୁଣ୍ଟି ଖୁଣ୍ଟି ଖାଏ ତ କିଏ ଗାଈ ଭଳି ପାକୁଳି କରେ । ଏଣୁ ଖାଦ୍ୟ ବ୍ୟବସ୍ଥା ଜୀବଜନ୍ତୁଙ୍କ ପସନ୍ଦ ମୁତାବକ କରାଯାଉ ।''

ବାଘ ମାମୁଁଙ୍କୁ କଥାଟି ପସନ୍ଦ ହେଲା । ବିଲୁଆକୁ ସାବାସି ଦେଲେ । ସମସ୍ତେ ମିଳିମିଶି ଭୋଜିର ଆୟୋଜନ କଲେ । ବାହାଘର ପରେ ସମସ୍ତେ ଏକାଠି ବସି ଭୋଜି ଖାଇଲେ ।



ଆସ,ଏବେ କେଉଁମାନେ ତଳ ଲିଖିତ ଖାଦ୍ୟ ଖାଆନ୍ତି ଲେଖିବା ।

| ଗଛପତ୍ର, କୁଣ୍ଡା, ଦାନା ଫଳ, ଘାସ | ପଶୁପକ୍ଷୀଙ୍କ ମାଂସ, ମାଛ କୀଟ ପତଙ୍ଗ | ଉଭୟ ଗଛପତ୍ର, ଫଳ, ମାଂସ, ମାଛ |
|---|---|---|
| | | |

ଯେଉଁ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ କେବଳ ଉଦ୍ଭିଦ ଉପରେ ନିର୍ଭର କରନ୍ତି ସେମାନଙ୍କୁ **ତୃଣଭୋଜୀ,** ଯେଉଁ ପ୍ରାଣୀମାନେ କେବଳ ଅନ୍ୟ ପ୍ରାଣୀମାନଙ୍କୁ ଖାଆନ୍ତି ସେମାନଙ୍କୁ **ମାଂସଭୋଜୀ** ବା **ମାଂସାଶୀ** ଓ ଯେଉଁ ପ୍ରାଣୀମାନେ ଉଭୟ ଉଦ୍ଭିଦ ଓ ପ୍ରାଣୀମାନଙ୍କୁ ଖାଆନ୍ତି, ସେମାନଙ୍କୁ **ସର୍ବଭୁକ୍** କୁହାଯାଏ ।

ତଳ ସାରଣୀ ପୂରଣ କର ।

| ପ୍ରାଣୀର ନାମ | ସେମାନଙ୍କର ଖାଦ୍ୟ |
|---|---|
| ଗାଈ, ବଳଦ | ଘାସ, ପାଳ, କୁଣ୍ଡା, ତୋରାଣୀ |
| ବାଘ, ସିଂହ | |
| କୁକୁର, | |
| ସାପ | |
| ମୂଷା | |
| ହାତୀ, ଘୋଡା | |
| ବଗ | |
| ପାରା | |
| କୁକୁଡ଼ା | |
| ଶୁଆ | |

ଗାଈ ପ୍ରଥମେ ଖାଦ୍ୟକୁ ଗିଳିଦିଏ । ପରେ ତାକୁ ପାଟିକୁ କାଢ଼ି **ଚୋବାଇ ଚୋବାଇ** ଖାଇଥାଏ । ଏହାକୁ **ପାକୁଳି କରିବା** କହୁ । କେତେକ ପକ୍ଷୀ **ଖୁଣ୍ଟି ଖୁଣ୍ଟି** ଖାଆନ୍ତି । କେତେକ ପଶୁ **ଚାକୁ ଚାକୁ** କରି ଖାଆନ୍ତି, କେତେକ **ଚାଟି ଚାଟି** କରି ଖାଆନ୍ତି । ତୁମେ ତମ ଅଞ୍ଚଳର ପଶୁପକ୍ଷୀଙ୍କୁ ଦେଖ, ସେମାନେ କିପରି ଓ କ'ଣ କ'ଣ ଖାଉଛନ୍ତି ଲକ୍ଷ୍ୟ କରି ତଳ ସାରଣୀରେ ଲେଖ ।

| ଖାଦ୍ୟାଭ୍ୟାସ | ପଶୁପକ୍ଷୀଙ୍କ ନାମ |
|---|---|
| ଖୁଣ୍ଟି ଖୁଣ୍ଟି | ପାରା, |
| ଥଣ୍ଟରେ ଟିକି ଟିକି କରି | ଶୁଆ, |
| ପାକୁଳି କରି | ଗାଈ, |
| ଚାକୁ ଚାକୁ କରି | କୁକୁର, |
| ଜିଭରେ ଚାଟି ଚାଟି | ବିଲେଇ, |
| ଚୋବାଇ ଚୋବାଇ | ମଣିଷ, |

## ଅଭ୍ୟାସ

୧. ସେମାନଙ୍କ ନାମ ଲେଖ ।

(କ) ଯେଉଁ ପଶୁମାନେ କେବଳ ଡାଳପତ୍ର ଖାଆନ୍ତି ______________

(ଖ) ଯେଉଁ ପକ୍ଷୀମାନେ ଖୁଣ୍ଟି ଖୁଣ୍ଟି ଖାଆନ୍ତି ______________

(ଗ) ଯେଉଁ ପଶୁମାନେ ସର୍ବଭୁକ୍ ______________

(ଘ) ଯେଉଁ ପକ୍ଷୀମାନେ କେବଳ ମାସାଂଶୀ ______________

(ଙ) ଯେଉଁ ପକ୍ଷୀମାନେ ମାଛକୁ ଗିଳିଦିଅନ୍ତି ______________

# ଅଷ୍ଟମ ପାଠ

## ପପୁ ସପନରେ ଶିଖିଲା



ଉପର ଚିତ୍ରଗୁଡ଼ିକୁ ଦେଖ । କେଉଁ ଚିତ୍ରରେ କି କାର୍ଯ୍ୟ ହେଉଛି କହ । ସେହି କାମଗୁଡ଼ିକ କେଉଁ କେଉଁ ଅଙ୍ଗ କରୁଛି ? ତଳ ସାରଣୀରେ ଲେଖ ।

| କାର୍ଯ୍ୟ | କାର୍ଯ୍ୟ ସହିତ ଜଡ଼ିତ ଅଙ୍ଗର ନାମ |
|---|---|
| | |
| | |
| | |
| | |
| | |
| | |
| | |

ପପୁ ତୁମ ପରି ଛୋଟ ପିଲାଟିଏ। ପପୁ ନିଦରେ ଶୋଇଥିଲାବେଳେ ସ୍ୱପ୍ନରେ ଦେଖିଲା ଆଖି,ନାକ,କାନ, ପାଟି, ଦାନ୍ତ, ଜିଭ, ହାତ, ଗୋଡ ସମସ୍ତେ ମିଶି ତା' ପାଖରେ ଅଳି କରୁଛନ୍ତି। ସେମାନଙ୍କ ଦାବି- ପପୁ ସେମାନଙ୍କ ପାଇଁ କିଛି କାମ କରୁ।

ପପୁ- ତୁମ ସମସ୍ତଙ୍କୁ ମୁଁ ପୋଷୁଛି । ଏଥିପାଇଁ ମୋର କେତେ ଶକ୍ତି ଖର୍ଚ୍ଚ ହେଉଛି । ତଥାପି ତୁମେ ସବୁ ଆଜି କାହିଁକି ଏମିତି ଅଳି କରୁଛ ? ତୁମେ ମୋ ପାଇଁ କି କାମ କର କି ?


ଆଖି - କ'ଣ କହିଲ, ଆମେ କିଛି କରୁନୁ ? ମୋ ପାଇଁ ତୁମେ ଏ ଜଗତକୁ ଦେଖି ପାରୁଛ । ମୋତେ ବନ୍ଦ କରି ତୁମ କାମ ସବୁ କରି ଦେଖ ତ ! ତଥାପି ତୁମେ ମୋତେ ଭାରି କଷ୍ଟ ଦେଉଛ ।

ପପୁ- ତୁମେ କିପରି କଷ୍ଟ ପାଉଛ ?


- ତୁମେ ବାହାରେ ବୁଲିବା ବେଳେ ଧୂଳି, ବାଲି ଉଡ଼ିଆସି ମୋ ନିକଟରେ ଜମି ଯାଆନ୍ତି। ନିଦରୁ ଉଠିବାବେଳେ ଏଗୁଡ଼ିକ ଲେଞ୍ଜରା ହୋଇ ମୋ ଦେହରୁ ବାହାରନ୍ତି । ଆଉ ତୁମେ ଧୂଆଁରେ ବା ଧୂଳିରେ ବୁଲିଲେ ମୋତେ ଜଳାପୋଡ଼ା ହୁଏ। ତୁମେ ବି ମୋତେ ମକଚି ପକାଅ । ଓଃ, କି କଷ୍ଟ ! ଏମିତି ହେଲେ ଅଳ୍ପ ଦିନରେ ମୁଁ ଦୁର୍ବଳ ହୋଇଯିବି, କାମ କରିପାରିବି ନାହିଁ। କହି ଦେଉଛି, ବେଳ ହୁଁ ସାବଧାନ ହୁଅ ।

ପପୁ- ସେଥିପାଇଁ ମୁଁ କ'ଣ କରିବି ?


ସକାଳୁ ଉଠି ଥଣ୍ଡା ପାଣିରେ ମୋତେ ଟିକେ ଧୋଇ ଦିଅ । ମୁହଁ ଧୋଇଲାବେଳେ ଲେଞ୍ଜରାକୁ ହାତରେ ଧୀରେ ଧୀରେ ସଫା କର । ଲେଞ୍ଜରା ସଫା ନ କଲେ ଏଥିରେ ମାଛି ବସିପାରେ। ମାଛି ବସିଲେ ରୋଗ ସୃଷ୍ଟି ହୋଇପାରେ। ମୋତେ ମକଚିବ ନାହିଁ। ସଫା କନା ବା ରୁମାଲରେ ଧୀରେ ଧୀରେ ପୋଛି ଦେବ ।

ଅତି ଉଜ୍ଜ୍ୱଳ ଆଲୁଅ ଓ ଅତି କମ୍ ଆଲୁଅ ମୋ ପାଇଁ ଖରାପ । ସେଥିଲାଗି ଉଜ୍ଜ୍ୱଳ ଆଲୁଅକୁ ସିଧା ଚାହିଁବା ଠିକ୍ ନୁହେଁ । କମ୍ ଆଲୁଅରେ ମଧ୍ୟ ପଢ଼ାଲେଖା କରନାହିଁ। ଟି.ଭି.କୁ ଅତି ପାଖରୁ ଦେଖନାହିଁ। ଆଉ ମଧ୍ୟ ମୋତେ ସୁସ୍ଥ ରଖିବାକୁ ହେଲେ ପାଚିଲା ଫଳ, କଞ୍ଚାଫଳ, ଶାଗ, ପନିପରିବା, ଚୂନାମାଛ ଖାଇବ ।



କାନ - ଆରେ, ରହ । ମୋ ଗୁହାରି ଟିକିଏ ଶୁଣାଏ । ମୋ ଦେଇ ତ ତୁମେ ସବୁ କଥା, ଗୀତ ଓ ଶବ୍ଦ ଶୁଣୁଛ, କିନ୍ତୁ ବାଣ ଫୁଟିବା ପାଖରେ, ଡାକବାଜି ଯନ୍ତ୍ର ପାଖରେ ରହି ଓ  ଘଡ଼ଘଡ଼ି ଶବ୍ଦ ଶୁଣି ମତେ କଷ୍ଟ ଦେଉଛ କାହିଁକି ? ବେଳେ ବେଳେ ମୋ ଭିତରେ କାଠି, ଖଡ଼ି ପୂରାଉଛ । ଏଣିକି ମୁଁ ଆଉ କଷ୍ଟ ସହି ପାରିବି ନାହିଁ ।

ପପୁ- ତା' ହେଲେ ମୁଁ ତୁମ ପାଇଁ କ'ଣ କରିବି ?



- ମୋ ଭିତରେ ଧୂଳିମଳି ପଶିଲେ ତାହା ଗଇ ଭାବରେ ବାହାରି ଆସେ । କାଠି, ଖଡ଼ି, ପେନ୍‌ସିଲ, ପିନ୍ କଣ୍ଟା ଇତ୍ୟାଦି ମୋ ଭିତରେ ପୂରାଅ ନାହିଁ । ବାହାରେ ଜୋର୍ ଶବ୍ଦ ହେଉଥିଲେ, ମୋତେ ହାତରେ ବନ୍ଦ କରିଦିଅ । ଟିଭି, ରେଡ଼ିଓ ଓ ଟେପ ରେକର୍ଡ଼ର ବହୁତ ଜୋର୍ ଶବ୍ଦରେ ବଜାଇ ଶୁଣନାହିଁ । ଜୋରରେ ଶବ୍ଦ ହେଲେ  ବା ମୋ ଦେହରେ କାଠି ଗେଞ୍ଜିଲେ ମୋ ଭିତରେ ଥିବା ପରଦା ଫାଟିଯାଏ । ପରଦାଟି ଫାଟିଗଲେ ତୁମେ ଆଉ କିଛି ଶୁଣି ପାରିବ ନାହିଁ । ନିଜେ ମଧ୍ୟ ଜୋର୍‌ରେ ପାଟି କରିବ ନାହିଁ । ମୋ ଭିତରେ ପାଣି ପୁରାଇବ ନାହିଁ । ପାଣି ପଶିଲେ ମୁଁ ପାଚେ, ତୁମେ ବହୁତ କଷ୍ଟ ପାଅ । ମୋ ଭିତରେ ପାଣି ପଶିଲେ ନରମ କନା ବା ତୁଳା ପୁରାଇ ପୋଛି ଦେବ ।

ପପୁ- ହଉ ହେଲା ବାବା । ଏବେ ନାକ କ'ଣ କହୁଛି ଶୁଣିବା ।



ନାକ - ମୋ ଯୋଗୁ ତୁମେ ବାସନା ବାରି ପାରୁଛ । ମୋ ପୁଡ଼ା ଦେଇ ବାୟୁ ତୁମ ଭିତରକୁ ଯା'ଆସ କରେ । ଏହାକୁ ଶ୍ୱାସକ୍ରିୟା କହୁ । ଶ୍ୱାସକ୍ରିୟା ବିନା ତୁମେ ବଞ୍ଚିପାରିବ ନାହିଁ । ତୁମକୁ ସର୍ଦ୍ଦି ହେଲେ ମୋ ପୁଡ଼ା ଦେଇ ଶିଙ୍ଘାଣି ବାହାରେ । ଶିଙ୍ଘାଣି ବାହାରିଲେ ତୁମକୁ କ'ଣ ଭଲ ଲାଗେ ? ସବୁବେଳେ ସର୍ଦ୍ଦି ହେଲେ ତୁମର ଶୁଙ୍ଘିବା ଶକ୍ତି କମିଯାଏ, ମୁଣ୍ଡ ବଥାଏ । ମୋ ଦେହରେ ଘା' ହୋଇପାରେ । ତୁମକୁ ସର୍ଦ୍ଦି ନ ହେବା ପାଇଁ ସାବଧାନ ହେବ । ମୋ ଭିତରେ କାଠି, ପେନ୍‌ସିଲ, ଖଡ଼ି ଓ ଆଙ୍ଗୁଠି ଇତ୍ୟାଦି ପୁରାଇବ ନାହିଁ । ମୋତେ ସବୁବେଳେ ସଫା ରଖିବ ।

ପପୁ- ନାକଟି ଭାରି ଭଲ । ତାର ଦାବି କମ୍ ।

- ମୋ କଥା ଟିକେ ଶୁଣ । ମୋ ଦେଇ ତୁମେ ଖାଦ୍ୟ ଖାଇଥାଏ । ମୋ ଭିତରେ ଦାନ୍ତ ଓ ଜିଭ ଅଛି ।

ପାଟି

ଦାନ୍ତ ତୁମେ ଖାଉଥିବା ଖାଦ୍ୟ ଭଲ ଭାବେ ଚୋବାଇଥାଏ । ମୋ ଦାନ୍ତ ଯୋଗୁ ତୁମ ମୁହଁ ସୁନ୍ଦର ଦିଶେ, କଥା ବି ସ୍ପଷ୍ଟ ହୁଏ । ତୁମେ ଖାଉଥିବା ଖାଦ୍ୟର ସୁଆଦ ଜିଭ ବାରିଥାଏ । ଖଟା, ମିଠା, ପିତା, କଷା, ରାଗ ଇତ୍ୟାଦି ଜାଣିପାରେ ଓ ତୁମେ ଖାଉଥିବା ଖାଦ୍ୟକୁ ଏପଟ ସେପଟ କରେ । ଜିଭ ନ ଥିଲେ ତୁମେ କଥା କହିପାରନ୍ତ ନାହିଁ । ତେଣୁ ଆମର ଯତ୍ନ ନେବା ଉଚିତ ।

ପପୁ- ମୁଁ କିପରି ତୁମର ଯତ୍ନ ନେବି ?

- ଆରେ ଭାଇ, ତୁମେ ଯାହା ଖାଉଛ ସେଥିରୁ କିଛି ଅଂଶ ଦାନ୍ତ ମୂଳରେ ଲାଗିରହେ । ସେଥିରେ ବହୁତ ଜୀବାଣୁ ବଢ଼ନ୍ତି । ସେହି ଜୀବାଣୁଙ୍କ ପାଇଁ ଦାନ୍ତମୂଳ ପଚି ପାଟି ଗନ୍ଧାଏ । ଦାନ୍ତରେ ଖାଦ୍ୟ ଲାଗିରହି ପଚିଲେ ଦାନ୍ତର କ୍ଷୟ ହୋଇଥାଏ । ଏହାକୁ **ପୋକ କାଟିବା** କହନ୍ତି । ଚକୋଲେଟ୍ ଓ ମିଠା ବେଶୀ ଖାଇଲେ ଦାନ୍ତ ଅଧିକ କ୍ଷୟ ହୁଏ । ତେଣୁ ଚକୋଲେଟ୍ ଖାଇବ ନାହିଁ । **ଯାହା ଖାଇଲେ ବି ଖାଇବା ପରେ ପରେ ଦାନ୍ତ ଘଷିବ ।** ପାନ, ଗୁଣ୍ଡି, ଗୁଡ଼ାଖୁ, ଦୋକତା, ଗୁଟ୍‌କା, ବିଡ଼ି, ସିଗାରେଟ୍ ଖାଇବା ଯୋଗୁ ମଧ୍ୟ ଦାନ୍ତ ଖରାପ ହୁଏ ଓ ନାନା ରୋଗ ହୁଏ । ଦାନ୍ତ ଘଷିଲା ବେଳେ ଜିଭରୁ ମଇଳା (ଛଡିଆ)କାଢ଼ି ଜିଭକୁ ସଫା ରଖିବ । ଜିଭରେ ବେଳେ ବେଳେ ଘା' ହୁଏ । ଘା' ହେଲେ ଔଷଧ ଖାଇବାକୁ ଭୁଲିବ ନାହିଁ । ରାତିରେ ଶୋଇବାକୁ ଯିବା ଆଗରୁ ଆଉଥରେ ଦାନ୍ତ ଘଷିଲେ ନୀରୋଗ ରହିବ ।

 - ଆମ ଦ୍ୱାରା ତୁମେ ସବୁ କାମ କରୁଛ । ଆମେ ଅଚଳ ହୋଇଗଲେ ତୁମେ କିଛି କରିପାରିବ

ହାତ ଓ ଗୋଡ

ନାହିଁ । ଏଣୁ ଆମର ଯତ୍ନ ନେବାରେ ତୁମେ ହେଳା କର ନାହିଁ ।

ପପୁ- ହଉ, ତେବେ ତୁମ ପାଇଁ କ'ଣ କରିବି କହ ।

 - **ଖାଇବା ପୂର୍ବରୁ ହାତକୁ ଭଲ କରି ସଫା କରିବ ।** ନହେଲେ ମୋ ଦେହରେ ଲାଗିଥିବା ଜୀବାଣୁ ତୁମ ଖାଦ୍ୟ ସହ ମିଶି ପେଟକୁ ଯାଇ ରୋଗ ସୃଷ୍ଟି କରିବେ । ପାଇଖାନା ବା ଝାଡ଼ା ଗଲା ବେଳେ ଗୋଡ଼ରେ ଚପଲ ପିନ୍ଧିବ । ନହେଲେ ଖାଲିପାଦ ଦେଇ ଅନେକ ଜୀବାଣୁ ତୁମ ଦେହକୁ ପ୍ରବେଶ କରି ରୋଗ ସୃଷ୍ଟି କରିବେ । ଶୌଚ ହେବାପରେ ସାବୁନରେ ହାତକୁ ଭଲ କରି ସଫା କରିବ । ଗୋଡ଼ରେ ତୁମେ ଚଲାବୁଲା କର, ବଲ୍ ଖେଳ ଓ ଦୌଡ଼ । ହାତରେ ତୁମେ ଅନେକ କାମ କରିଥାଅ । ସପ୍ତାହକୁ ଥରେ ନଖ କାଟିବ । ନଖରେ ମଳି ବସିବାକୁ ଦେବ ନାହିଁ । ପାଟିରେ ଆଙ୍ଗୁଳି ପୁରାଇବ ନାହିଁ ।

ଚର୍ମ- ରହ ମ ! ମୋ କଥା ଟିକେ ବୁଝ ।

ପପୁ - ହଉ, କହ ।

ଚର୍ମ- ମୁଁ ତ ଚାଦର ଭଳି ତୁମ ଦେହକୁ ଘୋଡ଼ାଇ ରଖିଛି । ମୋତେ ବି ସଫା ସୁତୁରା ରଖ, ନହେଲେ କାଛୁ କୁଣ୍ଡିଆ ଭଳି ଅନେକ ଚର୍ମରୋଗ ହେବ । ସାବୁନରେ ମୋତେ ସଫା କରିବ । ପୁଣି ତେଲ ଲଗାଇ ମୋତେ ଧୋଇ ସଫା ସୁତୁରା ରଖିବ ।



କେଶ - ମତେ ଭୁଲି ଗଲ କି ? ମୋର ଯତ୍ନ ନ ନେଲେ ସେଥିରେ ମଇଳା ଜମେ, ରୂପି ଓ ଉକୁଣି ହୁଏ । ଉକୁଣି ମୁଣ୍ଡର ଚର୍ମରୁ ରକ୍ତ ପିଇଯାଆନ୍ତି । ପ୍ରତିଦିନ ମୋ ଦେହରେ ତେଲ ମାଲିସ୍ କରି ପାନିଆରେ କୁଣ୍ଡାଇବା ଉଚିତ । ସପ୍ତାହକୁ ଅତି କମ୍‌ରେ ଦୁଇ ଥର ମୋତେ ଧୋଇ ସଫା କରିବ ।

ପପୁ- ହଁ, ତୁମେ ସବୁ ମୋର ବାହ୍ୟ ଅଙ୍ଗ ହେଲେ ବି ମୁଁ କେବେହେଲେ ହେଳା କରିବିନାହିଁ । ସବୁବେଳେ ତୁମ ମାନଙ୍କର ଯତ୍ନ ନେବି ।

ଏତକ କହୁ କହୁ ପପୁର ନିଦ ଭାଙ୍ଗିଗଲା ।

## ଅଭ୍ୟାସ

୧. ତଳେ ଦିଆ ଯାଇଥିବା ଅଙ୍ଗରେ ତୁମେ କେଉଁ କାମ କର ଲେଖ ।

ଆଖିରେ .......................... ଗୋଡ଼ରେ..............................

ନାକରେ........................... ହାତରେ...............................

କାନରେ............................ ଦାନ୍ତରେ...............................

ଜିଭରେ............................

୨. ଦାନ୍ତ କାହିଁକି ଶୀଘ୍ର ପଡ଼ିଯାଏ, ଖାଲି ଘରେ ଲେଖ ।



୩. ପାଖରୁ ଟିଭି ଦେଖିଲେ, ଧୂଆଁ ଓ ଗ୍ୟାସ୍ ସଂସ୍ପର୍ଶରେ ଆସିଲେ, ସୂର୍ଯ୍ୟଙ୍କୁ ସିଧା ଚାହିଁଲେ, ମିଞ୍ଜି ମିଞ୍ଜି ଆଲୁଅରେ ପଢ଼ିଲେ କେଉଁ ଅଙ୍ଗ ଉପରେ ପ୍ରଭାବ ପକାଇବ ? କୋଠରି ଭିତରେ ଅଙ୍ଗର ନାମ ଲେଖ ଓ ଚିତ୍ର ଅଙ୍କନ କର ।

୪. କାନ ପାଇଁ କ'ଣ ଭଲ ନୁହେଁ ଭୁଲ (×) ଚିହ୍ନ ଦ୍ୱାରା ଚିହ୍ନାଅ ।



୫. କିଏ, କେଉଁ ଅଂଗର କ୍ଷତିକରେ ମିଳାଇ ଲେଖ ।

| 'କ' | 'ଖ' |
|---|---|
| ଉକୁଣି | ଦାନ୍ତ |
| ପୋକକଟା | ନାକ |
| କାଛୁ କୁଣ୍ଡିଆ | ହାତ |
| ସର୍ଦ୍ଦି | ଚର୍ମ |
| | ମୁଣ୍ଡ |

୬. ତୁମ ସାଙ୍ଗର ପାଟିରୁ ଦୁର୍ଗନ୍ଧ ବାହାରୁଛି, ତୁମେ ତାକୁ କ'ଣ କରିବାକୁ କହିବ ?

୭. ତୁମ ସାଙ୍ଗର ହାତରେ କାଛୁକୁଣ୍ଡିଆ ହୋଇଛି, ତୁମେ ତାକୁ କ'ଣ କରିବାକୁ କହିବ ?

୮. ତୁମ ମୁଣ୍ଡରେ ଉକୁଣି ରହିଲେ, କ'ଣ କରିବ ?

୯. ଯେଉଁ କାମ କରିବ ତା'ପାଖରେ ଠିକ (✓)ଚିହ୍ନ ଓ ଯେଉଁ କାମ କରିବ ନାହିଁ ତା'ପାଖରେ ଛକି (×) ଚିହ୍ନ ଦେଇ ଚିହ୍ନାଅ ।

(କ) ଚକୋଲେଟ୍ ଓ ଦାନ୍ତରେ ଲାଗିଲା ଭଳିଆ ମିଠା ଜିନିଷ ଖାଇବା ।

(ଖ) କ୍ଷୀର ପିଇଲା ପରେ ପାଟି ଧୋଇବା ।

(ଗ) ହାତଗୋଡ଼ ନ ଧୋଇ ଖାଇ ବସିବା ।

(ଘ) ଜୋରରେ ଟିଭି ଓ ରେଡ଼ିଓ ଲଗାଇ ଗୀତ ଶୁଣିବା ।

(ଙ) କଞ୍ଚା ଓ ତଟକା ଫଳ, ପନିପରିବା ଓ ଚୂନାମାଛ ଖାଇବା ।

(ଚ) ପାଖରୁ ଟିଭି ଦେଖିବା ।

(ଛ) କାନ କୁଣ୍ଡାଇହେଲେ କାନରେ କାଠି ପୂରାଇବା ।

(ଜ) ଆଖି ପୋଡ଼ିଲେ ଆଖିକୁ ମନ୍ଥିବା ।

(ଝ) ମିଞ୍ଜିମିଞ୍ଜି ଆଲୁଅରେ ପଢ଼ିବା ।

(ଞ) ନାକରୁ ଶିଙ୍ଘାଣି ସଫା କରିବା ।

(ଟ) ନାକରେ ପେନ୍ସିଲ ପୂରାଇବା ।

୧୦. ନିଜକୁ ପରୀକ୍ଷା କରି ଦେଖ । ହଁ/ ନାହିଁରେ ମୁଣ୍ଡଳୀ '୦' ବୁଲାଇ ଉତ୍ତର ଦିଅ ।

(କ) ତୁମେ ସକାଳୁ ଉଠି ମୁହଁ ଧୁଅ କି ? ହଁ / ନାହିଁ

(ଖ) ମୁହଁ ଧୋଇବା ସମୟରେ ଆଖିରୁ ଲେଞ୍ଚରା ସଫା କର କି ? ହଁ / ନାହିଁ

(ଗ) ସକାଳୁ ଉଠି ଥରେ  ଦାନ୍ତ ଘଷ କି ?  ହଁ / ନାହିଁ

(ଘ) ରାତିରେ ଖାଇସାରିବା ପରେ ଆଉଥରେ ଦାନ୍ତ ଘଷ କି ?  ହଁ / ନାହିଁ

(ଙ) ଶୌଚ ହୋଇସାରିବା ପରେ ସାବୁନରେ ହାତ ଧୁଅ କି ?  ହଁ / ନାହିଁ

(ଚ) ଝାଡ଼ାଗଲେ ଚପଲ ପିନ୍ଧିକରି ଯାଅ କି ?  ହଁ / ନାହିଁ

(ଛ) ଗାଧୋଇବା ବେଳେ ତେଲ ଲଗାଇ, ଘଷାଘଷି ହୁଅ କି ?  ହଁ / ନାହିଁ

(ଜ) ଗାଧୋଇବା ପରେ ଗାମୁଛାରେ /ତଉଲିଆରେ ଭଲଭାବେ ପୋଛି ହୁଅ କି ?  ହଁ / ନାହିଁ

(ଝ) ଖାଇବା ପରେ ହାତ ଧୁଅ କି ?  ହଁ / ନାହିଁ

(ଞ) ପରିଷ୍କାର ପୋଷାକ ପିନ୍ଧ କି ?  ହଁ / ନାହିଁ

(ଟ) ଗାଧୋଇବା ପରେ ମୁଣ୍ଡ ଭଲଭାବରେ ପାନିଆରେ କୁଣ୍ଡାଅ କି ?  ହଁ / ନାହିଁ

(ଠ) ଖାଇ ସାରିବା ପରେ ଭଲଭାବରେ କୁଳିକରି ମୁହଁ ଧୁଅ କି ?  ହଁ / ନାହିଁ

(ଡ) ଖେଳିସାରି ଘରକୁ ଆସିବା ପରେ ଗୋଡ଼ହାତ ଧୁଅ କି ?  ହଁ / ନାହିଁ

୧୧ . ତୁମ ଦେହ ସୁସ୍ଥ ରଖିବା ପାଇଁ ତୁମେ ପ୍ରତିଦିନ କ'ଣ କରିବ, ସେ ବିଷୟରେ ପାଞ୍ଚ ଧାଡ଼ିରେ ଲେଖ ।

______________________________

______________________________


______________________________

______________________________

______________________________

## ଆମ ଶରୀରର ଭିତର ଅଙ୍ଗ

ଆମ ଶରୀରରେ ବାହ୍ୟ ଅଙ୍ଗଗୁଡ଼ିକ ପରି ଶରୀର ଭିତରେ ମଧ୍ୟ କିଛି ଅଙ୍ଗ ଅଛି । ସେମାନେ ମଧ୍ୟ ଆମ ପାଇଁ ଅତ୍ୟନ୍ତ ଦରକାରୀ । ତଳଚିତ୍ରରେ ସେଗୁଡ଼ିକୁ ଚିହ୍ନ । ସେଗୁଡ଼ିକ ତୁମ ଦେହରେ କେଉଁଠାରେ ଅଛନ୍ତି, ନିଜ ହାତରେ ଅନୁଭବ କର । ନ ପାରିଲେ ବାପା, ମା ଓ ଶିକ୍ଷକଙ୍କୁ ପଚାରି ବୁଝ ।




• ଚିତ୍ର ଦେଖି ଲେଖ -


| ବାହାରକୁ ଦେଖାଯାଉଥିବା ଅଙ୍ଗଗୁଡ଼ିକର ନାମ | ବାହାରକୁ ଦେଖାଯାଉ ନଥିବା ଅଙ୍ଗଗୁଡ଼ିକର ନାମ |
|---|---|
| | |

**ବାହାରକୁ ଦେଖାଯାଉନଥିବା ଅଙ୍ଗଗୁଡ଼ିକ ଶରୀର ଭିତରେ ଅଛି ସେଗୁଡ଼ିକୁ ଆଭ୍ୟନ୍ତରୀଣ ଅଙ୍ଗ କୁହାଯାଏ**

• ଚିତ୍ର ଦେଖି ଲେଖ-

| ଅଙ୍ଗର ନାମ | ଶରୀର ମଧ୍ୟରେ କେଉଁଠାରେ ଥାଏ |
|---|---|
| ପାକସ୍ଥଳୀ | |
| ଫୁସ୍‌ଫୁସ୍ | |
| ହୃତ୍‌ପିଣ୍ଡ | |

# ପରିପାକ କ୍ରିୟା




ଆମେ ଖାଉଥିବା ଖାଦ୍ୟର ହଜମ ହେବା କାର୍ଯ୍ୟ ପାଟିରୁ ଆରମ୍ଭ ହୋଇ ପାକସ୍ଥଳୀ ଓ ଅନ୍ତଃନଳୀରେ ଶେଷ ହୁଏ। ଖାଦ୍ୟର ହଜମ ନ ହୋଇଥିବା ଅଂଶ ଓ ଖଦଡ଼ା ଅଂଶ ମଳଭାବେ ଆମ ଶରୀରରୁ ବାହାରିଯାଏ। ହଜମ ହୋଇଥିବା ଖାଦ୍ୟ ସରଳୀକୃତ ହୋଇ ରକ୍ତରେ ମିଶି ଆମକୁ ଶକ୍ତି ଯୋଗାଇଥାଏ। ଏହି ପ୍ରକ୍ରିୟାକୁ **ପରିପାକ କ୍ରିୟା** କୁହାଯାଏ। ତା'ହେଲେ ପରିପାକ କ୍ରିୟାରେ ଭାଗ ନେଉଥିବା ଅଂଶ ଗୁଡ଼ିକର ନାମ ଚିତ୍ର ଦେଖି ଲେଖ।

ଖାଦ୍ୟ ଯାଏ → [ପାଟି] → [  ] → [  ] → [  ]

# ଶ୍ୱାସକ୍ରିୟା

ତୁମନାକର  ଦୁଇପୁଡା ସାମ୍ନାରେ କିଛି ସମୟ ପାଇଁ ହାତ ରଖ। ତୁମେ କ'ଣ ଅନୁଭବ କଲ ଲେଖ।


______________________________________________

______________________________________________

______________________________________________

______________________________________________

ବର୍ତ୍ତମାନ ନାକବାଟେ ଜୋରରେ ପବନ ଭିତରକୁ ନିଅ ଓ ବାହାରକୁ ଛାଡ଼। ପବନ ନେଲାବେଳେ ଓ ଛାଡ଼ିଲାବେଳେ ଛାତିରେ ହାତରଖି ଅନୁଭବ କର। କ'ଣ ଅନୁଭବ କଲ ? ଛାତି ଫୁଲି ଉଠିଲା ଓ ପୁଣି ସଙ୍କୁଚିତ ହେଲା। ତାହେଲେ ନାକ ବାଟେ ପବନ ଶରୀରର କେଉଁଠାକୁ ଗଲା ଓ କେଉଁଠାରୁ ବାହାରି ଆସିଲା ?




ଆମ ଛାତି ଭିତରେ  ଦୁଇଟି ଥଳୀ ଅଛି। ସେହି ଥଳୀଦ୍ୱୟକୁ **ଫୁସ୍‌ଫୁସ୍** କହୁ। ତାହା ଭିତରକୁ ପବନ ନାକ ଓ ଶ୍ୱାସନଳୀ ଦେଇ ଯାଏ ଓ ପୁଣି ସେହିବାଟେ ବାହାରି ଆସେ। ପବନ ନାକ ଭିତରକୁ ନେବାକୁ **ପ୍ରଶ୍ୱାସ** ଓ ବାହାରକୁ ଛାଡ଼ିବାକୁ **ନିଶ୍ୱାସ** କହୁ। ଏହି କ୍ରିୟା ଦ୍ୱାରା ଫୁସ୍‌ଫୁସ୍‌ରେ ରକ୍ତ ବିଶୁଦ୍ଧ ହୋଇଥାଏ।

**ତୁମେ ଜାଣିଛ, ତୁମେ ଶୋଇଥିଲା ବେଳେ ମଧ୍ୟ ଶ୍ୱାସକ୍ରିୟା ଚାଲିଥାଏ।**

ଉପର ଚିତ୍ର ଦେଖି ଖାଲିଘର ପୂରଣ କର।

ପ୍ରଶ୍ୱାସ ବାୟୁ ⟶ [ ନାକ ] ⟶ [   ] ⟶ [   ]


ନିଃଶ୍ୱାସ ବାୟୁ ⟶ [ ଫୁସ୍‌ଫୁସ୍ ] ⟶ [   ] ⟶ [   ]

# ରକ୍ତ ସଞ୍ଚାଳନ

ଦେହର କୌଣସି ଅଙ୍ଗ କଟିଗଲେ ଦେହରୁ ରକ୍ତ ବାହାରେ । ଏଥିରୁ ଜାଣିଲେ ଆମ ଦେହ ଭିତରେ ପ୍ରତ୍ୟେକ ଅଂଶରେ ରକ୍ତ ଅଛି । ଆମ ଶରୀର ଭିତରେ ଏହି ରକ୍ତ କିପରି ଚଳାଚଳ କରେ, ଆସ ସେ ବିଷୟରେ ଜାଣିବା ।



ତୁମ ସାଙ୍ଗର ଛାତିରେ କାନ ରଖ । କ'ଣ ଶୁଣୁଛ ? ଏହି ଧକ୍ ଧକ୍ ଶବ୍ଦ **ହୃତପିଣ୍ଡର ସ୍ପନ୍ଦନ**। ଏହି ଶବ୍ଦ ହୃତପିଣ୍ଡ ପ୍ରସାରିତ ଓ ସଙ୍କୁଚିତ ହେବାରୁ ସୃଷ୍ଟି ହୋଇଥାଏ। ହୃତପିଣ୍ଡଟି ଛାତିର ମଧ୍ୟଚ୍ଛେଦା ଉପରକୁ ଦୁଇ ଫୁସ୍‌ଫୁସ୍ ମଝିରେ ବାମକୁ ମାଡ଼ି ଅବସ୍ଥିତ। ଏବେ ହାତରେ ଥିବା ନାଡ଼ିକୁ ଚିପିଧର ଓ କ'ଣ ଅନୁଭବ କରୁଛ, କହ ।



ନାଡ଼ିରେ ଯେତିକି ଥର ସ୍ପନ୍ଦନ ହୁଏ, ହୃତପିଣ୍ଡରେ ସେତିକି ଥର ସ୍ପନ୍ଦନ ହୁଏ। ଏହି ନାଡ଼ି ହେଉଛି ଗୋଟିଏ ରକ୍ତନଳୀ। ଏହା ଶରୀରର ସବୁ ଅଂଶରେ ବିଛାଇ ହୋଇ ରହିଛି। ଏହିପରି କେତେଗୁଡ଼ିଏ ରକ୍ତନଳୀ ହୃତପିଣ୍ଡ ସହିତ ସଂଯୁକ୍ତ ହୋଇଛି । ଏହି ରକ୍ତନଳୀଗୁଡ଼ିକରେ ଆମ ଶରୀରର ରକ୍ତ ଯିବା ଆସିବା କରେ। ହୃତପିଣ୍ଡ ଗୋଟିଏ ପମ୍ପ ଭଳି କାର୍ଯ୍ୟ କରିଥାଏ। ଏହା ଶରୀରର ବିଭିନ୍ନ ଅଂଶର ଦୂଷିତ ରକ୍ତ ଟାଣି ଆଣି ବିଶୁଦ୍ଧ ହେବା ପାଇଁ ଫୁସ୍‌ଫୁସ୍‌କୁ ପଠାଏ। ପୁଣି ଫୁସ୍‌ଫୁସ୍‌ରୁ ବିଶୁଦ୍ଧ ରକ୍ତ ଆଣି ଶରୀରର ସମସ୍ତ ଅଙ୍ଗକୁ ପଠାଇଥାଏ। ଯେଉଁ ନାଡ଼ି ଦେଇ ରକ୍ତ ହୃତପିଣ୍ଡକୁ ଆସେ ତାକୁ **ଶିରା** କୁହାଯାଏ। ଯେଉଁ ନାଡ଼ି ଦେଇ ରକ୍ତ ହୃତପିଣ୍ଡରୁ ଶରୀରର ବିଭିନ୍ନ ଅଂଶକୁ ଯାଏ, ତାକୁ ଧମନୀ କହନ୍ତି ।

ଆମେ ଶୋଇଥିଲା ବେଳେ ମଧ୍ୟ ହୃତ୍‌ପିଣ୍ଡ କାମ କରୁଥାଏ ।

## ଅଭ୍ୟାସ

୧. ମିଳାଇ ଲେଖ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| <u>ଅଙ୍ଗର ନାମ</u> | <u>ଅଙ୍ଗ ସଂପର୍କିତ କାର୍ଯ୍ୟ</u> |
| ଫୁସ୍‌ଫୁସ୍ | ରକ୍ତ ଚଳାଚଳ |
| ହୃତପିଣ୍ଡ | ଜଳ ନିଷ୍କାସନ |
| ପାକସ୍ଥଳୀ | ଶ୍ୱାସକ୍ରିୟା |
| | ବଂଶବୃଦ୍ଧି |
| | ପରିପାକ |

୨. କହି ପାରିବ କି ?

(କ) ଡାକ୍ତର ରୋଗୀର ନାଡ଼ି ଚିପି ଧରନ୍ତି କାହିଁକି ?

(ଖ) ତୁମ ହୃତ୍‌ପିଣ୍ଡର ସ୍ପନ୍ଦନ ସବୁବେଳେ ସମାନ ରହେ କି ?

(ଗ) କେତେବେଳେ ହୃତପିଣ୍ଡର ସ୍ପନ୍ଦନ ଅଧିକ ହୁଏ ?

(ଘ) ତୁମ ଦେହର କେଉଁ ଅଙ୍ଗଗୁଡ଼ିକ ସବୁବେଳେ କାମ କରୁଥାଆନ୍ତି ?

୩ (କ) ପରିପାକ କ୍ରିୟାର ଅଙ୍ଗଗୁଡ଼ିକର ନାମ ଲେଖ । ____________

(ଖ) ଶ୍ୱାସକ୍ରିୟା ସହ ଜଡ଼ିତ ଅଙ୍ଗଗୁଡ଼ିକର ନାମ ଲେଖ। ____________

(ଗ) ରକ୍ତ ସଞ୍ଚାଳନ ସହ ଜଡ଼ିତ ଅଙ୍ଗଗୁଡ଼ିକର ନାମ ଲେଖ। ____________

୪. ଶୂନ୍ୟସ୍ଥାନ ପୂରଣ କର।

(କ) ଆମ ରକ୍ତ ବିଶୁଦ୍ଧ କରିବା ଅଙ୍ଗ ହେଉଛି ......................।

(ଖ) .................... ଗୋଟିଏ ପମ୍ପ ଭଳି କାମ କରେ।

(ଗ) ହୃତ୍‌ପିଣ୍ଡ ............. ରକ୍ତକୁ ଟାଣି ଆଣେ ଓ ............. ରକ୍ତକୁ ଶରୀରର ବିଭିନ୍ନ ଅଂଶକୁ ପଠାଏ।

(ଘ) ନାଡ଼ିରେ ................ ପ୍ରବାହିତ ହେଉଥାଏ।

୫. ତୁମ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡିକର ନାମ ଲେଖ।

୬. ଶରୀରର ବିଭିନ୍ନ ଅଙ୍ଗର ଚିତ୍ର ସଂଗ୍ରହ କରି ଖାତାରେ ଲଗାଅ ।

# ନବମ ପାଠ


## ବସ୍ତୁ




ଚିତ୍ରରେ ଥିବା କେଉଁ କେଉଁ ଜିନିଷ ତୁମ ଘରେ ଅଛି ସେଗୁଡ଼ିକର ନାମ ଲେଖ ।

ତୁମ ଘରେ ଥିବା ଜିନିଷ ଯାହା ଏ ଚିତ୍ରରେ ନାହିଁ ସେଗୁଡ଼ିକର ନାମ ଲେଖ ।

ତୁମ ଅଞ୍ଚଳରେ ମିଳୁଥିବା ବିଭିନ୍ନ ବସ୍ତୁର ନାମ, ତାହାର ରଙ୍ଗ ଅନୁଯାୟୀ ତଳେ ଥିବା ଗୋଲେଇ ଚାରିପଟେ ଲେଖ ।






ଗୋଟିଏ ଗ୍ଲାସରେ ପାଣି ଓ ଗୋଟିଏ ଗ୍ଲାସରେ କ୍ଷୀର ଦିଆଯାଇଛି । ତୁମେ କିପରି ଦେଖିକରି ଜାଣିବ କେଉଁ ଗ୍ଲାସରେ କ୍ଷୀର ଓ କେଉଁ ଗ୍ଲାସରେ ପାଣି ଅଛି ?

**ବସ୍ତୁ ବିଭିନ୍ନ ରଙ୍ଗର ହୋଇଥାଏ । ରଙ୍ଗ ଦେଖି କେତେକ ବସ୍ତୁକୁ ଚିହ୍ନି ହୁଏ । ରଙ୍ଗ ବସ୍ତୁର ଏକ ଗୁଣ ।**

ତୁମେ ଗୋଟିଏ କଲରା ଓ ଗୋଟିଏ ଟମାଟୋକୁ ହାତରେ ଛୁଅଁ । କେଉଁଟି ହାତକୁ କିପରି ଲାଗିଲା ?

ତାଲିକା କରି ତଳ ସାରଣୀରେ ଲେଖ ।

| କଲରା ପରି ଖଦଡ଼ା ଲାଗୁଥିବା ଜିନିଷ | ଟମାଟୋ ପରି ଚିକ୍‌କଣ ଜିନିଷ |
|---|---|
| | |

ଟମାଟୋକୁ ଛୁଇଁଲେ ହାତକୁ ଯେପରି ଲାଗେ, ସେହିପରି ଲାଗୁଥିବା ଜିନିଷଗୁଡ଼ିକୁ **ଚିକ୍କଣ** ଓ କଲରା ହାତକୁ ଯେପରି ଲାଗେ, ସେହିପରି ଲାଗୁଥିବା ଜିନିଷଗୁଡ଼ିକୁ **ଖଦଡ଼ା** ଜିନିଷ ବୋଲି କୁହାଯାଏ ।

ମଝି ବାକ୍ସରେ କେତେଗୁଡ଼ିଏ ଜିନିଷର ନାମ ଲେଖାଯାଇଛି । ସେଥିମଧ୍ୟରୁ ଯେଉଁଗୁଡ଼ିକ ଖଦଡ଼ା ସେଗୁଡ଼ିକୁ କଲରା ଘରେ ଓ ଯେଉଁଗୁଡ଼ିକ ଚିକ୍କଣ ସେଗୁଡ଼ିକୁ ଟମାଟୋ ଘରେ ଲେଖ ।

| କଲରା | ବେଲୁନ୍, ମିଶ୍ରି, ବାଲି, ପାଉଡ଼ର | ଟମାଟୋ |
|---|---|---|
| | କାଙ୍କଡ଼, ଖମ୍ୱଆଳୁ, ବେସନ, | |
| | ସାବୁନ୍, ମାଙ୍କଡ଼ା ପଥର, | |
| | ଟାଇଲ, ଦର୍ପଣ, କାଚଗୋଲି, | |
| | ସୋରିଷ ତେଲ, ଶିଳ, ଶିଳପୁଆ, ଚକିପେସା, | |
| | ଲହୁଣୀ, ଲୁଣ, ବେଲ, କମଳା, ଚିନି, ଇଟା, | |
| | କାକୁଡ଼ି, ବଲ୍ | |

ବସ୍ତୁଟି ଖଦଡ଼ା ବା ଚିକ୍କଣ ଜାଣିବା ପାଇଁ ବସ୍ତୁ ଉପରେ ଆଙ୍ଗୁଳି ଚଳାଇ ଅନୁଭବ କରିବାକୁ ହେବ । **ଖଦଡ଼ା ବା ଚିକ୍କଣ ଲାଗିବା ବସ୍ତୁର ଆଉ ଏକ ଗୁଣ** । ଏହି ଗୁଣ ଅନୁସାରେ ବସ୍ତୁ ଦୁଇ ପ୍ରକାରର– **ଚିକ୍କଣ ବସ୍ତୁ ଓ ଖଦଡ଼ା ବସ୍ତୁ ।**

ନିମ୍ନ କୋଠରୀରେ କେତୋଟି ଖଦଡା ବସ୍ତୁ ଓ ଚିକ୍‌ଣ ବସ୍ତୁର ଚିତ୍ର ସଂଗ୍ରହ କରି ଲଗାଅ ।

**ନରମ ଓ ଟାଣ** ଲାଗିବା ବସ୍ତୁର ଆଉ ଏକ **ଗୁଣ**। ଏହି ଗୁଣ ବା ଧର୍ମ ଅନୁସାରେ ବସ୍ତୁଗୁଡ଼ିକ ଦୁଇ ପ୍ରକାରର। ଯଥା **ଟାଣ ବସ୍ତୁ ଓ ନରମ ବସ୍ତୁ।**

ଚାଉଳ, ପଥର, ଛେନା, ତୂଳା, ଇଟା, କାଚଗୋଲି, ଫୁଲ, ସ୍ପଞ୍ଜ, ଗହମ, କାଠ, ଚକଟା ଅଟା, କାଦୁଅ, ଆଳୁ, ନଡ଼ିଆ ମଧ୍ୟରୁ କେଉଁଗୁଡ଼ିକ ନରମ ଓ କେଉଁଗୁଡ଼ିକ ଟାଣ ତଳେ ଖାଲିଘରେ ଲେଖ।

| ନରମ ବସ୍ତୁ | ଟାଣ ବସ୍ତୁ |
|---|---|
| | |

ତୁମ ପରିବେଶରେ ଦେଖୁଥିବା ଜିନିଷଗୁଡ଼ିକ ମଧ୍ୟରୁ କେଉଁଟି ନରମ ଓ କେଉଁଟି ଟାଣ ତାଲିକା କର।

| ନରମ ବସ୍ତୁ | ଟାଣ ବସ୍ତୁ |
|---|---|
| | |

**ଶିକ୍ଷକଙ୍କ ପାଇଁ ସୂଚନା** – ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବରେ ତାଲିକା କରିସାରିବା ପରେ ଦଳରେ ବସି ଆଲୋଚନା କରିବେ। ପ୍ରତି ଦଳରୁ ଜଣେ ଲେଖାଏଁ ତାଲିକା ପଢ଼ିବେ। ଆବଶ୍ୟକସ୍ଥଳେ ସଂଶୋଧନ କରିବେ।

## ଅଭ୍ୟାସ

୧. ଯେଉଁଗୁଡ଼ିକର ରଙ୍ଗ ସମାନ, ସେଗୁଡ଼ିକୁ ଯୋଡ଼ ।

| | |
|---|---|
| ଆକାଶ | ମୁଣ୍ଡବାଳ |
| ପତ୍ର | କନିଅରଫୁଲ |
| ହଳଦୀବସନ୍ତ | ଶୁଆ |
| କୋଇଲି | ଚୂନ |
| ବଗ | ଗହମ |
| | ସମୁଦ୍ର |

୨. ତଳେ ଦିଆଯାଇଥିବା ସୂଚନା ଅନୁଯାୟୀ ବସ୍ତୁର ନାମ ଲେଖ ।

(କ) ତିନୋଟି ଖଦଡ଼ା ଓ ତିନୋଟି ଚିକ୍‌କଣ ବସ୍ତୁ

(ଖ) ତିନୋଟି ନରମ ଓ ତିନୋଟି ଟାଣ ବସ୍ତୁ



**ତୁମ ପାଇଁ କାମ -**

୧. ତୁମେ ମାଟିକୁ ପାଣିରେ ଚକଟ ଓ ଏହି ଚକଟା ମାଟିରୁ ତୁମ ପସନ୍ଦର ଗୋଟିଏ ଖଦଡ଼ା ଓ ଗୋଟିଏ ଚିକ୍‌କଣ ଜିନିଷ ତିଆରି କରି ସେଥିରେ ରଙ୍ଗ ଦିଅ ।

୨. ସଂଗ୍ରହ କର ଓ ସାଇତି ରଖ ।

(କ) ବିଭିନ୍ନ ରଙ୍ଗର ପକ୍ଷୀର ପର ଖାତାରେ ଅଠା ସାହାଯ୍ୟରେ ଲଗାଅ । ତଳେ ତାହାର ରଙ୍ଗ ଓ ତାହା କେଉଁ ପକ୍ଷୀର ପର ଲେଖ ।

(ଖ) ବିଭିନ୍ନ ରଙ୍ଗର ମଞ୍ଜି ଅଲଗା ଅଲଗା ଛୋଟ ଛୋଟ ଜରିରେ ଭର୍ତ୍ତିକର । କାଗଜରେ ମଞ୍ଜିର ନାମ ଲେଖି ଜରି ଭିତରେ ରଖ ଓ ଜରିର ମୁହଁକୁ ବନ୍ଦ କର ।

# ଜଳ

ତୁମେ ନିଜେ ସକାଳୁ ରାତି ପର୍ଯ୍ୟନ୍ତ ଜଳକୁ କେଉଁ କେଉଁ କାମରେ ବ୍ୟବହାର କର ତଳେ ଲେଖ ।

.................... .................... .................... ....................

.................... .................... .................... ....................

.................... .................... .................... ....................

ତୁମ ଘରେ ଆଉ କେଉଁ କେଉଁ କାମରେ ଜଳ ବ୍ୟବହାର କରାଯାଏ, ଲେଖ ।

.................... .................... .................... ....................

.................... .................... .................... ....................



ଜଳର ଅନ୍ୟାନ୍ୟ ବ୍ୟବହାରଗୁଡ଼ିକୁ ଚିତ୍ର ଦେଖି ଲେଖ । ________________________

________________________________________________

### ଜଳକୁ ପ୍ରାଣୀ ଓ ଉଦ୍ଭିଦ ଉଭୟ ବ୍ୟବହାର କରିଥାଆନ୍ତି ।

**ଆମ ଶରୀର ଓଜନର ପ୍ରାୟ ୭୦ ଭାଗ ହେଉଛି ଜଳ ।** ତରଳଝାଡ଼ା ହେଲେ ଦେହରୁ ଜଳୀୟ ଅଂଶ କମିଯାଏ । ଏଣୁ ସେ ସମୟରେ ଅଧିକ ପାଣି ପିଇବାକୁ ଦିଆଯାଏ ।


**ପରୀକ୍ଷାଟିଏ କର**

ଦୁଇଟି ମାଟିକୁଣ୍ଡ ନିଅ । ପ୍ରତ୍ୟେକରେ ଗୋଟିଏ ଗୋଟିଏ ଛୋଟ ଗଛ ଲଗାଅ । ଗୋଟିଏ କୁଣ୍ଡରେ ପ୍ରତିଦିନ ପାଣିଦିଅ, ଅନ୍ୟଟିରେ ପାଣି ଦିଅ ନାହିଁ । ଦୁଇ ତିନିଦିନ ପରେ ଦେଖିବ ପାଣି ପାଉଥିବା ଗଛଟି ସତେଜ ଅଛି ଓ ବଢ଼ିଛି । କିନ୍ତୁ ପାଣି ନ ପାଇଥିବା କୁଣ୍ଡର ଗଛଟି ଝାଉଁଳି ପଡ଼ି ମରିଯାଇଛି । ଏଥିରୁ କ'ଣ ଜାଣିଲ ? ଗଛ ପାଣି ନ ପାଇଲେ ବଞ୍ଚିବ ନାହିଁ । ସେହିପରି ପ୍ରାଣୀମାନେ ମଧ୍ୟ ଜଳ ନ ପାଇଲେ ବଞ୍ଚି ପାରିବେ ନାହିଁ ।


କୁଣ୍ଡରେ ପାଣି ପ୍ରତ୍ୟେକ ଦିନ ଦିଆଯାଉଛି ।
କୁଣ୍ଡରେ ପ୍ରତ୍ୟେକ ଦିନ ଦିଆଯାଉ ନାହିଁ ।

ତା'ହେଲେ ଆମେ ଜାଣିଲେ ଯେ ଗଛଲତା, ପଶୁପକ୍ଷୀ ଓ ମଣିଷ କେହି ଜଳ ବିନା ବଞ୍ଚିପାରିବେ ନାହିଁ । **ଏଣୁ ଜଳର ଅନ୍ୟ ନାମ ଜୀବନ ।**

ଏବେ ତମେ ଚିନ୍ତା କର । ଏତେ ଜଳ ଆମେ କେଉଁଠାରୁ ପାଉ ? ଯଦି ଦେଖିଛ ଓ ଜାଣିଛ ତେବେ ତଳେ ଲେଖ ।





ଚିତ୍ରଗୁଡ଼ିକରେ କ'ଣ ଦେଖୁଛ ଲେଖ ।

______________________ ______________________

______________________ ______________________

ତା'ହେଲେ ସମୁଦ୍ର, ନଈ ଓ ପୋଖରୀର ଜଳ ସୂର୍ଯ୍ୟକିରଣଦ୍ୱାରା ଉତ୍ତପ୍ତ ହେଲେ ବାଷ୍ପ ହୋଇ ଉପରକୁ ଉଠିଯାଇ ଆକାଶରେ ମେଘ ଗଠନ କରେ । ସେହି ମେଘରୁ ବର୍ଷା ହୋଇ ବର୍ଷା ଜଳ ପୃଥିବୀ ପୃଷ୍ଠରେ ପଡ଼େ । ବର୍ଷା ଜଳର କେତେକ ଅଂଶ ମାଟି ଭେଦି ମାଟିତଳକୁ ଯାଇ ସେଠାରେ ସଞ୍ଚିତ ହୋଇ ରହେ । ବାକି ଅଂଶତକ ନଦୀନାଳରେ ବହିଯାଇ ସମୁଦ୍ରରେ ପଡ଼େ ଓ ପୋଖରୀ, ଗାଡ଼ିଆରେ ଜମା ହୋଇ ରହେ ।

କୂଅ ବା ନଳକୂଅ ଦେଇ ମାଟିତଳେ ଥିବା ଜଳ ଆମେ ସଂଗ୍ରହ କରିଥାଉ । ମାଟିତଳେ ଥିବା ଜଳ ବେଳେବେଳେ ଆପେ ଆପେ ଭୂପୃଷ୍ଠର ଫାଟବାଟେ ଉପରକୁ ଉଠିଆସି ବହିଯାଏ । ଏହାକୁ **ଝରଣା** କୁହାଯାଏ । ଏହି ଝରଣା ଜଳକୁ ମଧ୍ୟ ଆମେ ସଂଗ୍ରହ କରି ବିଭିନ୍ନ କାମରେ ଲଗାଉ । ଆମେ ତେବେ ଜାଣିଲେ, ଜଳ ମାଟିତଳେ, ମାଟି ଉପରେ ଓ ଆକାଶରେ ମେଘରେ ଅଛି । ଏଣୁ **ଜଳର ଉତ୍ସଗୁଡ଼ିକ ହେଉଛି - କୂଅ, ପୋଖରୀ, ସମୁଦ୍ର, ହ୍ରଦ, କେନାଲ, ନଦୀ, ଝରଣା, ନଳକୂପ, ମେଘ ଓ** ମାଟିତଳେ ଥିବା ଜଳ ।

**ଜଳର ସ୍ଥାନୀୟ ଉତ୍ସ :-** ତୁମର ସାହି / ଗାଁରେ ଥିବା ଜଳର ଉତ୍ସଗୁଡ଼ିକୁ ମନେପକାଇ ତଳେ ଲେଖ ।

__________ __________ __________ __________



ଚିତ୍ରରେ - ତୁମେ କ'ଣ ଦେଖୁଛ ?

ତୁମେ ଏପରି କର କି ?

ଏହିଭଳି ପରିସ୍ଥିତିରେ ତୁମେ କ'ଣ କରିବ ?

ଶିକ୍ଷକଙ୍କ ପାଇଁ ସୂଚନା - ଚିତ୍ର ଦୁଇଟିକୁ ତୁଳନା କରି ଶ୍ରେଣୀରେ ଆଲୋଚନା କରିବେ ।

ଚିତ୍ରରେ ଦେଖା ହେଲା ଭଳି - ତୁମେ କଳ ତଳେ ମଗ ରଖି ବୁନ୍ଦା ବୁନ୍ଦା ପାଣି ସଂଗ୍ରହ କର ।



ଲକ୍ଷ୍ୟ କର - ମଗଟି ଭର୍ତ୍ତିହେବା ପାଇଁ କେତେ ସମୟ ଲାଗୁଛି ? ____________________

କେତେ ମଗ୍ ପାଣିରେ ବାଲ୍‌ଟି ଭର୍ତ୍ତି ହେଉଛି ? ____________________

**ହିସାବ କରି ଦେଖ :** ଏକ ଘଣ୍ଟାରେ କେତେ ମଗ୍ ପାଣି ନଷ୍ଟ ହୋଇଛି । ତାହେଲେ ଗୋଟିଏ ଦିନରେ କେତେ ପାଣି ନଷ୍ଟ ହେଉଛି । ଏମିତି ଦଶଟି କଳରେ କେତେ ପାଣି ନଷ୍ଟ ହେଉଥିବ ?

ଜଳକୁ ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ବ୍ୟବହାର କରିଥାଆନ୍ତି । ଆମେ ମନଇଚ୍ଛା ଜଳ ବ୍ୟବହାର କରିଥାଉ । ଫଳରେ ଦିନକୁ ଦିନ ପୃଥିବୀରୁ ଜଳ କମିଯାଉଛି । ଅର୍ଥାତ୍ କୂଅ, ପୋଖରୀ, ହ୍ରଦ, ସମୁଦ୍ର, ନଦୀ, ଝରଣା, ନଳକୂପ ଓ ମାଟିତଳ ଜଳ କମିଯାଇ ଆସ୍ତେ ଆସ୍ତେ ଶୁଖିଯିବ । ଏଥିପାଇଁ ଆମେ ସମସ୍ତେ ସଚେତନ ହେବା ଉଚିତ । କେବଳ ଦରକାର ଅନୁଯାୟୀ ଜଳ ବ୍ୟବହାର କରିବା, ପାଣିକଳ ଖୋଲାଥିଲେ ତାକୁ ବନ୍ଦ କରିବା, ଅଯଥାରେ ପାଣି ଢାଳିବା ନାହିଁ, ଖୁବ୍ କମ୍ ପାଣିରେ ନିଜର ନିତ୍ୟକର୍ମ ସାରିବାକୁ ଅଭ୍ୟାସ କରିବା ।

ପାଣିର ଅଭାବ ହେଲେ କି କି ଅସୁବିଧା ହେବ ? ଲେଖ : ____________________

____________________

____________________

____________________

**ଶିକ୍ଷକଙ୍କ ପାଇଁ ସୂଚନା-** • ଉପର କାମଟିକୁ ଘରେ କରି ଆସିବା ପାଇଁ ପ୍ରତ୍ୟେକ ପିଲାଙ୍କୁ କହିବେ । ଶିକ୍ଷକ ଯେକୌଣସି ଗୋଟିଏ ପିଲାର ହିସାବକୁ ଉଦାହରଣ ଭାବେ କଳାପଟାରେ ଲେଖିବେ । ସେହି ଅନୁସାରେ ପ୍ରତ୍ୟେକ ପିଲା ନିଜ ନିଜର ହିସାବ କରିବେ ।
• ଶିକ୍ଷକ ଥରେ ବ୍ୟବହାର ହୋଇଥିବା ପାଣିକୁ ପୁନର୍ବାର ବ୍ୟବହାର କରିବା ବିଷୟରେ ପିଲାମାନଙ୍କ ସହିତ ଆଲୋଚନା କରିବେ ।

## ଅଭ୍ୟାସ

୧. ଜଳର ବ୍ୟବହାରଗୁଡ଼ିକ ଲେଖ ।

______________________________________________

______________________________________________

______________________________________________

୨. ଜଳ ବ୍ୟବହାରରେ କି କି ସାବଧାନତା ଅବଲମ୍ବନ କରିବ ଲେଖ ।

______________________________________________

______________________________________________

୩. ତୁମ ଗାଁ / ସାହିରେ କେଉଁଠାରୁ ଜଳ ଆଣ ?

______________ ______________ ______________

### ତୁମ ପାଇଁ କାମ -

୧. ଜଳ ବଞ୍ଚାଅ - ଖଣ୍ଡେ କାର୍ଡ୍‌ବୋର୍ଡ୍‌ରେ ଲେଖି ତାକୁ ହାତରେ ଧରି ତୁମେ ଦଳଗତଭାବେ ତୁମ ସାହି / ଗ୍ରାମରେ ବୁଲ । (ଏହି କାମ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ହେବ) ।

୨. ଖବର କାଗଜରେ 'ଜଳାଭାବ' ବିଷୟବସ୍ତୁକୁ ନେଇ ବାହାରୁଥିବା ଲେଖାଗୁଡ଼ିକୁ କାଟି ତୁମ ଖାତାରେ ଅଠାଦେଇ ଲଗାଅ । ଶ୍ରେଣୀରେ ଏହି ଲେଖା ଉପରେ ଆଲୋଚନା କର ।

୩. ଜଳ ସଂରକ୍ଷଣ ଦିବସ ତୁମ ବିଦ୍ୟାଳୟରେ ପାଳନ କର ।



# ଜଳ ଦୂଷିତ ହୁଏ କିପରି ?

କ'ଣ ହେବ ପରୀକ୍ଷା କରି ଖାଲି ଘରେ ଲେଖ ।

← ଜଳରେ ହାତ ବୁଡ଼ାଇଲେ

← ଜଳରେ ପଚା ସଢ଼ା ଜିନିଷ ମିଶିଲେ

← ଜଳରେ କାଠି କୁଟା ପକାଇଲେ

← ଜଳରେ ଧୂଳି ଓ ମାଟି ପକାଇଲେ



ଚିତ୍ର ଦେଖି ପୋଖରୀରେ ହେଉଥିବା କାମର ତାଲିକା କର ।

(୧) ଲୁଗା ସଫା କରିବା  (୩) ____________

(୨) ____________  (୪) ____________

ସେଗୁଡ଼ିକ ମଧ୍ୟରୁ କେଉଁ କେଉଁ କାମ ପୋଖରୀ ଜଳକୁ ଦୂଷିତ କରୁଛି ଲେଖ ।

ଶିକ୍ଷକଙ୍କ ପାଇଁ ସୂଚନା - ଶିକ୍ଷକ ଏକ ଗ୍ଲାସ ପାଣି ନେଇ ପରୀକ୍ଷାଟିକୁ କରିବେ ।

ଏବେ ଆଉ ଏକ ପୋଖରୀକୁ ଚିତ୍ରରେ ଦେଖିବା ।



ପୂର୍ବ ପୃଷ୍ଠା ଓ ଉପର ଚିତ୍ରରେ ଥିବା ପୋଖରୀ ମଧ୍ୟରୁ କେଉଁ ପୋଖରୀରେ ତୁମେ ଗାଧୋଇବାକୁ ପସନ୍ଦ କରିବ ଓ କାହିଁକି ଲେଖ ।

________________________________________

________________________________________

ନିମ୍ନଲିଖିତ କାରଣରୁ ପୋଖରୀ ଜଳ ଦୂଷିତ ହୁଏ ।

(୧) ପୋଖରୀ ହୁଡ଼ାରେ ଝାଡ଼ା ଫେରିଲେ

(୨) ପୋଖରୀରେ ନଳିତା ସଢ଼ାଇଲେ

(୩) ଲୁଗା ସଫା କଲେ

(୪) ଗୋରୁ, ମଇଁଷିକୁ ଗାଧୋଇ ଦେଲେ

(୫) ଶୌଚ ହେଲେ

(୬) ଦଳ ଓ ପଙ୍କ ସଫା ନ କଲେ

(୭) ପୋଖରୀ ହୁଡ଼ାରେ ବାସନ ମାଜିଲେ

(୮) ମାଛ ଚାଷପାଇଁ ଗୋବର ପିଡ଼ିଆ ଓ ମାଛ ଖାଦ୍ୟ ପୋଖରୀରେ ପକାଇଲେ

(୯) ପୋଖରୀ ହୁଡ଼ାରେ ଗଛ ଥିଲେ

(୧୦) ପୋଖରୀରେ ଅଳିଆ ଓ ଆବର୍ଜନା ପକାଇଲେ

(୧୧) ଗାଁ'ର ନାଳ ନର୍ଦ୍ଦମା ଓ ଗୁହାଳ ପାଣିକୁ ପୋଖରୀକୁ ଛାଡ଼ିଲେ



ଚିତ୍ର ଦେଖି ଲେଖ, କେଉଁ କେଉଁ କାରଣରୁ ନଦୀଜଳ ଦୂଷିତ ହୁଏ ? ____________

______________________________


______________________________

______________________________


______________________________

______________________________

କୂଅ ଜଳ କେଉଁ କାରଣରୁ ଦୂଷିତ ହୁଏ ଚିତ୍ରରେ ଥିବା ଲେଖାକୁ ପଢ଼ି ବାଛି କରି ନିଜ ଖାତାରେ ଲେଖ ।



ନଳକୂପ ଜଳ ଦୂଷିତ ହେବାର କାରଣ ଲେଖ।



କ'ଣ କଲେ ବିଭିନ୍ନ ଉତ୍ସର ଜଳ ଦୂଷିତ ହେବ ନାହିଁ ଚିନ୍ତା କରି ଲେଖ।

କୂଅ ଜଳ : ______________________

______________________

ପୋଖରୀ ଜଳ : ______________________

______________________

ନଦୀ ଜଳ : ______________________

______________________

## ଅଭ୍ୟାସ

୧. ଜଳ ଦୂଷିତ ହେବାର କାରଣ ଗୁଡ଼ିକ ଲେଖ।

______________________

______________________

______________________

______________________

______________________

______________________

______________________

୨. ତୁମ ବିଦ୍ୟାଳୟରେ ଥିବା ନଳକୂପର ଜଳ ଦୂଷିତ ନହେବା ପାଇଁ ତୁମେ କ'ଣ କରିବ, ଲେଖ ।

୩. କୂଅରେ ବ୍ଲିଚିଂ ପାଉଡ଼ର / ଫିଟିକିରି / କ୍ଲୋରିନ କାହିଁକି ପକାଯାଏ ?



**ତୁମପାଇଁ କାମ -**

ତୁମେ ତୁମ ଅଞ୍ଚଳରେ ଥିବା କୂଅ, ନଳକୂଅ ବା ପୋଖରୀ ପାଖକୁ ଯାଇ, ସେଠିକାର ଜଳ କିପରି ଦୂଷିତ ହେଉଛି, ଖାତାରେ ଲେଖିକରି ଆଣ ଓ ଶ୍ରେଣୀରେ ଆଲୋଚନା କର ।



## ଦଶମ ପାଠ

# ପୃଥିବୀ ଓ ଆକାଶ

ଶ୍ରେଣୀକୋଠରି ବା ଘର ବାହାରକୁ ଯାଇ ଆକାଶକୁ ଟିକେ ଅନାଅ । ଦିନରେ ଆକାଶରେ କ'ଣ ଦେଖ ଲେଖ । .................................................................................................

ରାତିରେ ଆକାଶରେ କ'ଣ ଦେଖ ଲେଖ । ..........................................................

ଗଛଲତା, ପଶୁପକ୍ଷୀ ଓ ଆମେ ସମସ୍ତେ ପୃଥିବୀରେ ରହୁଛୁ । ଆଜି ଆମେ ଏହି ସୂର୍ଯ୍ୟ ଓ ପୃଥିବୀ ବିଷୟରେ ଜାଣିବା ।




**ସୂର୍ଯ୍ୟ** ଆଲୋକ ଦେଉଥିବା ଗୋଟିଏ ଉତପ୍ତ ଜ୍ୱଳନ୍ତ ପିଣ୍ଡୁଳା । ଏହାକୁ ନକ୍ଷତ୍ର କହୁ । **ପୃଥିବୀ** ସୂର୍ଯ୍ୟର ଗୋଟିଏ ଗ୍ରହ । **ଚନ୍ଦ୍ର** ପୃଥିବୀର ଗୋଟିଏ ଉପଗ୍ରହ । ଚନ୍ଦ୍ର ପୃଥିବୀ ଚାରିପଟେ ଘୂରୁଛି । ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି । ପୃଥିବୀ ଓ ଚନ୍ଦ୍ରର ନିଜର ଆଲୋକ ନାହିଁ । ଏଗୁଡ଼ିକ ସୂର୍ଯ୍ୟର ଆଲୋକରେ ଆଲୋକିତ ହୋଇଥାଆନ୍ତି । ପୃଥିବୀ ମଧ୍ୟ ସବୁବେଳେ ନଟୁ ଭଳି ଘୂରୁଛି ।

ଚିତ୍ରରେ ଦେଖ । **ପୃଥିବୀ ଗୋଟିଏ ଅଣ୍ଡାକାର ପଥରେ ସୂର୍ଯ୍ୟ ଚାରିପଟେ ଘୂରୁଛି । ଏହି ପଥକୁ ପୃଥିବୀର 'କକ୍ଷ' କୁହାଯାଏ । ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରିବା ଫଳରେ ପୃଥିବୀରେ ଋତୁ ପରିବର୍ତ୍ତନ ହୋଇଥାଏ । ଗ୍ରୀଷ୍ମ, ଶୀତ, ବର୍ଷା ଭଳି ବିଭିନ୍ନ ଋତୁ** ହୋଇଥାଏ । ଏ ବିଷୟରେ ଉପର ଶ୍ରେଣୀରେ ଅଧିକ ଜାଣିବ । ଆଉ ମଧ୍ୟ ସୂର୍ଯ୍ୟ କିରଣ ଯୋଗୁ ପୃଥିବୀରେ ଦିନ ହୁଏ ଓ ପୃଥିବୀ ଉତ୍ତାପ ପାଇଥାଏ । ଏହି ଉତ୍ତାପ ନ ପାଇଥିଲେ ପୃଥିବୀ ଏତେ ଶୀତଳ ହୋଇଥାନ୍ତା ଯେ ଆମେ କେହି ବଞ୍ଚିପାରି ନଥାନ୍ତେ । କାରଣ ପୃଥିବୀ ହେଉଛି ଗୋଟିଏ ମାଟି ଓ ଜଳଥିବା ଶୀତଳ ପିଣ୍ଡୁଳା ।

ସୂର୍ଯ୍ୟ ଉଦୟ ହେବା ଓ ଅସ୍ତ ହେବା କଥାରୁ ଆମକୁ ଲାଗେ ଯେ, ସୂର୍ଯ୍ୟ ଘୂରୁଛି, ପୃଥିବୀ ସ୍ଥିର ଅଛି । ମାତ୍ର ଏହା ସତ୍ୟ ନୁହେଁ । କାରଣ ତୁମେ ଚଳନ୍ତା ରେଳଗାଡ଼ି ବା ମଟରରେ ବସି ଗଲାବେଳେ ରାସ୍ତା କଡ଼ରେ ଥିବା ଗଛଲତା ଓ ଘର ସବୁ ଗତି କରୁଥିଲା ପରି ଜଣାଯାଏ । ପ୍ରକୃତରେ ସେଗୁଡ଼ିକ ସ୍ଥିର ଓ ତୁମେ ଗତି କରୁଥାଅ । ଠିକ ସେହିଭଳି ସୂର୍ଯ୍ୟ ସ୍ଥିର । ପୃଥିବୀ ନଟୁଭଳି ଘୂରୁଥିବାରୁ ସୂର୍ଯ୍ୟ ଗତିକଲାଭଳି ଜଣାପଡ଼େ । ପୃଥିବୀ ସବୁବେଳେ ପଶ୍ଚିମରୁ ପୂର୍ବକୁ ନଟୁ ଭଳି ଘୂରୁଥିବାରୁ ସୂର୍ଯ୍ୟ ପୂର୍ବରୁ ପଶ୍ଚିମକୁ ଗତି କରୁଥିବା ଭଳି ଆମକୁ ଜଣାପଡ଼େ । ସୂର୍ଯ୍ୟ ପୂର୍ବଦିଗରେ ଉଦୟ ହୋଇ ପଶ୍ଚିମରେ ଅସ୍ତ ଯାଆନ୍ତି ବୋଲି ଜାଣୁ । କିନ୍ତୁ ପ୍ରକୃତରେ ସୂର୍ଯ୍ୟ ସ୍ଥିର ଓ ତାଙ୍କର ଉଦୟ ବା ଅସ୍ତ ନାହିଁ । ପୃଥିବୀ ଘୂରୁଥିବାରୁ ସକାଳ ହେଲେ ଆମେ ସୂର୍ଯ୍ୟଙ୍କୁ ଦେଖୁ ଓ ସୂର୍ଯ୍ୟ ଉଦୟ ହେବା କହୁ ।

**ପୃଥିବୀର ଆକାର :**






ଉପର ଚିତ୍ରଗୁଡ଼ିକୁ ଦେଖ । ଗ୍ଲୋବ ଓ କମଳା ଲେମ୍ବୁର ଚିତ୍ର ଦୁଇଟିକୁ ତୁଳନା କର । ଶ୍ରେଣୀକୁ ଗୋଟିଏ କମଳାଲେମ୍ବୁ ଆଣି ତାକୁ ଗ୍ଲୋବ୍ ସହିତ ତୁଳନା କର । କହ ପୃଥିବୀର ଆକାର କିପରି ?

ପୃଥିବୀର ଆକାର ଠିକ କମଳା ଲେମ୍ବୁ ପରି ଗୋଲ ଓ ଦୁଇପ୍ରାନ୍ତ ଟିକେ ଚେପ୍‌ଟା ।


ପରୀକ୍ଷା କର –



ଗୋଟିଏ ମାଟି ହାଣ୍ଡି ଆଣ । ତା'ର ବାହାର ପଟ ଦେଖ ଓ ତାଉପରେ ଆଙ୍ଗୁଳି ବୁଲାଇ ଦେଖ ତାହା କେଉଁ ଆକାରର । ହାଣ୍ଡିର ତଳପଟ ଗୋଲାକାର । ତଳପଟ ଭାଙ୍ଗିଦିଅ । ସେଥିରୁ ଖଣ୍ଡେ ଖପରା ସଂଗ୍ରହ କର । ଦେଖ ଏହା ଗୋଲ ଦେଖାଯାଉଛି ନା ସମତଳ ଦେଖାଯାଉଛି ?


ଦେଖିବ, ସେ ଖପରା ଖଣ୍ଡକର ଉପର ସମତଳ ଯଦିଓ ଏହା ଏକ ଗୋଲାକାର ହାଣ୍ଡିର ଅଂଶ । ସେହିଭଳି ପୃଥିବୀ ଏକ ବିଶାଳ ଗୋଲକ । ଆମେ ବାସ କରୁଥିବା ଅଂଚଳଟି ପୃଥିବୀର ଖୁବ୍ ଛୋଟ ଅଂଶ ହୋଇଥିବାରୁ, ପୃଥିବୀର ଏହି ଅଂଶଟି ଆମକୁ ସମତଳ ଲାଗୁଛି । ପୃଥିବୀ ଗୋଲ ବୋଲି ଆମେ ଦେଖିପାରୁ ନାହିଁ ।

**ପୃଥିବୀର ଘୂର୍ଣ୍ଣନ ଓ ଦିନରାତି :**



**ତୁମ ପାଇଁ କାମ** - ଗୋଟିଏ ଗୋଲ ଆଳୁ ଆଣ । ତା' ଭିତର ଦେଇ ଗୋଟିଏ ଖଡ଼ିକା କାଠି ଚିତ୍ରରେ ଦେଖାଗଲା ଭଳି ପୂରାଅ, ଯେପରି କାଠିଟି ଆଳୁର ଉଭୟପଟେ ବାହାରିବ । ଏହା ଏକ ନଟୁଭଳି ହେବ । କାଠିକୁ ଧରି ଘୂରାଇଲେ ଆଳୁଟି ଘୂରିବା ଦେଖିବ । ଆଳୁଟି କାଠି ଚାରିପଟେ ଘୂରୁଛି । କାଠିଟି ଆଳୁର ଅକ୍ଷ ଭଳି । ଏଣୁ ଆଳୁଟି ତାର ଅକ୍ଷ (କାଠି) ଚାରିପଟେ ନଟୁ ଭଳି ଘୂରିଲା । ଏହିପରି ପୃଥିବୀର ଗୋଟିଏ ଅକ୍ଷ ଅଛି, ଯାହାକୁ ଆମେ ଦେଖିପାରୁ ନାହିଁ । ସେହି ଅକ୍ଷ ଚାରିପଟେ ପୃଥିବୀ ସବୁବେଳେ ନଟୁ ଭଳି ଘୂରୁଛି । ପୃଥିବୀ ଥରେ ନିଜ ଅକ୍ଷ ଚାରିପଟେ ଘୂରିବାକୁ ୨୪ ଘଣ୍ଟା ସମୟ ଲାଗେ ।

**ପରୀକ୍ଷାଟିକୁ ନିଜେ କର ।**



ଗ୍ଲୋବ୍‌ଟିଏ ଓ ମହମବତୀଟିଏ ଆଣି ଟେବୁଲ ଉପରେ ବା ଚଟାଣରେ ରଖ । ମହମବତୀଟିକୁ ଜଳାଅ । ଗ୍ଲୋବ୍‌ଟିକୁ ମହମବତୀ ଆଗରେ ଆଣି ରଖ । ଶ୍ରେଣୀଗୃହର ଝରକା କବାଟ ବନ୍ଦକର । କ'ଣ ଦେଖୁଛ ?

ଗ୍ଲୋବଟିର ସମସ୍ତ ଅଂଶ ଏକାବେଳକେ ଆଲୋକିତ ହେଉଛି କି ? ଯଦି ନାଁ  କାହିଁକି ? ଲେଖ ।

ଗ୍ଲୋବର ଯେଉଁ ଅଂଶତକ ଆଲୋକିତ ହୋଇଥିଲା, ସେହି ଅଂଶଟିକୁ ଧଳାକାଗଜରେ ଅଠାଦେଇ ଘୋଡ଼ାଇଦିଅ । ଗ୍ଲୋବଟିକୁ ଧୀରେ ଧୀରେ ଘୂରାଅ । ଦେଖ ଧଳାକାଗଜ ଲାଗିଥିବା 'କ' ଅଂଶ ଧୀରେ ଧୀରେ ମହମବତୀ ସାମନାରୁ ଚାଲି ଯାଉଛି । ଧଳା କାଗଜ ନ ଲାଗିଥିବା ଅଂଶ ମହମବତୀ ସାମନାକୁ ଆସୁଛି ଓ ଆଲୋକିତ ହେଉଛି । ଏହି ସମୟରେ ଧଳା କାଗଜ ଲାଗିଥିବା ଅଂଶରେ ଆଲୋକ ପଡୁନି । ଏଣୁ ସେଠାରେ ଅନ୍ଧାର ହୋଇଛି । ପୁଣିଥରେ ଗ୍ଲୋବଟିକୁ ଘୂରାଇଲେ ଦେଖିବ ଧଳା କାଗଜ ଲାଗିଥିବା ଅଂଶ ମହମବତୀ ସାମନାକୁ ଆସି ପୁଣି ଆଲୋକିତ ହେଉଛି । ଏପରି କାହିଁକି ହେଉଛି ? ଲେଖ ।

ଏଠାରେ ଗ୍ଲୋବଟି ପୃଥିବୀର ପ୍ରତିରୂପ ବା ମଡ଼େଲ୍ । ପୃଥିବୀ ଯେପରି ନିଜ ଅକ୍ଷ ଚାରିପଟେ ଘୂରିବା ସଂଗେ ସଂଗେ ସୂର୍ଯ୍ୟଙ୍କଠାରୁ ଆଲୋକ ପାଏ, ଗ୍ଲୋବଟି ସେହିପରି ନିଜ ଅକ୍ଷ ଚାରିପାଖରେ ଘୂରୁଛି ଓ ମହମବତୀ ସୂର୍ଯ୍ୟଙ୍କ ପରି ଆଲୋକ ଯୋଗାଉଛି । ଗ୍ଲୋବଟି ଗୋଲ ହୋଇଥିବାରୁ ତାହାର ସବୁ ଅଂଶ ଏକାବେଳେ ଆଲୋକିତ ହେଉନାହିଁ । ସେହିପରି ପୃଥିବୀ ଗୋଲ ହୋଇଥିବାରୁ ତାହାର ସବୁ ଅଂଶ ଏକାବେଳକେ ସୂର୍ଯ୍ୟାଲୋକରେ ଆଲୋକିତ ହୁଏନାହିଁ । ତେଣୁ ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରୁଥିବାରୁ ପୃଥିବୀର ଯେଉଁ ଅଂଶ ସୂର୍ଯ୍ୟଙ୍କ ସମ୍ମୁଖକୁ ଆସେ ସେଠାରେ ସୂର୍ଯ୍ୟ କିରଣ ପଡ଼ି ଆଲୋକିତ ହୋଇ **ଦିନ** ହୁଏ । ଠିକ ସେତିକିବେଳେ ପୃଥିବୀର ଅପରପାର୍ଶ୍ୱରେ ସୂର୍ଯ୍ୟାଲୋକ ପଡୁ ନ ଥିବାରୁ ସେଠାରେ ଅନ୍ଧାର ହୋଇ **ରାତି** ହୋଇଥାଏ । ପୃଥିବୀ ୨୪ ଘଣ୍ଟାରେ ଥରେ ନିଜ ଅକ୍ଷ ଚାରିପଟେ ଘୂରୁଥିବାରୁ ପୃଥିବୀର ଅଧେ ଅଂଶ ୧୨ ଘଣ୍ଟା ପାଇଁ ସୂର୍ଯ୍ୟ ସମ୍ମୁଖରେ ରହି ଆଲୋକିତ ହୋଇ ଦିନ ହୁଏ । ପୃଥିବୀର ଅନ୍ୟ ଅର୍ଦ୍ଧକ ଅଂଶ ସେହି ସମୟରେ ସୂର୍ଯ୍ୟଙ୍କ ଆଲୋକ ପାଉ ନ ଥିବାରୁ ସେଠାରେ ରାତି ହୋଇଥାଏ । ଏଣୁ ଦିନ ୧୨ ଘଣ୍ଟା ଓ ରାତି ୧୨ ଘଣ୍ଟା ହୋଇଥାଏ । ଦିନ ରାତି ମିଶି ଗୋଟିଏ ଦିନ ହୁଏ । ଏଣୁ ଦିନକ ୨୪ ଘଣ୍ଟା ହୋଇଥାଏ ।

ପୃଥିବୀ ଗୋଲ ହୋଇଥିବାରୁ ଓ ନିଜ ଅକ୍ଷ ଚାରିପଟେ ଘୂରୁଥିବାରୁ ଦିନ ରାତି ହୋଇଥାଏ ।

## ଅଭ୍ୟାସ

୧. କ'ଣ ହୋଇଥାଆନ୍ତା ?

(କ) ପୃଥିବୀର ଆକାର ଗୋଲ ହୋଇ ନଥିଲେ ? ______________________

(ଖ) ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରୁ ନଥିଲେ ? ______________________

(ଗ) ସୂର୍ଯ୍ୟଙ୍କଠାରୁ ଆଲୋକ ପାଉ ନ ଥିଲେ ? ______________________

୨. ଗୋଟିଏ ବାକ୍ୟରେ ଉତ୍ତରଲେଖ ।

(କ) ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ କି ସଂପର୍କ ଅଛି ? ______________________

(ଖ) ପୃଥିବୀ କେଉଁ ଦିଗରୁ କେଉଁ ଦିଗକୁ ଘୂରୁଛି ? ______________________

(ଗ) ଋତୁ ପରିବର୍ତ୍ତନ କେଉଁ କାରଣରୁ ହୁଏ ? ______________________

୩. ଭାବ ଓ ଲେଖ ।

(କ) ସୂର୍ଯ୍ୟ ନଥିଲେ କ'ଣ ହୁଅନ୍ତା ? ______________________

(ଖ) ଚନ୍ଦ୍ର ନଥିଲେ କ'ଣ ହୁଅନ୍ତା ? ______________________

(ଗ) ପୃଥିବୀ ଘୂରୁ ନଥିଲେ କ'ଣ ହୁଅନ୍ତା ? ______________________

(ଘ) ଆମକୁ ପୃଥିବୀ ସମତଳ ପରି ଲାଗେ କାହିଁକି ? ______________________

୪. ଠିକ ଉତ୍ତରରେ (✓) ଚିହ୍ନ ଦିଅ ।

(କ) ପୃଥିବୀର ଉପରିଭାଗ କିପରି ? (i) ସମତଳ (ii) ବକ୍ରତଳ (iii) ଚେପ୍ଟା

(ଖ) ପୃଥିବୀର ଆକାର କିପରି ?

(i) ଗୋଲାକାର (ii) ଗୋଲାକାର କିନ୍ତୁ କମଳାଲେମ୍ବୁ ପରି ଦୁଇପାଖ ଚେପ୍ଟା

(iii) ଅଣ୍ଡାକାର

(ଗ) କେଉଁଟି ଗୋଟିଏ ଗ୍ରହ ? (i) ସୂର୍ଯ୍ୟ (ii) ପୃଥିବୀ (iii) ଚନ୍ଦ୍ର

(ଘ) କେଉଁଟି ଘୂରୁ ନାହିଁ ? (i) ସୂର୍ଯ୍ୟ (ii) ପୃଥିବୀ (iii) ଚନ୍ଦ୍ର



ତୁମ ପାଇଁ କାମ - ମାଟି, ଗୋଲି ଓ କାଠି ସାହାଯ୍ୟରେ ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ରର ଗୋଟିଏ ମଡ଼େଲ ପ୍ରସ୍ତୁତ କର ।